ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 05 ♦ ISSUE- 04 ♦ CUTTACK ♦ WEEKLY ♦ 22 TO 28 - JANUARY 2024 ♦ 8 PAGE ♦ RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା - ୦୪ ♦ କଟକ ♦ ସାପ୍ତାହିକ ♦ ୨୨ ରୁ ୨୮ - ଜାନୁଆରୀ ୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା







**ଅଯୋଧ୍ୟା(ଏଜେନ୍ସି):** ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଜାନୁଆରୀ୨୨ରେ ଭବ୍ୟ ଉଦ୍ଘାଟନ ହେବ ଅଯୋଧ୍ୟାର ରାମ ମନ୍ଦିର। ରାମମନ୍ଦିର ତଥା ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା ପରେ ପୁନଃ ନିର୍ମାଣ ହେବ ରାମ ରାଜ୍ୟ। ଯେଉଁ ରାମ ରାଜ୍ୟ ପ୍ରତିଷ୍ଠା ନେଇ ବହୁ ଶାସ୍ତ୍ର ଉପନିଷେଦ ତଥା ଲୋକକଥା ରହିଛି। ଦେଶରେ ଘଟିବ ଏକ ଅଦ୍ଭୁତ ପରିବର୍ତ୍ତନ। ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ଭାରତ। ତେବେ ଯେଉଁ ରାମ ମନ୍ଦିର ନିର୍ମାଣ ପାଇଁ ବର୍ଷ ବର୍ଷର ପ୍ରତୀକ୍ଷା ରହିଥିଲା ସେହି ଭବ୍ୟ ରାମଲାଲା ମନ୍ଦିରର ନିର୍ମାଣ କାର୍ଯ୍ୟ ବିଷୟରେ ଜାଣିବା ପାଇଁ ଦେଶବାସୀଙ୍କ ଉତ୍ସୁକତା ରହିଛି। ତଥ୍ୟ ଅନୁଯାୟୀ ଉତ୍ତର ଭାରତୀୟ ନାଗର ଶୈଳୀରେ ନିର୍ମିତ ଏହି ମନ୍ଦିରର ଦୈର୍ଘ୍ୟ ୩୮୦ଫୁଟ(ପୂର୍ବ-ପଶ୍ଚିମ), ପ୍ରସ୍ଥ ୨୫୦ ଫୁଟ ଓ ଉଚ୍ଚତା ୧୬୧ ଫୁଟ ରହିଛି। ମନ୍ଦିରଟି ୩ ମହଲା ବିଶିଷ୍ଟ, ପ୍ରତ୍ୟେକ ମହଲାର ଉଚ୍ଚତା ୨୦ଫୁଟ। ମନ୍ଦିରରେ ୩୯୨ଟି ସ୍ତମ୍ଭ ଓ ୪୪ଟି ଦ୍ୱାର ରହିଛି, ୭ଟି ଗେଟ୍ ରହିଛି ପ୍ରବେଶ/ପ୍ରସ୍ଥାନ ପାଇଁ। ଏଥିରୁ ୧୪ଟି ହାର ସ୍ୱର୍ଣ୍ଣାଛାଦିତ, କବାଟଗୁଡିକ ମହାରାଷ୍ଟ୍ରରୁ ଆସିଥିବାସ୍ଥଳେ ଗ୍ରାନାଇଟ୍ ଆସିଛି କର୍ଣ୍ଣାଟକରୁ। ମନ୍ଦିର ଅଭ୍ୟନ୍ତର ଚଟାଣ, ଗର୍ଭଗୃହ ଓ ଚଉକାଠ ସବୁ ମକ୍ରାଣା ମାର୍ବଲରେ ପ୍ରସ୍ତୁତ। ପ୍ରଥମ ମହଲା ସ୍ଥିତ ଗର୍ଭଗୃହରେ ଏକ ସ୍ୱର୍ଣ୍ଣାଛାଦିତ ପୀଠ ଉପରେ ବିରାଜିବେ ବାଳୁତ (ପାଞ୍ଚ ବର୍ଷର)ରାମଲାଲା, କାରଣ ଏହି ପବିତ୍ର ଭୂମି ସ୍ୱୟଂ ପ୍ରଭୁଙ୍କର ଜନ୍ମସ୍ଥାନ। ୧ମ ମହଲା ସ୍ଥିତ ଗର୍ଭଗୃହରେ ଶ୍ରୀରାମ ଦରବାର ରହିଛି। ମନ୍ଦିରରେ ମୋଟ ୫ଟି ମଣ୍ଡପ ରହିଛି, ଯଥା:-ନୃତ୍ୟ ମଣ୍ଡପ, ରଙ୍ଗ ମଣ୍ଡପ, ସଭା ମଣ୍ଡପ, ପ୍ରାର୍ଥନା ମଣ୍ଡପ ଓ କୀର୍ତ୍ତନ ମଣ୍ଡପ। ସ୍ତମ୍ଭ ଏବଂ କାନ୍ଥମାନଙ୍କରେ ଦେବୀ, ଦେବତା ଓ ଦେବାଙ୍ଗନାମାନଙ୍କର ମୂର୍ତ୍ତି ଉତ୍ତୀର୍ଣ୍ଣ ହୋଇଛି। ମନ୍ଦିରକୁ ପ୍ରବେଶ ପାଇଁ ୩୨ଟି ସିଡି(ଉଚ୍ଚତା ୧୬.୫ ଫୁଟ)ଚଢି ସିଂହଦ୍ୱାର ଦେଇ ଯିବାକୁହେବ। ଦିବ୍ୟାଙ୍ଗ ଓ ବୟସ୍କମାନଙ୍କ ପାଇଁ ର୍ୟାମ୍ପ ଓ ଲିଫ୍ଟ ବ୍ୟବସ୍ଥା ଉପଲବ୍ଧ। ମନ୍ଦିରର ଚତୁର୍ଦ୍ଦିଗରେ ଥିବା ଆୟତାକାର ସୁରକ୍ଷା କାନ୍ଥର ଦୈର୍ଘ୍ୟ ୭୩୨

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▻



## ପତ୍ନୀ ଚାହିଁଲେ ସ୍ୱାମୀ ପରିବର୍ତ୍ତେ ପିଲାଙ୍କ ନାଁରେ କରିପାରିବେ ପେନ୍‌ସନ୍



**ନୂଆଦିଲ୍ଲୀ(ଏଜେନ୍ସି):** ଏଣିକି ସରକାରୀ ମହିଳା କର୍ମଚାରୀ ଚାହିଁଲେ ନିଜ ପେନ୍‌ସନ୍ ରାଶି ସ୍ୱାମୀ ପରିବର୍ତ୍ତେ ପିଲାଙ୍କ ନାଁରେ କରିପାରିବେ। କେନ୍ଦ୍ର ପକ୍ଷରୁ ଏଭଳି ଏକ ଘୋଷଣା କରାଯାଇଛି। ଏହାକୁ ଅନେକ ମହଲରେ ସ୍ୱାଗତ ମଧ୍ୟ କରାଯାଇଛି । ପୂର୍ବରୁ ନିୟମ ରହିଥିଲା ଯେ, ସ୍ୱାମୀଙ୍କ ଦେହାନ୍ତ ପରେ ପତ୍ନୀ ପାଇବେ ପେନ୍‌ସନ୍। ଆଉ ପତ୍ନୀ ଯଦି ସରକାରୀ ଚାକିରି କରିଥିବେ ତେବେ ତାଙ୍କ ଦେହାନ୍ତ ପରେ ସ୍ୱାମୀ ପାଉଥିଲେ ପେନ୍‌ସନ୍। ଏହା ଏକ ପ୍ରକାର ବିଧିବଦ୍ଧ ଭାବେ ଚାଲି ଆସୁଥିଲା। ହେଲେ ଏବେ ଏହି ନିୟମରେ ସାମାନ୍ୟ ସୁଧାର ଆସିଛି। କେନ୍ଦ୍ର ପକ୍ଷରୁ ଏହାକୁ ସୁଧାର କରାଯାଇଛି। ଏଣିକି ଯେଉଁ ମହିଳା ସରକାରୀ ଚାକିରି କରିଥିବେ, ସେ ଚାହିଁଲେ ତାଙ୍କ ଦେହାନ୍ତ ପରେ ସ୍ୱାମୀ ବଦଳରେ ପିଲାମାନେ ପେନ୍‌ସନ୍ ପାଇପାରିବେ। କେନ୍ଦ୍ରୀୟ ସିଭିଲ ସର୍ଭିସ ପେନ୍‌ସନ୍ ନିୟମ ୨୦୨୧ର ଆଇନ ୫୦ ଅନୁଯାୟୀ ସରକାରୀ କର୍ମଚାରୀଙ୍କ ଜୀବନ ସାଥି ହିଁ ପାଉଥିଲେ ପେନ୍‌ସନ୍। ଅର୍ଥାତ୍ ସ୍ୱାମୀଙ୍କ ପରେ ସ୍ତ୍ରୀ ଓ ସ୍ତ୍ରୀଙ୍କ ପରେ ସ୍ୱାମୀ ପାଇ ଆସୁଥିଲେ ପେନ୍‌ସନ୍। କିନ୍ତୁ ଏଥିରେ ଏବେ ସାମାନ୍ୟ ସୁଧାର ଅଣାଯାଇଛି। ମହିଳା କର୍ମଚାରୀ ଚାହିଁଲେ ନିଜର ନୋମିନି ନିଜେ ବାଛିପାରିବେ। ନୂଆ ନିୟମରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଜଣେ ମହିଳା ନିଜ ସ୍ୱାମୀଙ୍କ ପରିବର୍ତ୍ତେ ପିଲାଙ୍କୁ ପେନ୍‌ସନ୍ ନୋମିନି ଭାବେ ରଖିପାରିବେ। କାରଣ ବିଭିନ୍ନ ସମୟରେ ମହିଳାମାନେ ନିଜ ଶ୍ୱଶୁର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▻

## ମହାକାଶରୁ ରାମମନ୍ଦିର, ଇସ୍ରୋ ଜାରି କଲା ଫଟୋ



ରାମ ଲଲାଙ୍କ ହେବ ପ୍ରାଣ ପ୍ରତିଷ୍ଠା ପାଇଁ ଚାରିଆଡେ ଜୋରସୋରରେ ପ୍ରସ୍ତୁତି ଚାଲିଛି। ରାମମୟ ହୋଇଯାଇଛି ପୂରା ଅଯୋଧ୍ୟା ନଗରୀ। ଚାରିଆଡେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟ ହୋଇଛି। ଭବ୍ୟ ରାମ ମନ୍ଦିରକୁ ଦର୍ଶନ କରିବା ପାଇଁ ବହୁ ବଡ଼ ବଡ଼ ବ୍ୟକ୍ତି ଅଯୋଧ୍ୟାକୁ ପହଞ୍ଚି ସାରିଲେଣି। ଏହାରି ଭିତରେ ମହାକାଶରୁ ରାମ ମନ୍ଦିର କିଭଳି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▻




## ୩୦ଟି ଜିଲ୍ଲାରୁ ୮୦ଟି ସୁପର ପ୍ରିମିୟମ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ଚାଲିବ
## ପ୍ରଥମ ପର୍ଯ୍ୟାୟରେ ୧୨ଟି ଜିଲ୍ଲାରୁ ବସ୍‌ସେବା ଆରମ୍ଭ ହେଲା

**ଭୁବନେଶ୍ୱର(ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ ସେବାର ଶୁଭାରମ୍ଭ କରିଛନ୍ତି। ଏହି ବସ୍ଗୁଡିକ ଜିଲ୍ଲା ସଦରମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମା'ମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ରେ ଟିକେଟର ମୂଲ୍ୟ ମାତ୍ର ୫୦ ପ୍ରତିଶତ ରହିବ। ସେ କହିଥିଲେ ଯେ, ଲକ୍ଷ୍ମୀ ବସ୍ ଯୋଜନାରେ ମା'ମାନଙ୍କ ପାଇଁ ଟିକେଟ ଦାମ୍ ମାତ୍ର ୫ ଟଙ୍କା ରହିଛି। ଏହା ମା'ମାନଙ୍କ ପାଇଁ ବହୁ ସୁବିଧା ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୫ଟି ଉପକ୍ରମରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ସେବା ଯୋଜନା ଅଧିନରେ ଏହି ବସ୍ ସେବା ଆରମ୍ଭ ହୋଇଛି। ରାଜ୍ୟର ୩୦ଟି ଜିଲ୍ଲାରୁ ୮୦ଟି ସୁପର ପ୍ରିମିୟମ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଏହି ଯୋଜନାରେ ଚଳାଚଳ କରିବ। ଆଜି ପ୍ରଥମ ପର୍ଯ୍ୟାୟରେ ୧୨ ଜିଲ୍ଲାରୁ ଏହି ସେବା ଆରମ୍ଭ ହେଲା। ଏହି ଜିଲ୍ଲା ଗୁଡିକ ହେଲା- ବଲାଙ୍ଗିର, ବରଗଡ, ଗଞ୍ଜାମ, ଝାରସୁଗୁଡା, କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟବାସୀଙ୍କୁ ପୁରୀଧାମ ଆସି ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ଲାଭ କରିବା ପାଇଁ ଆମର ଏହି ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ସେବା ଆରମ୍ଭ ହୋଇଛି। ଆପଣମାନେ ସମସ୍ତେ ଏହାର ସୁଯୋଗ ନିଅନ୍ତୁ ଓ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରନ୍ତୁ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗତକାଲି ଲୋକାର୍ପଣ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ମନ୍ଦିରର ଆହୁରି ଶୋଭା ବର୍ଦ୍ଧନ ହେବା ସହିତ ପରିବେଶକୁ ଆହୁରି ଭକ୍ତିମୟ କରିଛି। ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ସୁବିଧା ଦର୍ଶନର ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆପଣମାନଙ୍କ ପାଇଁ ଆରାମଦାୟକ ବସ୍‌ସେବା ଆରମ୍ଭ ହେଲା। ଆପଣମାନେ ସୁବିଧାରେ ପୁରୀ ଆସି ମହାପ୍ରଭୁଙ୍କ କୃପା ଲାଭ କରିବେ ବୋଲି ମୋର ବିଶ୍ୱାସ ବୋଲି ସେ କହିଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଏବେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ପଦକ୍ଷେପ ନିଆଯାଉଛି। ଆମର ଲୋକପ୍ରିୟ ଲକ୍ଷ୍ମୀ ବସ ଯୋଜନାରେ ଆମେ ପଞ୍ଚାୟତକୁ ବ୍ଲକ ସଦର ମହକୁମା ସହିତ ଯୋଡ଼ିଛୁ। ଯୋଗାଯୋଗ କ୍ଷେତ୍ରରେ ଲକ୍ଷ୍ମୀ ବସ ଏବେ ରୂପାନ୍ତର ଆଣିଛି। ଜିଲ୍ଲା ସଦରମହକୁମାରୁ ଶ୍ରୀକ୍ଷେତ୍ରକୁ ସିଧା ସଳଖ ବସ୍ ବ୍ୟବସ୍ଥା ଦ୍ୱାରା ରାଜ୍ୟର ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ ହେବ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ଭକ୍ତ ଓ ଜଗନ୍ନାଥପ୍ରେମୀଙ୍କୁ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ଲାଭକରିବାର ସୌଭାଗ୍ୟ ଅର୍ଜନ କରିବାରେ ଏହି ବସ ସେବା ସହାୟତା ପ୍ରଦାନ କରିବ। ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆପଣମାନଙ୍କ ସହଯୋଗରେ ଓଡିଶା ବିକାଶର ଶିଖରରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିରରେ ଉପସ୍ଥିତ ଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଲେ ଯେ ସାଧାରଣ ଲୋକଙ୍କ ପ୍ରତିଶ୍ରୁତି ପୂରଣ କରିବାରେ ମୁଖ୍ୟମନ୍ତ୍ରୀଙ୍କର ତୁଳନା ନାହିଁ। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଏ କ୍ଷେତ୍ରରେ ଆଉ ଏକ ମାଇଲଷ୍ଟୋନ ବୋଲି ସେ କହିଥିଲେ। ସେ କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ସବୁ କାର୍ଯ୍ୟକ୍ରମ ମହିଳାମାନଙ୍କୁ ଅଧିକ ସଶକ୍ତ କରୁଛି। ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମର ମଙ୍ଗ ଧରି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▻

## ପାକିସ୍ତାନର ପାଲଟା ଜବାବ, ଇରାନର ଆତଙ୍କୀ ଠିକଣା ଉପରେ ଏୟାରଷ୍ଟ୍ରାଇକ୍



**ଇସଲାମାବାଦ (ଏଜେନ୍ସି):** ଇରାନ ଏୟାର୍ଷ୍ଟ୍ରାଇକ୍ର ପ୍ରତିଶୋଧ ନେଲା ପାକିସ୍ତାନ। ଦେଲା ପାଲଟା ଜବାବ। ଇରାନ୍ର ଅନେକ ଆତଙ୍କୀ ଠିକଣା ଉପରେ ପାକିସ୍ତାନ ଏୟାରଷ୍ଟ୍ରାଇକ୍ କରିଛି। ବାଲୁଚିସ୍ତାନ ଲିବରେସନ୍ ଫ୍ରଣ୍ଟ ଏବଂ ବାଲୁଚିସ୍ତାନ ଲିବରେସନ୍ ଆର୍ମି ପୋଷ୍ଟ ଉପରେ ପାକିସ୍ତାନ ଆକ୍ରମଣ କରିଥିବା କୁହାଯାଉଛି। ଇରାନ ମଙ୍ଗଳବାର ଦିନ ପାକିସ୍ତାନର ଜୈଶ ଅଲ-ଅଦଲ ଗୋଷ୍ଠୀର ମୁଖ୍ୟାଳୟ ଉପରେ କ୍ଷେପଣାସ୍ତ୍ର ମାଡ଼ କରିବା ସହ ଡ୍ରୋନ ଆକ୍ରମଣ କରିଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଆଜି ପାକିସ୍ତାନ ପକ୍ଷରୁ ମଧ୍ୟ ଇରାନର ଅନେକ ଆତଙ୍କୀ ଠିକଣା ଉପରେ ରକେଟ୍ ମାଡ଼ ହୋଇଛି। ତେବେ ବର୍ତ୍ତମାନ ସୁଦ୍ଧା ଏହି ଆକ୍ରମଣ ନେଇ ଇରାନ କିମ୍ବା ପାକିସ୍ତାନ ତରଫରୁ କୌଣସି ଅଫିସିଆଲ ସୂଚନା ଦିଆଯାଇ ନାହିଁ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଜୈଶ ଅଲ-ଅଦଲ ଗୋଷ୍ଠୀ ମୁଖ୍ୟାଳୟ ଉପରେ ହୋଇଥିବା ଆକ୍ରମଣକୁ ନେଇ ପରିଣାମ ଭୋଗିବ ବୋଲି ଚେତାବନୀ ଦେବାର ଗୋଟିଏ ଦିନ ପରେ ଇରାନ ଉପରେ ଆକ୍ରମଣ କରିଛି ପାକିସ୍ତାନ। ବିଏଲ୍ଏ ଆତଙ୍କବାଦୀ ଠିକଣାକୁ ଟାର୍ଗେଟ କରି ପାକିସ୍ତାନ ଆକ୍ରମଣ କରିଛି। ଇରାନରେ ବାଲୁଚିସ୍ତାନ ଲିବରେସନ୍ ଆର୍ମି (ବିଏଲ୍ଏ), ବାଲୁଚିସ୍ତାନ ଲିବରେସନ୍ ଫୋର୍ସ (ବିଏଲ୍ଏଫ୍) ପରି ବାଲୁଚି ବିଚ୍ଛିନ୍ନତାବାଦୀ ସନ୍ତ୍ରାସବାଦୀ ଗୋଷ୍ଠୀ ସକ୍ରିୟ ଅଛନ୍ତି। ଏମାନେ ପାକିସ୍ତାନ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ପାକିସ୍ତାନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▻

## ପଦବୀ ଚାଲି ଗଲାପରେ ଭୁଲିଗଲେ ସମସ୍ତେ
## ଦୟନୀୟ ଅବସ୍ଥାରେ ପୂର୍ବତନ କାଉନସିଲର

**ଜଳେଶ୍ୱର(ଏନ୍.ଏମ୍.):** ପୂର୍ବତନ କାଉନ୍ସିଲର ଏବେ ଦୟନୀୟ ସ୍ଥିତିରେ। ଯିଏ ଦିନେ ୱାର୍ଡସାରା ବୁଲି ଲୋକଙ୍କ ପାଖରେ ପହଞ୍ଚୁଥିଲେ, ବିକାଶମୂଳକ କାମ କରୁଥିଲେ; ଆଜି ସେ ରୋଗରେ ଶଯ୍ୟାଶାୟୀ। ସକାଳୁ ସକାଳୁ ଯାହାଙ୍କ ପାଖରେ ଲୋକଙ୍କ ଧାଡ଼ି ଲାଗୁଥିଲା, ଏବେ ତାଙ୍କୁ ଆହା ପଦେ କହିବା ପାଇଁ କାହା ପାଖରେ ସମୟ ନାହିଁ। କେବଳ ସେତିକି ନୁହେଁ, ଶାସନ ବ୍ୟବସ୍ଥାରେ ଲୋକଙ୍କ ପ୍ରତିନିଧିତ୍ୱ କରିଥିବା ମଣିଷଟି ପ୍ରତି ପ୍ରଶାସନିକ ଅବହେଳା ବିଡ଼ମ୍ବନାର ବିଷୟ। ୨୦୦୮ ମସିହାରେ ହୋଇଥିଲା ମ୍ୟୁନିସିପାଲିଟି ନିର୍ବାଚନ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନନ୍ଦିକାର ଅନ ହେମ୍ବ୍ରମଙ୍କ ପୁଅ ସମରାୟ ୧୩ ନମ୍ବର ୱାର୍ଡ କାଉନ୍ସିଲର ପଦ ପାଇଁ ବିଜେଡି ଟିକେଟ୍ରେ ନିର୍ବାଚନ ଲଢ଼ିଥିଲେ। ଲୋକପ୍ରିୟତା ଯୋଗୁଁ ସେ ସହଜରେ ବିଜୟୀ ହେଲେ। ଦାୟିତ୍ୱ ଗ୍ରହଣ କରିବା ପରେ ୱାର୍ଡସାରା ବୁଲି ଲୋକଙ୍କ ପାଖରେ ପହଞ୍ଚିଥିଲେ ଏବଂ ବିକାଶମୂଳକ କାମ କରିଥିଲେ। ତାଙ୍କ ସମୟରେ ଅନେକ ରାସ୍ତା ନିର୍ମାଣ ହୋଇଥିଲା। ସେହିପରି ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଶତାଧିକ ଲୋକ ଭତ୍ତା ଓ ରାସନ୍ କାର୍ଡ ପାଇଥିଲେ। ତାଙ୍କୁ କିଏ ଭାଇ ତ କିଏ ସାର୍ ଡାକୁଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି କରୁଥିଲେ। ହେଲେ ପଦ ଯିବା ପରେ ସମରାୟ ସମସ୍ତଙ୍କ ପାଇଁ ଅଲୋଡ଼ା ପାଲଟିଗଲେ। ଅର୍ଥାଭାବ ସାଙ୍ଗକୁ ଟିବି ରୋଗର ଜ୍ୱାଳା ତାଙ୍କୁ ତଳିତଳାନ୍ତ କରିପକାଇଛି। ସମରାୟ ଚଲାବୁଲା କରିପାରୁ ନାହାନ୍ତି। ଶରୀର ନିସ୍ତେଜ, ଜରାଜୀର୍ଣ୍ଣ। ପରିବାର ସହ ପଲିଥିନ୍ ଘୋଡ଼ା ଘରେ ଦୟନୀୟ ଅବସ୍ଥାରେ ରହୁଛନ୍ତି। ପରିବାର କହିଲେ, ୮୦ ବର୍ଷ ବୟସ୍କ ମାଆ ସୁଗୀ, ସାନପୁଅ ସୁନୀଲ (୧୩) ଏବଂ ବଡ଼ପୁଅ ଲୁବିନ (୧୮)। ପତ୍ନୀ କିଛି ବର୍ଷ ହେଲା ଘର ଛାଡ଼ି କେଉଁଆଡ଼େ ପଳାଇଥିବା ବେଳେ ବଡ଼ପୁଅ ଆନ୍ଧ୍ରପ୍ରଦେଶର ଏକ ଟାଇଲ୍ସ କମ୍ପାନିରେ କାର୍ଯ୍ୟ କରୁଛନ୍ତି। ସମରାୟଙ୍କୁ ଏଯାଏ ଦିବ୍ୟାଙ୍ଗ ଭତ୍ତା, ଜମିପଟ୍ଟା କି ଆବାସ; କିଛି ବି ମିଳିନି। ଯାହାକୁ ସିଏ ଓ ତାଙ୍କ ପରିବାର ସଦସ୍ୟ ଚାତକ ପରି ଚାହିଁ ବସିଛନ୍ତି। ଘର ମରାମତି ତ ଦୂରର କଥା, ସମରାୟ ଆବଶ୍ୟକ ଔଷଧ ଖାଇବାକୁ ମଧ୍ୟ ଟଙ୍କା ମିଳୁନି। କାଉନ୍ସିଲର ଥିବା ବେଳେ ସକାଳୁ ସକାଳୁ ଯାହାଙ୍କ ପାଖରେ ବିଭିନ୍ନ କାମ ପାଇଁ ଲୋକଙ୍କ ଧାଡ଼ି ଲାଗୁଥିଲା, ଏବେ ତାଙ୍କୁ ଆହା ପଦେ କହିବାକୁ କାହା ପାଖରେ ସମୟ ନାହିଁ। ଦଳୀୟ ନେତାମାନେ ମଧ୍ୟ ସମରାୟଙ୍କୁ ମନେପକାଉ ନାହାନ୍ତି। ଯିଏ ଶାସନ ବ୍ୟବସ୍ଥାରେ ଲୋକଙ୍କ ପ୍ରତିନିଧିତ୍ୱ କରିଛନ୍ତି, ତାଙ୍କ ପ୍ରତି ପ୍ରଶାସନ ଘୋର ଅବହେଳା କରିଛି। ଏହା ବିଡ଼ମ୍ବନା ଛଡ଼ା ଆଉ କଣ ହୋଇପାରେ? ତଥାପି ସମରାୟ ଓ ତାଙ୍କ ପରିବାର ସଦସ୍ୟ ସହାୟତାକୁ ଚାହିଁ ବସିଛନ୍ତି। ଏପରି ସମୟରେ ସାହିପଡ଼ିଶା ସହଯୋଗର ହାତ ବଢ଼ାଇବା ପାଇଁ ସରକାରଙ୍କ ସହ ସହୃଦୟ ବ୍ୟକ୍ତିମାନଙ୍କୁ ଅନୁରୋଧ କରିଛନ୍ତି।



## ଦୁଇ ଆଇଜିଙ୍କ ସମେତ ୨୦ ପୁଲିସ୍ କର୍ମଚାରୀଙ୍କୁ ମିଳିବ ରାଜ୍ୟପାଳ ପଦକ



**ଭୁବନେଶ୍ୱର(ଏନ୍.ଏମ୍.):** ୨୦୨୩ ବର୍ଷ ପାଇଁ ୨ ଜଣ ଆଇଜିଙ୍କ ସମେତ ମୋଟ ୨୦ ଜଣ ପୁଲିସ୍ କର୍ମଚାରୀଙ୍କୁ ପ୍ରଦାନ କରାଯିବ ରାଜ୍ୟପାଳ ପଦକ। ବିଭିନ୍ନ ବର୍ଗରେ ଏହି ୨୦ ଜଣ ପୁଲିସ୍ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରାଯିବା ପାଇଁ ବଛା ଯାଇଛି। ପ୍ରଥମ ବର୍ଗ (ଅତିରିକ୍ତ ଡିଜିପି/ଆଇଜିପି/ଡିଆଇଜିପି)ରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦ ରାଜ୍ୟପାଳ ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଦ୍ୱିତୀୟ ବର୍ଗ (ଏସ୍ପି/ଏଆଇଜିପି/କମାଣ୍ଡାଣ୍ଟ/ଡେପୁଟି କମାଣ୍ଡାଣ୍ଟ)ରେ ଗଞ୍ଜାମ ଏସ୍ପି ଜଗମୋହନ ମୀନା ଓ ସମ୍ବଲପୁର ଏସ୍ପି ମୁକେଶ ଭାମୁ ପାଇବେ ଏହି ପଦକ। ତୃତୀୟ ବର୍ଗ (ଅତିରିକ୍ତ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▻

# ଓଠକୁ ଚୁମ୍ବନ ଦେବାକୁ ଚେଷ୍ଟା କରିବାରୁ ଅଙ୍କିତାଙ୍କ ଉପରେ ରାଗିଗଲେ ବିକି



**ମୁମ୍ବାଇ(ଏଜେନ୍ସି):** ବିଗ୍ ବସ୍ ୧୭ ପ୍ରଥମ ସପ୍ତାହରୁ ହିଁ ଚର୍ଚ୍ଚାକୁ ଆସିଥିଲା। ସୋ’ ଆରମ୍ଭରୁ ଘରଲୋକଙ୍କ ମଧ୍ୟରେ ଝଗଡା ହେଉଥିବା ଦେଖିବାକୁ ମିଳିଥିଲା। ଏଥର ଟିଭି ସେଲିବ୍ରିଟିମାନଙ୍କ ସହିତ କଣ୍ଟେଷ୍ଟ କ୍ରିଏଟରମାନେ ମଧ୍ୟ ସୋ’ରେ ପ୍ରବେଶ କରିଥିଲେ। ପ୍ରଥମ ସପ୍ତାହରୁ ହିଁ ଲୋକପ୍ରିୟ ଟିଭି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେଙ୍କର ତାଙ୍କ ସ୍ୱାମୀ ବିକି ଜୈନଙ୍କ ସହ ଅନେକ ଥର ଝଗଡ଼ା ହୋଇଥିବା ଦର୍ଶକ ଦେଖିଥିଲେ। ଅଙ୍କିତା ସବୁଠୁ ଅଧିକ ପାରିଶ୍ରମିକ ନେଇଥିବା ପ୍ରତିଯୋଗୀ ହୋଇଥିବା ବେଳେ ବିଗ୍ ବସ୍ ପାଇଁ ତାଙ୍କର ଅବଦାନ ସେତେଟା ଦେଖିବାକୁ ମିଳିନାହିଁ। ଅନେକ ସମୟରେ ସେ ନିଜ ସ୍ୱାମୀଙ୍କ ସହ ହିଁ ଝଗଡ଼ା କରୁଥିବାର ନଜର ଆସିଛନ୍ତି। ଏବେ ସ୍ୱାମୀଙ୍କ ସହ ଝଗଡ଼ା କରି ତାଙ୍କୁ ମନାଇବାକୁ ଚେଷ୍ଟା କରୁଥିବା ବେଳେ ବିକି ପୁଣି ରାଗିଯାଇଥିବା ଦେଖିବାକୁ ମିଳିଛି। ଝଗଡ଼ା ପରେ ଅଙ୍କିତା କ୍ଷମା ମାଗିବା ସହ ବିକିଙ୍କ ପାଖକୁ ଆସୁଛନ୍ତି। ବିକି ଶୋଇଥିବା ବେଳେ ଅଙ୍କିତା ଆସି ତାଙ୍କ ଗାଲକୁ ଚୁମ୍ବନ ଦେଉଛନ୍ତି। ଏହା ପରେ ଅଙ୍କିତା, ବିକିଙ୍କ ଓଠକୁ ଚୁମ୍ବନ ଦେବାକୁ ଚେଷ୍ଟା କରୁଥିବା ବେଳେ ବିକି ମନା କରି କହୁଛନ୍ତି, ଏଭଳି ଟିଭିରେ ସମସ୍ତଙ୍କ ଆଗରେ ଓଠରେ ଚୁମ୍ବନ ଦିଅନାହିଁ। ଘର ଲୋକ ଦେଖୁଛନ୍ତି। ମୋତେ ଏସବୁ ପସନ୍ଦ ନୁହେଁ। ଏହା ଶୁଣି ଅଙ୍କିତା କହୁଛନ୍ତି, ମୁଁ ସ୍ତ୍ରୀ ହୋଇ କ’ଣ ଚୁମ୍ବନ ଦେଇପାରିବି ନାହିଁ। ମୁଁ ତୁମ ଗାଲକୁ ଚୁମ୍ବନ ଦେଉଥିଲି, ଓଠକୁ ନୁହେଁ। ଗତ ସୋମବାର ପ୍ରସାରିତ ହୋଇଥିବା ଅଧ୍ୟାୟରେ ଏହା ଦେଖିବାକୁ ମିଳିଛି।

# ବାହା ହେବେ ସୁରଭି ଚନ୍ଦନା



**ମୁମ୍ବାଇ(ଏଜେନ୍ସି):** ବାହା ହେବେ ଜଣାଶୁଣା ଟେଲିଭିଜନ ଅଭିନେତ୍ରୀ ସୁରଭି ଚନ୍ଦନା। ସେ ତାଙ୍କର ଦୀର୍ଘ ବର୍ଷର ବୟଫ୍ରେଣ୍ଡ କରଣ ଶର୍ମାଙ୍କୁ ବାହା ହେବେ। ଆଜି ସୁରଭି ଏହି ଘୋଷଣା କରିଛନ୍ତି। ସୋଶାଲ ମିଡିଆରେ ଦୁଇଟି ଫଟୋ ପୋଷ୍ଟ କରି ସେ ଏହି ସୂଚନା ଦେଇଛନ୍ତି। ଏହି ଫଟୋରେ ତାଙ୍କ ବୟଫ୍ରେଣ୍ଡ କରଣ ମଧ୍ୟ ଅଛନ୍ତି। କରଣ ଓ ସୁରଭିଙ୍କ ବନ୍ଧୁତା ୧୩ ବର୍ଷ ତଳେ ଆରମ୍ଭ ହୋଇଥିଲା। ୧୩ ବର୍ଷ ଧରି ପରସ୍ପରକୁ ଡେଟିଂ କରିବା ପରେ ଏବେ ଏହି ସଂପର୍କକୁ ଆଉ ଏକ ସ୍ତରକୁ ନେବାକୁ ସେମାନେ ବାହା ହେବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ବାହାଘର ତାରିଖ ଘୋଷଣା କରି ନାହାନ୍ତି। ପୂର୍ବରୁ ସୁରଭି ତାଙ୍କ ରିଲେସନଶିପ୍କୁ ନେଇ ମୁହଁ ଖୋଲୁ ନଥିଲେ। କରଣ ବି ଚୁପ୍ ରହୁଥିଲା। ତେବେ ପରେ ପରେ ଉଭୟ ସୋଶାଲ ମିଡିଆରେ ଫଟୋ ଶେଆର କଲେ। ସେହି ଫଟୋଗୁଡ଼ିକରେ ଉଭୟଙ୍କୁ ଦେଖିବାକୁ ମିଳୁଥିଲା। ସୁରଭି ‘ଇଶକବାଜ’, ‘ସଞ୍ଜିବନୀ’ ଓ ‘ନାଗୀନ ୫’ ଭଳି ଲୋକପ୍ରିୟ ଟେଲିଭିଜନ ଧାରାବାହିକରେ ଅଭିନୟ କରିଛନ୍ତି। ସେହିଭଳି ତାରକ ମେହଟାକୁ ଉଲ୍ଟା ଚଷମା, ଦିଲ୍ ସମ୍ଭଲ ଯା ଜରା, ୟେ ହେ ମହବତେଁ ଭଳି କିଛି ଧାରାବାହିକରେ ସେ ଅତିଥି କଳାକାର ଭାବେ ଅଭିନୟ କରିଛନ୍ତି। ବଲିଉଡ୍ ଫିଲ୍ମ ‘ବବି ଜାସୁସ’ରେ ମଧ୍ୟ ସେ ଅଭିନୟ କରିଥିଲେ।

# ୫୦ ବର୍ଷରେ ପୋଷ୍ଟ ଗ୍ରାଜୁଏଟ ହେଲେ ଟ୍ୱିଙ୍କିଲ ଖନ୍ନା, ଅକ୍ଷୟ କହିଲେ- ମୋ’ ସ୍ତ୍ରୀ ସୁପର ୱିମେନ



**ମୁମ୍ବାଇ(ଏଜେନ୍ସି):** ୫୦ ବର୍ଷରେ ପୋଷ୍ଟ ଗ୍ରାଜୁଏଟ ଡିଗ୍ରୀ ହାସଲ କଲେ ମିସେସ ଖିଲାଡି ଟ୍ୱିଙ୍କିଲ ଖନ୍ନା । ଏ ବୟସରେ ନିଜ ପାଠପଢ଼ା ଇଚ୍ଛାକୁ ପୂରଣ କଲେ, ଆଉ ହାସଲ କଲେ ଡିଗ୍ରୀ। ପତ୍ନୀଙ୍କ ଡିଗ୍ରୀ ହାସଲକୁ ନେଇ ଖୁବ୍ ଇମୋସନାଲ ହୋଇ ଯାଇଥିବା ଅକ୍ଷୟ କୁମାର ତାଙ୍କୁ ସୁପର ୱିମେନ କହିବାକୁ ପଛାଇ ନାହାନ୍ତି। ଅକ୍ଷୟ କୁମାର ନିଜ ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରି ପତ୍ନୀ ଟ୍ୱିଙ୍କିଲଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଏହି ଫଟୋରେ ସେ ନିଜ ପତ୍ନୀ ଟ୍ୱିଙ୍କିଲଙ୍କ ସହ ନଜର ଆସିଛନ୍ତି। ଟ୍ୱିଙ୍କିଲ ଏକ ଗ୍ରୀନ୍ କଲର ଶାଢ଼ିରେ ବେଶ୍ କ୍ୟୁଟ୍ ଲାଗୁଥିବା ବେଳେ ଗ୍ରାଜୁଏଶନ କୋଟ ଓ ଟୋପି ବି ପିନ୍ଧିଥିଲେ। ତାଙ୍କୁ ମ୍ୟାଚ୍ କରି ମିଷ୍ଟର ଖିଲାଡି ବ୍ଲାକ କଲର ପ୍ୟାଣ୍ଟ ସହ ଏକ ଓଭରକୋଟ୍ ପିନ୍ଧିଛନ୍ତି। ଏହି ଫଟୋ ଶେଆର କରି ଅକ୍ଷୟ କୁମାର ଲେଖିଛନ୍ତି, ୨ ବର୍ଷ ପୂର୍ବେ ଯେତେବେଳେ ତୁମେ ମୋତେ ପଢ଼ିବା ପାଇଁ କହିଥିଲ, ମୁଁ ଖୁବ୍ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି। କିନ୍ତୁ ପରେ ତୁମ କଠିନ ପରିଶ୍ରମ କରୁଥିବାର ଦେଖି ଜଣେ ସୁପର ୱିମେନକୁ ବାହା ହୋଇଥିବା ଭାବିଥିଲି। ନିଜ ଘର, କ୍ୟାରିଅର ଓ ପିଲାଙ୍କୁ ସମ୍ଭାଳିବା ସହ ତୁମେ ଏକ ଷ୍ଟୁଡେଣ୍ଟ ଲାଇଫ୍କୁ ଖୁବ୍ ଭଲ ଭାବେ ମ୍ୟାନେଜ କରି ପାରିଲ । ଆଜି ତୁମ ଗ୍ରାଜୁଏଶନ ଡିଗ୍ରୀ ହାସଲ ଦିନରେ ଭାବୁଛି ମୁଁ ଆଉ କିଛି ପଢ଼ି ପାରିଥିଲେ ଭଲ ହୋଇଥାନ୍ତା। ଫଳରେ ମୁଁ ତୁମ ପାଇଁ କେତେ ଗର୍ବ ଅନୁଭବ କରୁଛି ତାହାକୁ ଭଲ ଭାବେ ଶବ୍ଦରେ ପରିପ୍ରକାଶ କରି ପାରିଥାନ୍ତି। ତୁମକୁ ଅନେକ ଅନେକ ଶୁଭେଚ୍ଛା ଏବଂ ଆଇ ଲଭ୍ ୟୁ ଟିନା ବୋଲି ଲେଖିଛନ୍ତି ଅକ୍ଷୟ କୁମାର । ଅକ୍ଷୟ କୁମାରଙ୍କ ପ୍ରେମଭରା ନୋଟ୍ ଦେଖି ଟ୍ୱିଙ୍କିଲ ବି ସୁଇଟ୍ ରିଆକ୍ସନ ଦେଇଛନ୍ତି । ସେ ପୋଷ୍ଟ କରିଛନ୍ତି, ଭାବୁଛି କାଲି ହିଁ ସବୁ କିଛି ଆରମ୍ଭ କରିଥିଲି। ହେଲେ ଆଜି ଆସି ଗ୍ରାଜୁଏଶନ ଡେ ପହଞ୍ଚି ଗଲାଣି ବିଶ୍ୱାସ ହେଉନି। ସୁନ୍ଦର ଧୁମ୍, ସୁନ୍ଦର ଶାଢ଼ି ଓ ମୋ ପରିବାର ମୋ’ ଦିନକୁ ଖୁବ୍ ସ୍ପେଶାଲ କରିଦେଇଛନ୍ତି। ଟ୍ୱିଙ୍କିଲ ଦୁଇ ବର୍ଷ ପୂର୍ବେନିଜ ପୁଅ ଆରବଙ୍କ ସହ ଲଣ୍ଡନର ଏକ ୟୁନିଭରସିଟିରେ ଫିକ୍ସନ ରାଇଟିଂରେ ମାଷ୍ଟର ଡିଗ୍ରୀ ପ୍ରୋଗ୍ରାମରେ ଆଡମିଶନ କରିଥିଲେ । କଠିନ ପରିଶ୍ରମ କରି ଏବେ ସେ ନିଜ ଡିଗ୍ରୀ ହାସଲ କରି ସାରିଛନ୍ତି। ଜଣେ ଅଭିନେତ୍ରୀ ଭାବେ କ୍ୟାରିଅର ଆରମ୍ଭ କରିଥିବା ଟ୍ୱିଙ୍କିଲ ନିଜ କ୍ୟାରିଅରରେ ସଫଳତା ପାଇ ପାରି ନ ଥିଲେ। ଏହାପରେ ଲେଖାଲେଖିରେ ମନୋନିବେଶ କରି ସେ ଏବେ ଜଣେ ଆଗଧାଡ଼ିର ଲେଖିକା ଭାବେ ନିଜ ପରିଚୟ ସୃଷ୍ଟି କରି ପାରିଛନ୍ତି।

# ଅଯୋଧ୍ୟା ଅଭିମୁଖେ ଅମିତାଭ ବଚ୍ଚନ ! ରାମ ମନ୍ଦିର ନିକଟରେ କିଣିଲେ ଜାଗା



**ଲକ୍ଷ୍ନୌ(ଏଜେନ୍ସି):** ଶ୍ରୀରାମ ମନ୍ଦିର ପତ୍ରିଷ୍ଠାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଅଯୋଧ୍ୟା ନଗରୀ। କେବଳ ଅଯୋଧ୍ୟା ନଗରୀ କାହିଁକି ସାରା ଦେଶ ଏବେ ଉତ୍ସବ ମୁଖର ହୋଇ ଉଠିଛି। ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବକୁ ଚାହିଁ ରହିଛନ୍ତି। ବହୁ ପ୍ରତିକ୍ଷିତ ଶ୍ରୀରାମଙ୍କ ମନ୍ଦିର ସହ ବିଗ୍ରହମାନଙ୍କ ପ୍ରାଣ ପ୍ରତିଷ୍ଠା ହେବ। ଏଥି ପାଇଁ ସମ୍ପୂର୍ଣ୍ଣ ଅଯୋଧ୍ୟା ମଧ୍ୟ ସଜେଇ ହୋଇଛି। ଏହି ଅଞ୍ଚଳର ପରିବେଶ ଏତେ ସୁନ୍ଦର ହୋଇଛି ଯେ ଯାହା ଆଖି ପଡ଼ିବ ଏଠାରୁ ଛାଡ଼ି ଯିବାକୁ ଆଦୌ ଇଚ୍ଛା କରିବ ନାହିଁ। କେବଳ ସେତିକି ନୁହେଁ ଆଗାମୀ ଦିନରେ ମଧ୍ୟ ଏହି ଅଞ୍ଚଳକୁ ଦେଶ ବିଦେଶର ଜନସାଧାରଣଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ପ୍ରଭୁ ଶ୍ରୀରାମ ଲାଲାଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିବା ଦେଖିବାକୁ ମିଳିଛି।

ଅନ୍ୟପକ୍ଷରେ ଅଯୋଧ୍ୟାର ଏଭଳି ଧାର୍ମିକ ପରିବେଶରେ ବହୁ ଜନସାଧାରଣ ସବୁ ଦିନ ପାଇଁ ରହିବାକୁ ଆଶା ବାନ୍ଧିଛନ୍ତି। ଏଭଳି ଧାର୍ମିକ ସ୍ଥାନରେ ରହିବାର ସୌଭାଗ୍ୟ ଖୋଜୁଛନ୍ତି ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ। ତେବେ ଏହି ପାବନ ଅବସର ମଧ୍ୟରେ ଅଯୋଧ୍ୟାରେ ଜାଗା କିଣିବାର ସୁଯୋଗ ପାଇଁଛନ୍ତି ଦେଶର ଅନନ୍ୟ ମେଗାଷ୍ଟାର ଅମିତାଭ ବଚ୍ଚନ। ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ପରେ ମନ୍ଦିର ନିକଟରେ ଅମିତାଭ ବଚ୍ଚନ ଏକ ଜମି କ୍ରୟ କରିଛନ୍ତି, ଯାହା ଦଶ ହଜାର ବର୍ଗଫୁଟର ହେବ ବୋଲି କୁହାଯାଉଛି। ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଜନ୍ମ ହୋଇଥିବା ବିଗ୍ ବି ଅମିତାଭ ବଚ୍ଚନ ଅଯୋଧ୍ୟାରେ ଜମି କିଣିବା ପରେ ବେଶ୍ ଚର୍ଚ୍ଚା ହେଉଛି। କାରଣ ମୁମ୍ବାଇରେ ରହୁଥିବା ବିଗ୍ ବି ନିଜ ଜନ୍ମ ସ୍ଥାନକୁ ସିଫ୍ଟ ହୋଇପାରନ୍ତି ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ମିଳିଥିବା ରିପୋର୍ଟ ମୁତାବକ ଏହି ପ୍ଲଟର ମୂଲ୍ୟ ୧୪.୫ କୋଟି ହେବ। ଏହା ଅଯୋଧ୍ୟାର ଦ ସରଯୁରେ ଥିବା ସାତ ତାରକା ଏନକ୍ଲେଭରେ ରହିଛି। ମୁମ୍ବାଇ ସ୍ଥିତ ହାଉସ ଅଫ୍ ଅଭିନନ୍ଦନ ଲୋଢା ସହାୟତାରେ ଅମିତାଭ ଏହି ଜାଗା କିଣିଛନ୍ତି। ସେ କିଣିଥିବା ସ୍ଥାନ ଶ୍ରୀରାମ ମନ୍ଦିର ଠାରୁ ମାତ୍ର ଅଳ୍ପ ଦୂର ହେବ। ଅଯୋଧ୍ୟାରେ ଜାଗା କିଣିବା ପରେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି ଅମିତାଭ ବଚ୍ଚନ। ବିଶ୍ୱ ଆଧ୍ୟାତ୍ମିକ ରାଜଧାନୀରେ ଘର ନିର୍ମାଣ କରିବାକୁ ଯାଉଥିବାରୁ ମୁଁ ବେଶ୍ ଉତ୍ସାହିତ ବୋଲି କହିଛନ୍ତି। ତେବେ ୨୨ରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହେବାକୁ ଥିବାବେଳେ ଏହା ପୂର୍ବରୁ ବିଗ୍ ବି ଅମିତାଭ ବଚ୍ଚନ ଏହି ଜାଗା କିଣିବା ପରେ ସେ ଚର୍ଚ୍ଚାକୁ ଆସିଛନ୍ତି। ପୁନଶ୍ଚ ଏହି ସମାରୋହରେ ଯୋଗ ଦେବା ପାଇଁ ଅମିତାଭ ବଚ୍ଚନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ତେଣୁ ଅମିତାଭ ଖୁବ ଖୁସି ଅଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ଶୀତ ଦିନେ ସ୍ୱାସ୍ଥ୍ୟ ପାଇଁ ହୀତକାରକ ଘିଅ-କଫି

ସ୍ୱାସ୍ଥ୍ୟ ପାଇଁ ଖାଦ୍ୟର ଆବଶ୍ୟକତା ରହିଛି। ତେବେ ବେଳେବେଳେ ଖାଦ୍ୟ ଯୋଗୁଁ ମଧ୍ୟ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ। ତେଣୁ ସବୁବେଳେ ଆବଶ୍ୟକ ଅନୁଯାୟୀ ଖାଦ୍ୟ ଗହରଣ କରିବା ଉଚିତ। ଏବେ ଶୀତ ଋତୁ ଚାଲିଥିବାରୁ ଶୀତ ପ୍ରକୋପ ମଧ୍ୟ ବୃଦ୍ଧି ପାଇଛି। ଏଇ ଶୀତ ସକାଳରେ ପାଟିରେ ଟିକେ ଗରମ କଫି ପଡ଼ିଗଲେ, ମନ ଉତ୍ଫୁଲ୍ଲିତ ହୋଇଯାଏ। ତେବେ ସାଧାରଣ କଫି ସାଥିରେ ଆଉ ଗୋଟିଏ ଉପାଦାନ ମିଶିଗଲେ ତାହା କଫିର ପୋଷକ ତତ୍ତ୍ୱକୁ ଢେର ଗୁଣ ବଢ଼ାଇ ପାରିବ। ସେହି ଉପାଦାନଟି ହେଉଛି ଘିଅ। ବିଶେଷ କରି ଶୀତୁଆ ସକାଳରେ ଘୃତ ମିଶ୍ରିତ କଫି ପିଇବା ବେଶ୍ ଉପାଦେୟ। ଅନେକ ବଲିଉଡ୍ ତାରକା ଘିଅ-କଫି ଆପଣେଇବା ସହ ସାମାଜିକ ଗଣମାଧ୍ୟମରେ ତାହାକୁ ଲୋକପ୍ରିୟ କରାଇ ଚାଲିଛନ୍ତି।

ଏହି ମିଶ୍ର ପାନୀୟର କେତେକ ଉପକାରିତା ବାବଦରେ ଜାଣିବା। ବ୍ଲାକ୍ କଫି ତୁଳନାରେ ଘିଅ-କଫି ଦୀର୍ଘ ସମୟ ଧରି ଏକ ଶକ୍ତିବର୍ଦ୍ଧକ ଭାବେ କାମ କରିଥାଏ। ସାଧାରଣ କଫି ପିଇଲେ ତାହା ହଠାତ୍ ଶରୀରର ଶକ୍ତି ସ୍ତରକୁ ବଢ଼ାଇଲା ପରି ଅନୁଭବ ହୁଏ ଏବଂ ପରେ ହଠାତ୍ ଶକ୍ତି ସ୍ତର ଖସିଗଲା ପରି ଲାଗେ। ମାତ୍ର କଫିରେ ଘିଅ ମିଶାଇ ପିଇଲେ, ତାହା ଶରୀରର ଶକ୍ତି ହ୍ରାସ ପ୍ରକ୍ରିୟାକୁ ମନ୍ଥର କରିଦେଇଥାଏ। କାରଣ ଘିଅରେ ଥିବା ସ୍ୱାସ୍ଥ୍ୟପ୍ରଦ ଚର୍ବିଗୁଡ଼ିକ କଫିରେ ଥିବା କ୍ୟାଫିନ୍ର ରକ୍ତରେ ମିଶିବା ପ୍ରକ୍ରିୟାକୁ ଧୀର କରିଦେଇଥାଏ। ଦେଶୀ ଘିଅ ହେଉଛି ଓମେଗା-୩, ୬ ଓ ୯ ପରି ହିତକରୀ ଚର୍ବିର ଏକ ଗନ୍ତାଘର ଯାହା ଶରୀରର ହଜମ ପ୍ରକ୍ରିୟା ସହିତ ହୃତ୍ପିଣ୍ଡକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ସକାଳେ କଫି ପିଇବା ପରେ ପାକସ୍ଥଳୀରେ ଅମ୍ଳ ସ୍ତର ବଢ଼ିପାରେ। ତେବେ କଫିରେ ଘିଅ ମିଶାଇ ପିଇଲେ ସେ ଆଶଙ୍କା ଦୂର ହୋଇଥାଏ। ଘିଅ ଗ୍ୟାସ ସମସ୍ୟା ମଧ୍ୟ ଦୂର କରିଥାଏ।

## ମା’ରାଣ ଦେହକୁ ନେବେନି...



ପରିକ୍ରମାପଥ ଲୋକାର୍ପିତ ହେଲା
ଆଗେ ଚାଲୁଥେଲେ ପାଣ୍ଡିଆ...
ବିରୋଧୀଭାଷନ୍ତି ପାଣ୍ଡିଆ ନୁହେଁସେ
ବୋତଲଭିତର ହାଣ୍ଡିଆ...
ଖୁଆଅନା ଏତେ ମାଣ୍ଡିଆ...
ଆଗକୁଦେଖିବ ଲାଟିନ ନପାଇ
ପଦାକୁ ଯିବସେ ଭେଣ୍ଡିଆ...

- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ସୁଆଦିଆ କଖାରୁ ପୋଡ଼ପିଠା



ଆପଣ ଘରେ ବହୁ ପ୍ରକାର ପୋଡ଼ପିଠା ପ୍ରସ୍ତୁତ କରିଥିବେ। ହେଲେ କେବେ କଖାରୁରେ ପୋଡ଼ପିଠା ପ୍ରସ୍ତୁତ କରିଛନ୍ତି। ଏହା ପାଟିକୁ ଖୁବ୍ ସୁଆଦିଆ ଲାଗିଥାଏ। ଫଳରେ ଯିଏ ଥରେ ଏହାର ସ୍ୱାଦ ପାଇଛି, ସେ ବାରମ୍ବାର ଏହାକୁ ଖାଇବାକୁ ମନ ବଳାଇଛି। ଆଜି ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତ ପ୍ରଣାଳୀ।

**ଆବଶ୍ୟକ ସାମଗ୍ରୀ:** କଖାରୁ, ଅରୁଆ ଚାଉଳ, ଲୁଣ, ଗୁଡ଼, କାଜୁ, କିସମିସ୍, ପିସ୍ତା, ନଡ଼ିଆ, ଗୁଆ ଘିଅ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ କଖାରୁକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଏକ ପ୍ରେସର କୁକରରେ ତାହାକୁ ନେଇ ଅଳ୍ପ ପାଣି ପକାଇ ସିଝାଇ ଦିଅନ୍ତୁ। ତାହାର ପ୍ରାୟ ୪,୫ ଘଣ୍ଟା ପୂର୍ବରୁ ଚାଉଳକୁ ଭିଜାଇ ରଖି ଦିଅନ୍ତୁ। ଏବେ କଖାରୁ ଥଣ୍ଡା ହୋଇଯିବା ପରେ ଗ୍ରାଇଣ୍ଡିଂ ଜାରରେ କଖାରୁ, ଭିଜାଇଥିବା ଚାଉଳକୁ ଛାଣି ପକାନ୍ତୁ। ଏବେ ସେଥିରେ ଅଳ୍ପ ଲୁଣ ଓ ଆବଶ୍ୟକତା ଅନୁଯାୟୀ ଗୁଡ଼ ପକାଇ ଗ୍ରାଇଣ୍ଡିଂ କରନ୍ତୁ। ଏଥିରେ ଜମା ପାଣି ଦିଅନ୍ତୁ ନାହିଁ। କଖାରୁ ଆଣକୁ ଏକ ପାତ୍ରକୁ ବାହାର କରି ସେଥିରେ ଅଳ୍ପ କିଛି ସୁଜି, କାଜୁ, କିସମିସ୍, ପିସ୍ତା ବାଦାମ, ନଡ଼ିଆ ଖଣ୍ଡ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ କିଛି ବେକିଂ ପାଉଡର ମିଶାଇ ଭଲ ଭାବେ ଫେଣ୍ଟନ୍ତୁ। ଏହାପରେ ଏକ ପ୍ରେସର କୁକରକୁ ଗରମ କରି ସେଥିରେ ଗୁଆ ଘିଅ ଦିଅନ୍ତୁ। ଏହାପରେ ସେଥିରେ ଆଣକୁ ପକାଇ ହ୍ୟାଣ୍ଡେଲ ବନ୍ଦ କରି ଦିଅନ୍ତୁ। ହ୍ୟାଣ୍ଡେଲରୁ ହୁଇସିଲ୍କୁ ବାହାର କରିବାକୁ ଭୁଲନ୍ତୁ ନାହିଁ। ଗ୍ୟାସ୍କୁ ସିମ୍ କରି ଏହାକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ଗ୍ୟାସ୍କୁ ବନ୍ଦ କରି ତାହାକୁ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଥଣ୍ଡା ହୋଇଗଲେ ଏହାକୁ ଅନ୍ୟ ଏକ ପାତ୍ରକୁ ବାହାର କରି ପିସ୍ ପିସ୍ କାଟି ପରସି ଦିଅନ୍ତୁ ସୁଆଦିଆ କଖାରୁ ପୋଡ଼ ପିଠା।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ ଦେଲା ପନ୍ନୁ

**ଲୁଧିଆନା(ଏଜେନ୍ସି):** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ବନ୍ତ ମାନ ସିଂହଙ୍କୁ ହତ୍ୟା ଧମକ। ଖାଲିସ୍ତାନ ସମର୍ଥକ ତଥା ସିଖ୍ ଫର୍ ଜଷ୍ଟିସର ଆତଙ୍କବାଦୀ ଗୁରୁପାତବନ୍ତ ସିଂହ ପନ୍ନୁ ଏହି ହତ୍ୟା ଧମକ ଦେଇଛି। ଆସନ୍ତା ଜାନୁଆରୀ ୨୬ ତଥା ଗଣତନ୍ତ୍ର ଦିବସ ଅବସରରେ ଭାଗଓ୍ବନ୍ତ ମାନଙ୍କ ଉପରେ ଆକ୍ରମଣ କରିବାକୁ ପନ୍ନୁ ଗ୍ୟାଙ୍ଗଷ୍ଟରମାନଙ୍କୁ ଏକାଠି ହେବାକୁ କହିଛି। ପ୍ରକୃତରେ ପଞ୍ଜାବରେ ଗ୍ୟାଙ୍ଗଷ୍ଟର୍ଙ୍କ ବିରୋଧରେ ଜିରୋ ଟଲରେନ୍ସି ନୀତି ଆପଣାଇଛନ୍ତି ସରକାର। ରାଜ୍ୟରେ ଗ୍ୟାଙ୍ଗଷ୍ଟରମାନଙ୍କ ଉପରେ କଡ଼ା କଟକଣା ଜାରି କରାଯାଇଛି। ଏହାରି ଭିତରେ ଆତଙ୍କବାଦୀ ପନ୍ନୁ ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ହେଉଥିବା କଠୋର କାର୍ଯ୍ୟାନୁଷ୍ଠାନର ସୁଯୋଗ ନେବାକୁ ଚାହୁଁଛି। ସେମାନଙ୍କ ପ୍ରତି ସମବେଦନା ଜଣାଇଛି। ସେଥିପାଇଁ ସେ ଗ୍ୟାଙ୍ଗଷ୍ଟରମାନଙ୍କୁ ତା' ସହ ସାମିଲ ହେବାକୁ କହିଛି। ଆସନ୍ତା ଜାନୁଆରୀ ୨୬ରେ ମୁଖ୍ୟମନ୍ତ୍ରୀ ଭଗଓ୍ବନ୍ତ ମାନ ଏବଂ ଡିଜିପି ଗୌରବ ଯାଦବଙ୍କୁ ହତ୍ୟା କରିବାକୁ ଖଲିସ୍ତାନୀ ଆତଙ୍କବାଦୀ ଧମକ ଦେଇଛନ୍ତି। ଏଥିପାଇଁ ସେ ଅପରାଧୀଙ୍କୁ ଏକାଠି ହେବାକୁ ନିବେଦନ କରିଛି। ଏହାପୂର୍ବରୁ ପନ୍ନୁ ଏକ ଭିଡିଓ ଜାରି କରି ହମାସ ଭରି ଭାରତ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିଲା। ସେ କହିଥିଲା, ପଞ୍ଜାବରୁ ପାଲେଷ୍ଟାଇନ୍ ଯାଏଁ ବେଇଆନ୍ ଦଖଲରେ ଥିବା ଲୋକମାନେ ଏହାର ପ୍ରତିକ୍ରିୟା ଦେବେ। ହିଂସାରୁ ହିଂସା ସୃଷ୍ଟି ହୁଏ। ଯଦି ଭାରତ ପଞ୍ଜାବ ଉପରେ ଦଖଲ ଜାରି ରଖେ ତେବେ ସେଠାରେ ଉତ୍ତେଜନା ପ୍ରକାଶ ପାଇବ ଏବଂ ଏଥିପାଇଁ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟୀ ହେବେ ବୋଲି ସେ କହିଥିଲା।

## ରୁଷ୍ ରାଷ୍ଟ୍ରପତି ପୁଟିନଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦୀ



**ନୂଆଦିଲ୍ଲୀ(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗର ଅନେକ ପ୍ରସଙ୍ଗର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ସେମାନେ ଭାରତ-ରୁଷ୍ ସ୍ୱତନ୍ତ୍ର ଏବଂ ରଣନୈତିକ ଭାଗୀଦାରିକୁ ଅଧିକ ସୁଦୃଢ଼ କରିବା ପାଇଁ ଭବିଷ୍ୟତ ପଦକ୍ଷେପ ନିମନ୍ତେ ଏକ ରୋଡ୍ମ୍ୟାପ୍ ବିକଶିତ କରିବାକୁ ରାଜି ହୋଇଥିଲେ। ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧୀୟ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ସେମାନେ ମତ ବିନିମୟ କରିଥିଲେ। ପ୍ରଧାନମନ୍ତ୍ରୀ ୨୦୨୪ରେ ବ୍ରିକ୍ସରେ ରୁଷ ଅଧ୍ୟକ୍ଷତା ପାଇଁ ଶୁଭେଚ୍ଛା ଜଣାଇଥିଲେ ଏବଂ ଭାରତର ସମ୍ପୂର୍ଣ୍ଣ ସମର୍ଥନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦୁଇ ନେତା ନିରନ୍ତର ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ।

## ରନ୍ଓ୍ବେରେ ବସି ଖାଇଲେ ଯାତ୍ରୀ, ଇଣ୍ଡିଗୋକୁ ନୋଟିସ୍ ଜାରି




**ମୁମ୍ବାଇ(ଏଜେନ୍ସି):** ବିମାନ ଉଡ଼ାଣରେ ହେଲା ବିଳମ୍ବ, ରନ୍ଓ୍ବେ ଉପରେ ବସି ଖାଦ୍ୟ ଖାଇଲେ ଯାତ୍ରୀ। ଏହି ଭିଡିଓ ଭାଇରାଲ ହେବା ପରେ ଇଣ୍ଡିଗୋ ଏୟାରଲାଇନ୍ସର ଅଡୁଆ ବଢ଼ିଛି। ଏହାକୁ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବ୍ୟୁରୋ ଅଫ୍ ବେସାମରିକ ବିମାନ ଚଳାଚଳ ସୁରକ୍ଷା (ବିସିଏସ୍) ପକ୍ଷରୁ ଇଣ୍ଡିଗୋକୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ପ୍ରକୃତରେ ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ବିଳମ୍ବ ହେବାପରେ ଯାତ୍ରୀଙ୍କ ମଧ୍ୟରେ କ୍ରୋଧ ଦେଖିବାକୁ ମିଳିଥିଲା। ମୁମ୍ବାଇ ବିମାନ ବନ୍ଦରର ରନ୍ଓ୍ବେ ଉପରେ ବସି କିଛି ଯାତ୍ରୀ ଖାଦ୍ୟ ଖାଇଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ କେନ୍ଦ୍ର ନାଗରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ରାତିରେ ମନ୍ତ୍ରଣାଳୟର ସମସ୍ତ ଅଧିକାରୀଙ୍କ ସହ ଏକ ବୈଠକ କରିଥିଲେ। ଏହି ବୈଠକ ପରେ ବ୍ୟୁରୋ ଅଫ୍ ବେସାମରିକ ବିମାନ ଚଳାଚଳ ସୁରକ୍ଷା (ବିସିଏସ୍) ଇଣ୍ଡିଗୋ ଏୟାରଲାଇନ୍ସ ତଥା ମୁମ୍ବାଇ ବିମାନବନ୍ଦରକୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଏଥିସହ ନିର୍ଦ୍ଧାରିତ ସମୟ ଭିତରେ ଯଦି ଜବାବ ନ ମିଳେ ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଚେତାବନୀ ଦିଆଯାଇଛି। ନୋଟିସ୍ ଅନୁଯାୟୀ ଇଣ୍ଡିଗୋ ଏବଂ ମୁମ୍ବାଇ ବିମାନବନ୍ଦର ଉଭୟ ଯାତ୍ରୀମାନଙ୍କ ପାଇଁ ଉପଯୁକ୍ତ ସୁବିଧା ବ୍ୟବସ୍ଥା କରିବାରେ ବିଫଳ ହୋଇଛନ୍ତି। ବିମାନକୁ ଏକ ରିମୋଟ୍ ଓ୍ବେ ସି-୩୩ ବଣ୍ଟନ କରାଯାଇଥିଲା। ଯାହା ଯାତ୍ରୀମାନଙ୍କ ଅସୁବିଧାକୁ ଆହୁରି ବଢ଼ାଇ ଦେଇଥିଲା। ଏହାଦ୍ୱାରା ଟର୍ମିନାଲରେ ଶୌଚାଳୟ ଏବଂ ଜଳପାନ ଭଳି ମୌଳିକ ସୁବିଧା ପାଇବା ସୁଯୋଗରୁ ସେମାନେ ବଞ୍ଚିତ ଥିଲେ ବୋଲି ନୋଟିସରେ କୁହାଯାଇଛି। ପ୍ରକୃତରେ, ରବିବାର ଦିନ ଗୋଆରୁ ଟେକ୍ ଅଫ୍ କରିଥିବା ଇଣ୍ଡିଗୋ ବିମାନଟି ଘନ କୁହୁଡି ଯୋଗୁ ଦିଲ୍ଲୀ ବିମାନ ବନ୍ଦରରେ ଅବତରଣ କରିପାରିନଥିଲା। ଦିଲ୍ଲୀ ବଦଳରେ ଏହାକୁ ମୁମ୍ବାଇ ବିମାନ ବନ୍ଦରକୁ ଡାଇଭର୍ଟ କରାଯାଇଥିଲା। ତେବେ ଏହାପୂର୍ବରୁ ଗୋଆରେ ବିମାନ ଉଡାଣରେ ବିଳମ୍ବ ହୋଇ ସାରିଥିବାରୁ ଯାତ୍ରୀମାନେ ରାଗି ଯାଇଥିଲେ। ଗୋଆ-ଦିଲ୍ଲୀ ବିମାନ ଉଡ଼ାଣରେ ପ୍ରାୟ ୧୮ ଘଣ୍ଟା ବିଳମ୍ବ ହେବା ପରେ ଯାତ୍ରୀମାନେ ରାଗି ଯାଇ ରନ୍ଓ୍ବେ ଛାଡିବାକୁ ମନା କରିଦେଇଥିଲେ। ଯାତ୍ରୀମାନେ ସେଠାରେ ବସି ପ୍ରତିବାଦ କରିବା ସହ ରାତ୍ର ଖାଦ୍ୟ ଖାଇଥିଲେ। କେବଳ ସେତିକି ନୁହେଁ ରନ୍ଓ୍ବେ ଉପରେ ଶୋଇବାକୁ ମଧ୍ୟ ନିଷ୍ପତ୍ତି ନେଇଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କ୍ଷମା ମଗାଯିବା ସହ ସ୍ପଷ୍ଟୀକରଣ ଜାରି କରାଯାଇଥିଲା।

## ଗାଡ଼ିରେ ଏକାଧିକ ଫାସଟ୍ୟାଗ୍ ଲାଗିଥିଲେ ସାବଧାନ !




**ନୂଆଦିଲ୍ଲୀ(ଏଜେନ୍ସି):** ଗାଡ଼ିରେ ଏକାଧିକ ଫାସଟ୍ୟାଗ୍ ଲାଗିଥିଲେ ସାବଧାନ ! ଗୋଟିଏକୁ ଛାଡ଼ି ଜାନୁଆରୀ ୩୧ ପରେ ବ୍ଲାକଲିଷ୍ଟ ହୋଇଯିବ ଅନ୍ୟ ସବୁ ଫାସଟ୍ୟାଗ୍। କାରଣ ଗୋଟିଏ ଗାଡ଼ିରେ ଲାଗିପାରିବନି ଏକାଧିକ ଫାସଟ୍ୟାଗ୍। ଏମିତିକି ଗୋଟିଏ ଫାସଟ୍ୟାଗ୍ ଏକାଧିକ ଗାଡ଼ିରେ ବ୍ୟବହାର କରାଯାଇ ପାରିବନି। ପ୍ରତି ଗାଡ଼ି ପାଇଁ ରହିବ ଗୋଟିଏ ମାତ୍ର ଫାସଟ୍ୟାଗ୍। ଏଥିପାଇଁ 'ଓ୍ବାନ ଭେଇକିଲ ଓ୍ବାନ ଫାସଟ୍ୟାଗ୍' ଅଭିଯାନ ଆରମ୍ଭ କରିଛି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚଏଆଇ)। ଟୋଲ ପ୍ଲାଜାରେ ନିରବଛନ୍ନ ଯାତାୟାତ ସହ ଇଲେକ୍ଟ୍ରୋନିକ୍ ଟୋଲ୍ ପ୍ଲାଜାର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏନଏଚଏଆଇ ଏମିତି ପଦକ୍ଷେପ ନେଇଥିବା କହିଛି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ। ଓ୍ବାନ ଭେଇକିଲ ଓ୍ବାନ ଫାସ୍ଟ୍ୟାଗ୍ କାର୍ଯ୍ୟକ୍ରମ ଅଧୀନରେ ଆସନ୍ତା ଜାନୁଆରୀ ୩୧ ସୁଦ୍ଧା ଗାଡ଼ି ମାଲିକଙ୍କୁ ସେମାନଙ୍କ ଫାସଟ୍ୟାଗ୍ ପାଇଁ କଣଉ ପୂରଣ କରିବାକୁ ପଡ଼ିବ। ନଚେତ୍ ଫାଷ୍ଟ୍ୟାଗରେ ବାଲାନ୍ସ ଥିଲେ ମଧ୍ୟ ଅସଂପୂର୍ଣ୍ଣ କଣଉ ଥିବା ଫାସ୍ଟ୍ୟାଗ୍ ନିଷ୍କ୍ରିୟ କରିଦେବେ ବ୍ୟାଙ୍କ। ଏକାଧିକ ଫାସଟ୍ୟାଗ୍ କ୍ଷେତ୍ରରେ ସଦ୍ୟତମ ଫାସଟ୍ୟାଗକୁ ଛାଡ଼ି ଅନ୍ୟ ସବୁ ନିଷ୍କ୍ରିୟ ହୋଇଯିବ। ଏଥିପାଇଁ ଫାସଟ୍ୟାଗ୍ ଉପଭୋକ୍ତା ନିକଟସ୍ଥ ଟୋଲ ପ୍ଲାଜା କିମ୍ବା ତାଙ୍କୁ ଫାସ୍ଟ୍ୟାଗ୍ ଜାରି କରିଥିବା ବ୍ୟାଙ୍କର କଷ୍ଟମର କେୟାରକୁ କଲ୍ କରି ଏନେଇ ସୂଚନା ପାଇପାରିବେ। ଏପଟେ ଏନଏଚଏଆଇର ପଦକ୍ଷେପକୁ ନେଇ ଉଠିଲାଣି ପ୍ରଶ୍ନ। ଉପଭୋକ୍ତାଙ୍କ କହିବା କଥା, ଟୋଲ ପ୍ଲାଜାରେ ଗୋଟିଏ କମ୍ପାନୀର ଫାସଟ୍ୟାଗ୍ କାମ ନକଲେ, ସେମାନେ ବାଧହୋଇ ଅନ୍ୟ କୌଣସି କମ୍ପାନୀର ଫାସ୍ଟ୍ୟାଗ୍ ଲଗାଉଛନ୍ତି। ଯଦି ଟୋଲ୍ ପ୍ଲାଜାରେ ଏଭଳି ସମସ୍ୟାର ତତ୍କାଳ ସମାଧାନ ହୋଇପାରୁଥାନ୍ତା, ଏକାଧିକ ଫାସଟ୍ୟାଗ୍ ଲଗାଇବାକୁ ପଡୁନଥାନ୍ତା। ସେପଟେ ସଡ଼କ ସୁରକ୍ଷା ବିଶେଷଜ୍ଞଙ୍କ ମତ, ଫାସଟ୍ୟାଗ୍ ଆସିବା ପରେ ମଧ୍ୟ ଟୋଲ୍ ପ୍ଲାଜାରେ ନିରବଚ୍ଛିନ୍ନ ଯାତାୟାତ ସୁଗମ ହୋଇପାରିନି। ଅନେକ ସମୟରେ ଟୋଲ ପ୍ଲାଜାରେ ବହୁ ଗେଟ୍ ବନ୍ଦ ରହୁଛି। ଫଳରେ ଲୋକଙ୍କୁ ଏବେ ଲାଇନ୍ ଲଗାଇବାକୁ ପଡୁଛି। ସରକାର ପ୍ରଥମେ ଏସବୁ ସମସ୍ୟାର ସମାଧାନ କରନ୍ତୁ। ଦେଶରେ ଏବେ ୮ କୋଟିରୁ ଅଧିକ ଫାସଟ୍ୟାଗ୍ ଉପଭୋକ୍ତା ଅଛନ୍ତି। ପ୍ରାୟ ୯୮ ପ୍ରତିଶତ ଗାଡ଼ିରେ ଫାସଟ୍ୟାଗ୍ ଲାଗିଛି। ତେବେ ଓ୍ବାନ ଭେଇକିଲ ଓ୍ବାନ ଫାସଟ୍ୟାଗ୍ କାର୍ଯ୍ୟକ୍ରମ, ଟୋଲ୍ ପ୍ଲାଜାରେ କିଭଳି ସୁଧାର ଆଣୁଛି, ତାହା ଦେଖିବାକୁ ବାକି ରହିଲା।

## ମୁଜରା ନାଁରେ ଚାଲିଥିଲା ଦେହ ବେପାର ; ମାଡ଼ି ବସିଲା ପୁଲିସ୍

**ଗୋଆ(ଏଜେନ୍ସି):** ମୁଜରା ନାଁରେ ଖୁଲମଖୁଲା ଚାଲିଥିଲା ଦେହ ବେପାର। ମୁଜରା କରୁଥିବା ଯୁବତୀଙ୍କୁ କରାଯାଉଥିଲା ଯୌନ ଶୋଷଣ। ଏପରି ଏକ ରାକେଟ୍ ଗୋଆରେ ଚାଲୁଥିବା ବେଳେ ତାହାର ପର୍ଦ୍ଦାଫାସ କରି ଦୁଇ ଜଣଙ୍କୁ ବାନ୍ଧିଛି ପୁଲିସ୍। ଗୋଆରେ ଥିବା ଏକ ରିସର୍ଟ ନିଜ ଧନୀ ଗ୍ରାହକଙ୍କ ପାଇଁ ଆୟୋଜନ କରୁଥିଲା ମୁଜରା। ଉକ୍ତ କାର୍ଯ୍ୟକ୍ରମ ପରେ ମୁଜରା ପରିବେଷଣ କରୁଥିବା ଯୁବତୀଙ୍କୁ ଯୌନ ଶୋଷଣ କରାଯାଉଥିଲା। ଏନେଇ ସୂଚନା ପାଇ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ୍ ପକ୍ଷରୁ ଜାଲ ବିଛା ଯାଇଥିଲା। ଏଥିନିମନ୍ତେ ଏକ ଟିମ୍ ଗଠନ କରାଯାଇ ଏକ ରିସର୍ଟ ଉପରେ ଚଢାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ମୁଜରା ପରିବେଷଣ କରୁଥିବା ୨ ଯୁବତୀଙ୍କୁ ପୁଲିସ୍ ସେଠାରୁ ମୁକୁଳାଇଛି। ଏହି ଘଟଣାରେ ପୁଲିସ୍ ଉକ୍ତ ରିସର୍ଟର ମାଲିକଙ୍କ ସମେତ ବିଜୟ କୁମାର ସରକାର ଓ ତାଙ୍କ ସହଯୋଗୀ ଅଜିତ କୁମାର ଝାଙ୍କୁ ବାନ୍ଧିଛି। ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୦ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁଲିସ୍ ଉକ୍ତ ରିସର୍ଟର ସିସିଟିଭିକୁ ଜବତ କରିଥିବା ବେଳେ ଏହାର ତଦନ୍ତ ଆରମ୍ଭ କରିଛି। ଏଥିସହ ଉକ୍ତ ସମୟରେ ମୁଜରା ଦେଖୁଥିବା ଅନ୍ୟମାନଙ୍କୁ ବି ପଚରାଉଚରା କରାଯିବ ବୋଲି ପୁଲିସ୍ ଅଧିକାରୀ ସୂଚନା ଦେଇଛନ୍ତି।

# ଆଇନ ଅଦାଲତ

## କୃଷ୍ଣ ଜନ୍ମଭୂମି ମାମଲା : ମସଜିଦରେ ସର୍ଭେ ନିର୍ଦ୍ଦେଶକୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ(ଏଜେନ୍ସି):** ଉତ୍ତର ପ୍ରଦେଶ ମଥୁରା ଶ୍ରୀକୃଷ୍ଣ ଜନ୍ମଭୂମି ମାମଲା ଉପରେ ଆଜି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶାଣାଣି କରିଛନ୍ତି। ସାହି ଇଦଗାହ ମସଜିଦରେ ସର୍ବେକ୍ଷଣ ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି ସୁପ୍ରିମକୋର୍ଟ। ଜାନୁଆରୀ ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସର୍ଭେ ସ୍ଥଗିତ ରହିଛି। ମଥୁରାରରେ ଥିବା କୃଷ୍ଣ ଜନ୍ମଭୂମି ଏବଂ ସାହି ଇଦଗାହ ମସଜିଦକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି। ଭଗବାନ କୃଷ୍ଣଙ୍କ ଜନ୍ମ ସ୍ଥାନରେ ମସଜିଦ ନିର୍ମାଣ ହୋଇଥିବା ଦାବି କରି ଆସୁଛନ୍ତି ହିନ୍ଦୁ ପକ୍ଷ। କିନ୍ତୁ ମୁସଲିମ ପକ୍ଷ ଏହାକୁ ବିରୋଧ କରୁଥିବାରୁ ମାମଲା କୋର୍ଟରେ ପହଞ୍ଚିଛି। ଡିସେମ୍ବରରେ ଆହ୍ଲାବାଦ ହାଇକୋର୍ଟ ଏ ଉପରେ ଏକ ଶୁଣାଣି କରି ମସଜିଦରେ ସର୍ଭେ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମସଜିଦ ସର୍ବେକ୍ଷଣ ପାଇଁ ହାଇକୋର୍ଟ ଆଡଭୋକେଟ କମିଶନର ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୁସଲିମ ପକ୍ଷ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଜି ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଏ ଉପରେ ଶୁଣାଣି କରି ହାଇକୋର୍ଟଙ୍କ ଆଡଭୋକେଟ କମିଶନର ନିଯୁକ୍ତି ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି। ସର୍ବୋଚ୍ଚ ଅଦାଲତ କୋର୍ଟଙ୍କ ରାୟକୁ ଅସ୍ପଷ୍ଟ ଦର୍ଶାଇବା ସହ ପରବର୍ତ୍ତୀ ଶୁଣାଣି ଜାନୁଆରୀ ୨୩କୁ ଧାର୍ଯ୍ୟ କରିଛନ୍ତି। ଶୁଣାଣି ସମୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏହି ମାମଲାରେ ଆଇନଗତ ପ୍ରକ୍ରିୟା ଜାରି ରଖିବାକୁ ଆହ୍ଲାବାଦ ହାଇକୋର୍ଟ ସମ୍ପୂର୍ଣ୍ଣ ରୂପେ ମୁକ୍ତ। ଏହାର ଅର୍ଥ ହାଇକୋର୍ଟ ଆଡଭୋକେଟ କମିଶନର ନିଯୁକ୍ତି କରାଇ ପାରିବେନି ସତ, କିନ୍ତୁ ଏହି ମାମଲାର ସମସ୍ତ ନ୍ୟାୟିକ ପ୍ରକ୍ରିୟା ଜାରି ରଖିପାରିବେ।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ : ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, କର୍ମଚାରୀଙ୍କ ପାଇଁ ଖୁସି ଖବର

## ଅବସରର ୩ ମାସ ଭିତରେ ପେନସନ୍



**କଟକ(ଏନ୍.ଏମ୍.):** ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ସପକ୍ଷରେ ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି। ପୂର୍ବରୁ ଆବେଦନକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍ ପ୍ରଦାନ ଦରଖାସ୍ତକୁ ଖାରଜ କରି ସରକାର ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ତିନି ମାସ ଭିତରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଧ୍ୟାପକ ଓ ର୍କମଚାରୀଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ଶତାଧିକ ମାମଲାର ୨୦୨୩, ଅକ୍ଟୋବର ୧୩ରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଆଜି ସେହି ମାମଲାର ରାୟ ପ୍ରକାଶ ପାଇଛି। ଏ ସଂପର୍କରେ ଏଚ.କେ. ଛୋଟରାୟ ଓ ଜି.ସି. ମହାକୁଳଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରଦୀପ୍ତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଶରତ ଚନ୍ଦ୍ର ପରିଡ଼ା ବନାମ ରାଜ୍ୟ ସରକାର ମାମଲାରେ ୨୦୧୫ରେ ପ୍ରଦାନ କରାଯାଇଥିବା ରାୟ ଆଧାରରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଧ୍ୟାପକ, କର୍ମଚାରୀଙ୍କୁ ପେନସନ ପ୍ରଦାନ ସପକ୍ଷରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶରତ ପ୍ରଧାନ ମାମଲାରେ ମଧ୍ୟ ସମାନ ରାୟ ହାଇକୋର୍ଟ ଦେଇଥିଲେ। ଜଣିକିଆ ବିଚାରପତିଙ୍କ ରାୟକୁ ବିରୋଧ କରି ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଦାୟର ୬୨୫ଟି ରିଟ୍ ଅପିଲର ୨୦୨୩, ମେ ୮ରେ ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଏକତ୍ର ଶୁଣାଣି କରି ଜଣକିଆ ବିଚାରପତିଙ୍କ ରାୟକୁ ରଦ୍ଦ କରିଥିଲେ। ଏଥି ସହିତ ଏହି ସବୁ ମାମଲାର ସାନି ଶୁଣାଣି ପାଇଁ ଜଣକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ହାଇକୋର୍ଟରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ପ୍ରସଂଗରେ ସାନି ଶୁଣାଣି ହୋଇଥିଲା। ତଥ୍ୟ ଅନୁଯାୟୀ ବ୍ଲକ୍ ଗ୍ରାଣ୍ଟ ଓ ଏବେର ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ମିଳୁ ନାହିଁ। ପୂର୍ବରୁ ଏହି ପ୍ରସଂଗ ନେଇ ଦାୟର ଶରତ ଚନ୍ଦ୍ର ପରିଡ଼ା ମାମଲାର ଶୁଣାଣି କରି ୨୦୧୫ରେ ହାଇକୋର୍ଟ ବ୍ଲକ ଗ୍ରାଣ୍ଟ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଏଭଳି ସ୍ଥିତିରେ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ଅବସର ପର ଦିନ ଠାରୁ ପ୍ରଦାନ କରାଯାଉ ବୋଲି ଦର୍ଶାଇ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀମାନେ ସରକାରଙ୍କ ନିକଟରେ ଦରଖାସ୍ତ କରିଥିଲେ। କିନ୍ତୁ ସରକାର ସେମାନଙ୍କ ଦରଖାସ୍ତ ଖାରଜ କରିବା ପରେ ଅବସରପ୍ରାପ୍ତ କର୍ମଚାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲା : ତଥ୍ୟ ରଖିବାକୁ ପୁଣି ସମୟ ଲୋଡ଼ିଲେ ସରକାର

**କଟକ(ଏନ.ଏମ୍.):** ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ତଥ୍ୟ ରଖିବାକୁ ପୁଣି ସମୟ ଲୋଡ଼ିଛନ୍ତି ସରକାର। ହାଇକୋର୍ଟରେ ଆଜି ଏ ସଂକ୍ରାନ୍ତ ମାମଲାର ଶୁଣାଣି ସମୟରେ ଜଷ୍ଟିସ ରଘୁବୀର ଦାଶ କମିସନ୍ ଦାଖଲ କରିଥିବା ରିପୋର୍ଟର ସ୍ଥିତି ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରିବାକୁ ସରକାର ଆଉ ଦୁଇ/ତିନି ଦିନ ସମୟ ମାଗିଥିଲେ। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଥିପାଇଁ ଅନୁମତି ଦେବା ସହିତ ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ଦାୟର ଏହି ଜନସ୍ୱାର୍ଥ ମାମଲାର ପରିଚାଳନା କରୁଥିବା ଆଇନଜୀବୀ ଅନୁପ କୁମାର ମହାପାତ୍ର ଏ ସଂପର୍କରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ୨୦୨୩ ଏପ୍ରିଲ ୨୫ରେ ଆବେଦନର ଶୁଣାଣି କରି କମିସନ ଅଫ୍ ଇନକ୍ୱାରି ଆଇନ ଅନୁସାରେ ଜଷ୍ଟିସ ରଘୁବୀର ଦାସ କମିସନଙ୍କ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟର କଣ ବର୍ତ୍ତମାନ ସ୍ଥିତି ରହିଛି ସେ ନେଇ ଜୁଲାଇ ୧ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଜୁଲାଇ ୪ରେ ଅଧିକ ସମୟ ଲୋଡ଼ି ଏକ ଅନ୍ତରୀଣ ଆବେଦନ ହାଇକୋର୍ଟରେ ଦାଖଲ କରିଥିଲେ। କମିସନଙ୍କ ନିକଟରୁ ତଦନ୍ତ ରିପୋର୍ଟ ମିଳିବା ପରେ ଏହା ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ଏଭଳି ସ୍ଥିତିରେ ଜଷ୍ଟିସ ରଘୁବୀର ଦାସ କମିସନ ଦାଖଲ କରିଥିବା ରିପୋର୍ଟର ସାନି ସ୍ଥିତି ସଂକ୍ରାନ୍ତରେ ଜଣାଇବାକୁ ୨ ମାସ ସମୟ ପ୍ରଦାନ କରାଯାଉ ବୋଲି ସେବେ ପ୍ରାର୍ଥନା କରାଯାଇଥିଲା। ଗତ ଡିସେମ୍ବର ୧ରେ ପୁଣି ଅଧିକ ସମୟ ପ୍ରଦାନ ପାଇଁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ଅନୁମତି ଦେଇ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୧୫ରେ ମାମଲାର ଶୁଣାଣି ସମୟରେ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ସତ୍ୟପାଠ ଦାଖଲ ପାଇଁ ଅଧିକ ସମୟ ଲୋଡ଼ା। ହାଇକୋର୍ଟ ଶୀତ ଅବକାଶ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜି ପୁଣି ସରକାରଙ୍କ ତରଫରୁ ଏହି ପ୍ରସଂଗରେ ଅବଗତ କରିବାକୁ ଅଧିକ ସମୟ ଲୋଡ଼ା ଯାଇଛି। ଏପ୍ରିଲ ୨୫ରେ ହାଇକୋର୍ଟ ଏହି ଜନସ୍ୱାର୍ଥ ଆବେଦନର ଶୁଣାଣି କରି ମୁଖ୍ୟ ଶାସନ ସଚିବ, ଆଇନ ସଚିବ ଓ ଗୃହ ସଚିବଙ୍କୁ ନୋଟିସ୍ ଜାରି କରିବା ସହିତ ଜୁଲାଇ ୧ ସୁଦ୍ଧା ତଦନ୍ତ କମିସନ ଦାଖଲ କରିଥିବା ରିପୋର୍ଟର ସାନି ସ୍ଥିତି ସଂପର୍କରେ ସତ୍ୟପାଠ ମାଧ୍ୟମରେ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ପୁଲିସ ଏସ୍ଆଇ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ; ହାଇକୋର୍ଟଙ୍କ ଜବାବ ତଲବ

**କଟକ(ଏନ୍.ଏମ୍.):** ପୁଲିସ ସବ୍ଇନ୍ସପେକ୍ଟର (ଏସ୍ଆଇ) ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଦାୟର ମାମଲାରେ ରାଜ୍ୟ ଗୃହ ବିଭାଗ ଓ 'ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ'କୁ ହାଇକୋର୍ଟ ନୋଟିସ୍ ଜାରି କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁବାସ ସେନାପତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜାନୁଆରୀ ୨୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ 'ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ' ପକ୍ଷରୁ ୨୦୨୧, ଜୁନ ୨୨ରେ ୪୭୭ଟି ପୁଲିସ ଏସଆଇ ପଦବିରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩, ନଭେମ୍ବର ୨୬ ଓ ଡିସେମ୍ବର ୧୦ରେ ଲିଖିତ ପରୀକ୍ଷା ହୋଇଥିଲା। ୨୦୨୩, ଡିସେମ୍ବର ୨୧ରେ ଲିଖିତ ପରୀକ୍ଷାର ଫଳ ପ୍ରକାଶ ପାଇଥିଲା। ଶାରୀରିକ ପରୀକ୍ଷା ପରେ ଡିସେମ୍ବର ୩୧ରେ ଚୂଡାନ୍ତ ମେଧା ତାଲିକା ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଥିଲା। ଏହି ତାଲିକା ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ଏହି ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ କରିଥିବାବେଳେ ନଭେମ୍ବର ୨୬ରେ ଖୋର୍ଦ୍ଧାର ଏକ ପରୀକ୍ଷାକେନ୍ଦ୍ରର ପ୍ରଥମ ସିଟିଂରେ ପରୀକ୍ଷକ ପେପର-୧ ବଦଳରେ ଦ୍ୱିତୀୟ ସିଟିଂର ପେପର-୨ ପ୍ରଶ୍ନପତ୍ର ଖୋଲି ଦେଇଥିଲେ। ପରେ ସେମାନଙ୍କ ଠାରୁ ପ୍ରଶ୍ନପତ୍ର ଫେରାଇ ନିଆଯାଇଥିଲା। ସେମାନଙ୍କୁ ଦ୍ୱିତୀୟ ସିଟିଂ ଆରମ୍ଭ ହେବା ପର୍ଯ୍ୟନ୍ତ ସେଠାରେ ରଖାଯାଇଥିଲା। ପରେ ଦ୍ୱିତୀୟ ସିଟିଂ ପ୍ରାୟ ସାଢେ ଗୋଟାଏ ବେଳେ ଆରମ୍ଭ ହେବାରୁ ପେପର-୨ର ପ୍ରଶ୍ନପତ୍ର ପୁନଃ ଦିଆଯାଇଥିଲା। ଉକ୍ତ ପରୀକ୍ଷାକେନ୍ଦ୍ରର ପରୀକ୍ଷାର୍ଥୀଙ୍କ ପେପର-୧ ପରୀକ୍ଷା ଆଉ ସେଦିନ କରା ଯାଇନଥିଲା। ଡିସେମ୍ବର ୧୦ରେ ପେପର-୧ ପରୀକ୍ଷା କରାଯାଇଥିଲା। ଯେହେତୁ ନଭେମ୍ବର ୨୬ରେ ପ୍ରଥମ ସିଟିଂ ବେଳେ ପେପର-୨ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କୁ ପ୍ରଥମେ ପ୍ରଦାନ କରାଯାଇଥିଲା ଏବଂ ଏହି ପ୍ରଶ୍ନପତ୍ର କିଛି ସମୟ ପ୍ରାର୍ଥୀଙ୍କ ନିକଟରେ ରହିଥିଲା ତେଣୁ ଏହି କେନ୍ଦ୍ରରୁ ପ୍ରଶ୍ନପତ୍ର ଲିକ ହେବାର ଯଥେଷ୍ଟ ସମ୍ଭାବନା ରହିଥିଲା। କିନ୍ତୁ କର୍ତ୍ତୃପକ୍ଷ ସଂପୂର୍ଣ୍ଣ ପରୀକ୍ଷା ବାତିଲ କରି ନଥିଲେ। ଅନ୍ୟପଟେ ଲିଖିତ ପରୀକ୍ଷାଫଳ ପ୍ରକାଶ ବେଳେ କଟ୍ ଅଫ ମାର୍କ ଧାର୍ଯ୍ୟ ପ୍ରସଙ୍ଗରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଶ୍ୱରଞ୍ଜନ ପରମଗୁରୁ ମାମଲା ପରିଚାଳନା କରୁଛନ୍ତି।

ନିଷ୍କର୍ଷ
NISHKARSHA

ସମ୍ପାଦକୀୟ

## ପସମନ୍ଦ ମୁସଲିମ ଓ ତାଙ୍କ ବିକାଶ ପାଇଁ ସରକାରଙ୍କ ପ୍ରଚେଷ୍ଟା

ଅନେକ ପ୍ରଚେଷ୍ଟା ହେଉଛି ଏକ ଉର୍ଦ୍ଦୁ ମୁସଲିମ ମୁଖ୍ୟତଃ ଭାରତ ଏକ ବିବିଧ ସମ୍ପନ୍ନ ବହୁବାଦୀ ରାଷ୍ଟ୍ର ଅଟେ ଯେଉଁଠି ଅଗଣିତ ସମୁଦାୟ ଓ ପରିଚୟର ବ୍ୟକ୍ତି ସମୂହ ବସବାସ କରିଥାଆନ୍ତି । ଏଠାକାର ମୁସଲିମ ସମୁଦାୟ ମଧ୍ୟରେ ଏକ ଗୋଷ୍ଠି ଅଛନ୍ତି ଯେଉଁମାନେ ପସମନ୍ଦ ମୁସଲିମ ଭାବେ ପରିଚିତ । ସେମାନେ ଅତୀତକାଳରୁ ଅନେକ ସାମାଜିକ ଓ ଆର୍ଥିକ ସଂଘର୍ଷର ସମ୍ମୁଖୀନ ହୋଇ ଆସୁଛନ୍ତି । ପସମନ୍ଦା ମୁସଲିମଙ୍କ ଉତ୍ଥାନ ପାଇଁ ସରକାରଙ୍କ ଦ୍ୱାରା ସତ୍ତ୍ୱେ ସେମାନଙ୍କ ଆଶାନ୍ତିରୂପ ଉନ୍ନତି ହୋଇପାରୁନାହିଁ । ପସମନ୍ଦ ଶବ୍ଦ ଯାହାର ଅର୍ଥ ଦଳିତ କିମ୍ବା ପଛୁଆ ବୋଲି ବୁଝାଏ । ପସମନ୍ଦା ନିମ୍ନ ସାମାଜିକ ଏବଂ ଆର୍ଥିକ ସ୍ତରର ମୁସଲିମ ସମୁଦାୟ । ଏହି ସମୁଦାୟ ଏହିପରି ବ୍ୟକ୍ତି ସମୁହଙ୍କୁ ନେଇ ଗଠିତ ଯେଉଁମାନେ ଅତୀତରେ ନିଷ୍ପେଷିତ ତଥା ବିଭିନ୍ନ ଉନ୍ନତିରୁ ବଂଚିତ ଥିଲେ । ହିନ୍ଦୁମାନଙ୍କ ମଧ୍ୟରେ ଯେପରି ଜାତି ବ୍ୟବସ୍ଥା ଅଛି ସେହି ପରି ଜାତିଭେଦ ମୁସଲମାନ ସମ୍ପ୍ରଦାୟରେ ଦେଖାଯାଇ ନ ଥାଏ । କିନ୍ତୁ ୨୦୦୬ ମସିହା ସଚ୍ଚର କମିଟି ରିପୋର୍ଟରେ ଭାରତୀୟ ମୁସଲିମ ସମୁଦାୟଙ୍କୁ ତିନି ଭାଗରେ ବିଭକ୍ତ କରାଯାଇଛି । ସେଗୁଡିକ ହେଲେ ଅଶରଫ୍-ଯେଉଁମାନେ ସମ୍ଭ୍ରାନ୍ତ ଶ୍ରେଣୀର ଓ ଦାବୀ କରନ୍ତି ଯେ ସେମାନେ ପ୍ରବାସୀ ମୁସଲିମ ମାନଙ୍କ ବଂଶଧର । ଅଜଲଫ୍ -ଯାହାକି ପଛୁଆ ଏବଂ ଅନ୍ୟ ପଛୁଆ ବର୍ଗକୁ ବୁଝାଏ, ଯେଉଁମାନେ ପରବର୍ତ୍ତୀ ସମୟରେ ଇସଲାମ ଧର୍ମ ଗ୍ରହଣ କରିଥିଲେ । ଅରଜଲ୍ ଶ୍ରେଣୀ ବା ଯେଉଁ ଦଳିତ ମାନେ ପରେ ଇସଲାମ ଧର୍ମ ଗ୍ରହଣ କରିଥିଲେ । ୨୦୦୬ ମସିହା ସଚ୍ଚର କମିଟି ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଯେ ଏହି ତିନୋଟି ଶ୍ରେଣୀଙ୍କ ପାଇଁ ଭିନ୍ନ ଅନୁପାତରେ ସକାରାତ୍ମକ ପଦକ୍ଷେପ ଆବଶ୍ୟକ । ଭାରତ ସରକାର ସଂଖ୍ୟାଲଘୁ ଓ ମୁସଲିମ ସମୁଦାୟଙ୍କ ସଶକ୍ତିକରଣ ଓ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଓ ଯୋଜନା କାର୍ଯ୍ୟକାରୀ କରି ଅଛନ୍ତି । ଏହାର ଅର୍ନ୍ତଗତ ଶିକ୍ଷା, ରୋଜଗାର ଓ ସାମାଜିକ କଲ୍ୟାଣ ଇତ୍ୟାଦି କ୍ଷେତ୍ରରେ ଅନେକ ପଦକ୍ଷେପ ଅର୍ନ୍ତଭୁକ୍ତ । ହେଲେ ଏହି ଯୋଜନା ଗୁଡିକର ଲାଭ ଉଠାଇବାରେ ପସମନ୍ଦା ମୁସଲିମ ମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପସମନ୍ଦ ମୁସଲିମ୍ ମାନଙ୍କର ଉନ୍ନତି ନ ହେବାର ଏକ ମୁଖ୍ୟ କାରଣ ହେଲା ସେମାନଙ୍କ ଦାବୀ ଉପସ୍ଥାପନ କରିବା ପାଇଁ କୌଣସି ସଶକ୍ତ ଘରର ଅଭାବ । ଅସରଫ୍ ଶ୍ରେଣୀର ମୁସଲମାନ ଅତୀତ କାଳରୁ ମୁସଲିମ ସମୁଦାୟଙ୍କ ମଧ୍ୟରେ ନିଜର ପ୍ରଭାବ ବିସ୍ତାର କରିଆସିଛନ୍ତି । ଅନ୍ୟ ପକ୍ଷରେ ପସମନ୍ଦ ମୁସଲିମ ମାନେ ନିଜର ସର ଉତ୍ତୋଳନ କରିପାରିନାହାନ୍ତି । ଶିକ୍ଷା ହେଉଛି ସାମାଜିକ ଓ ଆର୍ଥିକ ପ୍ରଗତିର ମୂଖ୍ୟ କାରକ । ତେଣୁ ଶିକ୍ଷାକୁ ନିମ୍ନ ବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସରକାରଙ୍କ ବିଭିନ୍ନ ପ୍ରଚେଷ୍ଟା ସତ୍ତ୍ୱେ ପସମନ୍ଦା ମୁସଲିମ୍ ମାନେ ଶିକ୍ଷାରୁ ବଞ୍ଚି ହୋଇ ରହିଛନ୍ତି । ଉଦାହରଣ ସରୂପ ଆଲିଗଡ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ପସମନ୍ଦ ମୁସଲିମ ପାର୍ଥୀ ମାନଙ୍କର ନାମଲେଖା ହାର କମ୍ ଅଟେ । ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ କମିଟି ଦ୍ୱାରା କୌଣସି ପ୍ରସମନ୍ଦା ପ୍ରାର୍ଥୀମାନଙ୍କୁ ଉପକୁଳପତି ପଦ ପାଇଁ ସାମ୍ଭାବ୍ୟ ତାଲିକାରେ ନରଖାଯିବା ଏହିପରି ବୈଷମ୍ୟତାର ଏକ ଜ୍ୱଳନ୍ତ ଉଦାହରଣ ଅଟେ । ପସମନ୍ଦ ମୁସଲିମ ସମୁଦାୟ ମଧ୍ୟରେ ଆର୍ଥିକ ବୈଷମ୍ୟତା ଏକ ମୁଖ୍ୟ ଚିନ୍ତାର ବିଷୟ ଅଟେ । ଅନେକ ପସମନ୍ଦା ମୁସଲିମ୍ ମାନେ ନିଜକୁ ସବୁ ଦରମା ବିଶିଷ୍ଟ ଚାକିରୀ ଗୁଡିକରେ ନିୟୋଜିତ କରିବା ପାଇଁ ବାଧ ହେଉଛନ୍ତି, ତେଣୁ ତାଙ୍କ ସମୁଦାୟରେ ମୁଖ୍ୟ ଭାଗ ଦାରିଦ୍ର୍ୟତାର ତଳ ସ୍ତରରେ ଏବେ ମଧ ରହୁଛନ୍ତି । ଗୁଣବତ୍ତା ଶିକ୍ଷା, ଧନ୍ଦାମୂଳକ ତାଲିମ ଏବଂ ଚାକିରୀ ସୁଯୋଗ ଗୁଡିକର ଅଭାବ ସେମାନଙ୍କର ଆର୍ଥିକ ଅସୁବିଧାକୁ ଅଧୀକ ବଢାଇ ଦେଇଛି । ସଂଖ୍ୟାଲଘୁ ସମୁଦାୟ ପାଇଁ ଭାରତ ସରକାରଙ୍କ ଦ୍ୱାରା ଅନେକ ପଦକ୍ଷେପ ନିଆଯାଉଥିଲେ ମଧ ପସମନ୍ଦ ମୁସଲିମଙ୍କ ବିକାଶ ଏବେ ମଧ ଏକ ଆହ୍ୱାନ ଭାବରେ ରହିଛି । ଏକୀକୃତ ସରର ଅଭାବ ଓ ଅସରଫ୍ ମୁସଲିମ୍ ?ଙ୍କ ଅତ୍ୟଧୀକ ପ୍ରଭାବ ସେମାନଙ୍କ ବିକାଶରେ ବାଧା ସୃଷ୍ଟି କରୁଛି । ଏହି ସମସ୍ୟାର ସମାଧାନ ପାଇଁ ସରକାର, ନାଗରିକ ସମାଜ ଏବଂ ନିଜେ ମୁସଲିମ ସମୁଦାୟଙ୍କ ପ୍ରୟାସ ଆବଶ୍ୟକ ଯାହା ଦ୍ୱାରା ସମାବେଶୀତାକୁ ପ୍ରୋତ୍ସାହିତ କରାଯାଇପାରିବ । ତେଣୁ ଅର୍ଥନୈତିକ ଅସମାନତା ଓ ସମାଜିକ ଦ୍ୱନ୍ଦଙ୍କୁ ଦୂର କରି ପସମନ୍ଦା ମୁସଲମାନ ମାନଙ୍କର ସାମଗ୍ରିକ ବିକାଶ ଏବଂ ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା ଆମର ପ୍ରମୂଖ ଉଦ୍ଦେଶ୍ୟ ହେବା ଉଚିତ୍ ।

- ରେଶ୍ମା ଫାତିମା
ଆନ୍ତ ଜାତୀୟ ସମ୍ପର୍କ ବିଭାଗ
ଜଓ୍ୱାହାରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ

### ଶରଣ ପଶିଯା ଚରଣ ତଳେ

ମତି ଭ୍ରମ ହୋଇଲା ମଣିଷର
ଠାକୁର ବୁଲିଲେ ଘରକୁ ଘର ।
ସାରା ବିଶ୍ୱ ଯାହା ନିର୍ଦ୍ଦେଷେ ଚଳେ
ନିର୍ଦ୍ଦେଶ ନହେଲେ ପତ୍ର ନ ଗଳେ ।
ବୁଲାଇଲ ନେଇ ରାଜ ରାସ୍ତାରେ
ସ୍ୱକ୍ଷଗତ କରୁଛ ମରଣ ବାରେ ।
ଭୟ ଭକ୍ତି ଥିଲେ ଜୟ ହୋଇବ,
ଗୁରୁଙ୍କର ପଦେ ଲୟ ରହିବ ।
ଛାର ମଣିଷ କି ବୁଝିବ ଆଉ
ଦେଖାଇ ହେଉଛି ଯଉବନ ଭାଉ ।
ପ୍ରହସନ କର ଦିଅଁଙ୍କୁ ନେଇ
ଖୋଳ କରତାଳ ଭଜନ ଗାଇ ।
ବାର ଦ୍ୱାରେ ଜଗା ମାଗିଲା ଭିକ
ଛଡାଇ ଦେବ ତୋ ଗାରିମା ଟେକ ।
ପ୍ରଶଂସା ସାଉଁଟି ହୋଇବୁ ନେତା
ଭିକ ମାଗିବ ଜଗତ କରତା ।
ତୁ ବସିବୁ ମଖ ମଲି ଗଦିରେ
କାଳିଆ ବସିଲା ଡାଲା ଗାଡ଼ିରେ ।
ଚପଲ ପାଦରୁ କାଢ଼ିଲୁ ନାହିଁ
ଧନ ଯୌବନେ ତୁ ହୋଇଲୁ ବାଇ ।
କେତେ ଦୁର୍ଦ୍ଦଶାକୁ ଦେଖିଲେ ତୁହି
ଚେତନା ପଶିବ ତୋ ଠାରେ ଯାଇ ।
ଯେ ଦେଇଛି ଗାଦି ଯେ ଦେଲା ଯଶ
ତାକୁ ବୁଲାଇଲୁ କରିତୁ ନିସ୍ୱ ।
ସାରା ଜଗତକୁ ଦିଏ ଆହାର
ତାକୁ ବୁଲାଇଲୁ ବାର ଦୁଆର ।
ଧନ୍ୟରେ ମଣିଷ ଗାରିମା ତୋର
ଯାର ମହିମା ଦେବେ ଅଗୋଚର ।
ଯାହାକୁ ବର୍ଣ୍ଣେ ନପାରନ୍ତି ବ୍ରହ୍ମା
ଯାହାର ରୁପରେ ଲକ୍ଷେ ଉପମା ।
ଲକ୍ଷେ ଶାଳ ଗ୍ରାମ ବସିଛି ମାଡି
ସେ ମାଗିଲା ଭିକ ଅଟୋରେ ଚଡି ।
ଛିରେ ମଣିଷ ଗରବ ଏତେ
ମୁରୁକି ହସୁଛି କଳା ସାଆନ୍ତେ ।
ଚକ୍ର ଘୁରିଲେ ମେଦିନୀ କମ୍ପିବ
ରକ୍ଷା ପାଇବୁନି ଛାର ମାନବ ।
କାଳୀୟର ଗର୍ବ ଗଞ୍ଜନ କଲା
ବଳିକି ପାତଳେ ସେ ଚାପି ଦେଲା ।
କ୍ଷୀର ସଙ୍ଗେ ନେଲା ପୁତନା ପ୍ରାଣ
ଗର୍ବ ଗଞ୍ଜନ ସେ ନାରାୟଣ ।
ଶରଣ ପଶ ତା ଚରଣ ତଳେ
ଭାରତୀ ଲେଖିଲା ଭାବ ଭୋଳରେ ।

- ଭାରତୀ ଲେଙ୍କା
କେନ୍ଦ୍ରାପଡ଼ା

# କେବଳ ନିଜ ପାଇଁ ନୁହେଁ ଅନ୍ୟ ପାଇଁ ବଞ୍ଚିବାର ସଂକଳ୍ପ ନେବା



ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣିତ ଅଛି ଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ; କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତ ମ ୭/ ୬/୨ ରେ ଏହା ବର୍ଣିତ ଅଛି, 'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ । ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍' ।

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥି ପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ବଡ଼ ଅଟ୍ଟାଳିକା ଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପର୍ଯ୍ୟନ୍ତ ସବୁ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ; ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ ଅତି ସଂକ୍ଷିପ୍ତ । ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟନ୍ତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟା ବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା । ଜିତେନ୍ଦ୍ର ଆଓ୍ୱାଧ ଏନସିପି ଦଳର ନେତା ଏବେ ନିକଟରେ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ସେ ହିନ୍ଦୁଙ୍କ ଆରାଧ ଦେବତା ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କୁ ଆମିଷ ଭକ୍ଷଣକାରୀ ବୋଲି ଦର୍ଶାଇଥିଲେ ଯାହାକି ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ କରିଛି । ସେହିପରି କଂଗ୍ରେସ ନେତା ଅଞ୍ଜନେୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ପ୍ରଭୁ ଶ୍ରୀରାମ ସହ ତୁଳନା କରିଛନ୍ତି ଏହା ଅତ୍ୟନ୍ତ ହୀନ ଏବଂ ଶସ୍ତା ରାଜନୀତି । ସମାଜବାଦୀ ଦଳର ନେତା ସ୍ୱାମୀ ପ୍ରସାଦ ମୌରିୟା ହିନ୍ଦୁ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଆପତ୍ତିଜନକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଏହିପରି ଅନେକ କ୍ଷମତା ପିପାସୁ ରାଜନେତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବିଭିନ୍ନ ଧର୍ମ ବିରୋଧୀ ମନ୍ତବ୍ୟ ଦେବାରେ ପଛଘୁଞ୍ଚା ଦେଉ ନାହାନ୍ତି । କିଛି ଦିନ ପୂର୍ବରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡିଏମକେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଅଶୋଭନୀୟ ଏବଂ ଦୁର୍ଭାଗ୍ୟଜନକ । କିଛିଦିନ ପୂର୍ବରୁ ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ । ସେ ସନାତନ ଧର୍ମକୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ ଏବଂ ଏହାକୁ ସମ୍ପୂର୍ଣ୍ଣ ମୂଳଉତ୍ପାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏତାଦୃଶ ଘୃଣା ଏବଂ ହିଂସା ଉଦ୍ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୦ ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୂଡ଼ଙ୍କ ନିକଟକୁ ଚିଠି ଲେଖିଛନ୍ତି । ଚିଠି ଲେଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀ ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ଏସ ଏନ ଧୀଙ୍ଗ୍ରା । ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଉଦୟନିଧି ଦେଇଥିବା ମନ୍ତବ୍ୟ ହିଂସା ଓ ଘୃଣା ସୃଷ୍ଟିକାରୀ । ସେଥିପାଇଁ ତାଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହାଛଡା ତାମିଲନାଡୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ, ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି । ସେ ଚିଠିରେ ଆହୁରି ମଧ ଏହା ଉପସ୍ଥାପନ କରାଯାଇଛି କି ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଘୃଣା ଉଦ୍ରେକକାରୀ ମନ୍ତବ୍ୟ ସମ୍ବିଧାନର ଧର୍ମନିରପେକ୍ଷ ଧାରା ଉପରେ ହସ୍ତକ୍ଷେପ ସଦୃଶ । ଉଦୟ ନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱର ମିଳାଇ ଡିଏମକେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି । ଚେନ୍ନାଇରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ ରାଜା ସନାତନ ଧର୍ମକୁ ଆକ୍ଷେପ କରି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟେ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ । ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧର ଅଭାବ ଥିବା ଏକବିଂଶ ଶତାବ୍ଦୀର ରାଜନେତା ଏହାକୁ ଭୁଲିଯାଇଛନ୍ତି; ସର୍ବ ପୁରାତନ ସନାତନ ଧର୍ମର ଅପମାନ ଅର୍ଥ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ବଡଠାକୁର ଜଗତର ନାଥ ଜଗନ୍ନାଥଙ୍କ ମର୍ଯ୍ୟାଦାହାନି । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇ ମଧ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି । ସବୁକିଛି ସୁଖ ସ୍ୱାଚ୍ଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା, ସୁନା, ରୁପା, ହୀରା ଅଳଙ୍କାର ଥିଲେ ମଧ ମାନସିକ ଅବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇଛନ୍ତି । ଏପରିକି ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ, ପୁଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି । ଏହାର ଅନେକ ଦୃଷ୍ଟାନ୍ତ ରହିଛି । ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି । ମଦ୍ୟପାନ ଠାରୁ ଆରମ୍ଭ କରି ପାନ, ଗୁଟକା, ସିଗାରେଟ, ହିରୋଇନ, ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କର ିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତ ରେ କୁହାଯାଇଛି,

'ଆପଣା ହସ୍ତେ ଜିହ୍ୱା ଛେଦି କେ ଅଛି ତାର ପ୍ରତିବାଦୀ' ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି । ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର, ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଭଳି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି । ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି । ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି । ସ୍ନେହ, ପ୍ରେମ, ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ । ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି । ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି । ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେ କରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମ ସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରି ଦେଉଛି । ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇ ଦଉଚି, ତ ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇ ଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି । ୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦ ହଜାର କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ ନିଜ ଜୀବନ ବଞ୍ଚାଇ ପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇ ପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇ ଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି ଯେ, 'ଦଇବ ଦଉଡି ମଣିଷ ଗାଈ ଯେଣିକି ଟାଣଇ ଶେଣିକି ଯାଇ' ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା ।

ଯୋଗାଯୋଗ :
ଗୋପାଳପୁର, ବାଲେଶ୍ୱର
ମୋ:-୭୦୨୦୬୧୧୩୦୦

# ଖାଦ୍ୟକ୍ଷତି : ମହାଲକ୍ଷ୍ମୀଙ୍କ କରୁଣା ଲାଭରେ ବାଧକ

ଜାନକୀଶ ବଡ଼ପଣ୍ଡା

କୌଣସି ଖାଦ୍ୟ କେବଳ ଖାଦ୍ୟ ନୁହେଁ, ଏଥିରେ ସନ୍ନିହିତ ହୋଇ ରହିଥାଏ ଚାଷୀର ଶ୍ରମ, ମାଟି ମା'ର ନାନାଦି ଉପାଦାନ, ଜୀବନ ଦାନକାରୀ ଜଳ, ବାୟୁ, ସୂର୍ଯ୍ୟ କିରଣ ଏବଂ ସମଗ୍ର ପ୍ରକ୍ରିୟାରେ ନିୟୋଜିତ ହୋଇଥିବା କାଳଖଣ୍ଡ; ଯାହା ଅଫେରା । ଖାଦ୍ୟ ଉତ୍ପାଦନ କରାଯାଏ କ୍ଷୁଧା ନିବାରଣ ପାଇଁ । ଯଦି, ଚାଷୀର ଶ୍ରମ, ମାଟି ମା'ର ଉପାଦାନ, ଜଳ, ବାୟୁ, ସୂର୍ଯ୍ୟ କିରଣ ଓ ଅଫେରା ସମୟର ଉପଯୋଗରେ ଉତ୍ପନ୍ନ ଖାଦ୍ୟର କିଛି ବି ଅଂଶ ଆମର କ୍ଷୁଧା ନିବାରଣ କରିବାକୁ ଅସମର୍ଥ ହୁଏ, ଏହାକୁ ପ୍ରକୃତିଦତ୍ତ ଅମୂଲ୍ୟ ଉପାଦାନ ତଥା ସମ୍ପଦର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶର ଅପଚୟ ହିଁ କୁହାଯାଇ ପାରିବ । ଯଦି ଏହା ମନୁଷ୍ୟକୃତ ଅବହେଳା ଓ ଆଚରଣ ଜନିତ କାରଣରୁ ହୋଇଥାଏ, ତାହା ଅକ୍ଷମଣୀୟ ଅପରାଧ ଭାବେ ଗ୍ରହଣ କରାଗଲେ ନିଶ୍ଚୟ ଭୁଲ ହେବନାହିଁ । ସାଧାରଣତଃ ଉତ୍ପନ୍ନ ଖାଦ୍ୟଶସ୍ୟ ଅପଚୟ ଦୁଇ ପ୍ରକାର । ଗୋଟିଏ ଖାଦ୍ୟହାନୀ ଓ ଅନ୍ୟଟି ହେଲା ଖାଦ୍ୟନଷ୍ଟ । ଚାଷ ଜମିରେ ଖାଦ୍ୟଶସ୍ୟ ଅମଳ ପରଠାରୁ ଖାଉଟୀ ବା ଉପଭୋକ୍ତାଙ୍କ ପାଖରେ ପହଞ୍ଚିବା ମଧ୍ୟରେ କିଛି ଉତ୍ପନ୍ନ ଖାଦ୍ୟ ନଷ୍ଟ ହୋଇଥାଏ; ଯାହାକୁ ଆମେ ଖାଦ୍ୟହାନୀ କହି ପାରିବା । ଖାଦ୍ୟ ନଷ୍ଟ କହିଲେ ଆମେ ବୁଝିଥାଉ, ଖାଉଟୀ ସ୍ତରରେ ନଷ୍ଟ ହେଉଥିବା ଖାଦ୍ୟ । ଏହି ଉଭୟକୁ ଆମେ ଖାଦ୍ୟକ୍ଷତି କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତୀୟ କୃଷି ଗବେଷଣା ପରିଷଦଙ୍କ ପ୍ରଦତ୍ତ ଏକ ସୂଚନାରୁ ଜଣାଯାଏ ଯେ, କେବଳ ଭାରତରେ ପ୍ରତିବର୍ଷ ଖାଦ୍ୟ କ୍ଷତିର ପରିମାଣ ପ୍ରାୟ ୭୪ ନିୟୁତ ମେଟ୍ରିକ ଟନ । ଏହି ପରିମାଣର ଖାଦ୍ୟକ୍ଷତି କେବଳ ଆମ ଦେଶରେ ଯେ ହୁଏ, ତାହା ନୁହେଁ, ସମଗ୍ର ପୃଥିବୀରେ ମଧ ତାହାର ୯ ଗୁଣରୁ ଅଧିକ ଖାଦ୍ୟକ୍ଷତି ହୁଏ । ଅନ୍ୟ ଭାବେ କହିଲେ, ଭାରତର ଖାଦ୍ୟକ୍ଷତିର ପରିମାଣ ସମଗ୍ର ପୃଥିବୀର ଖାଦ୍ୟକ୍ଷତିର ପ୍ରାୟ ୮ ପ୍ରତିଶତ । ଏହା ନିଶ୍ଚିତ ଭାବେ କ୍ଷୁଧିତ ବିଶ୍ୱ ପାଇଁ ଯେତିକି ଦୁଃଖଦ, ସେତିକି ଚିନ୍ତାଜନକ । ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ତାହାର ମାନ ନିର୍ଦ୍ଧାରଣକାରୀ ପ୍ରାଧିକରଣ (ଏଫଏସଏସଏଆଇ) ତଥ୍ୟ ଅନୁସାରେ ଭାରତରେ କୃଷି କ୍ଷେତ୍ରରେ ଯେତେ ପରିମାଣର ଖାଦ୍ୟ ଉତ୍ପାଦିତ ହୁଏ, ତାହାର ଏକ ତୃତୀୟାଂଶ ଖାଇବା ଥାଳିକୁ ନଆସି ନଷ୍ଟ ହୋଇଯାଏ । ବିଶ୍ୱ କ୍ଷୁଧା ସୂଚକାଙ୍କ ତାଲିକାରେ ଥିବା ୧୨୧ଟି ଦେଶଙ୍କ ମଧ୍ୟରେ ଭାରତର ସ୍ଥାନ ୧୦୭ ନମ୍ବରରେ ରହିଥିବା ଜଣାପଡ଼ିଛି । ଆଫଗାନିସ୍ତାନ ବ୍ୟତିତ ଦକ୍ଷିଣ ଏସିଆ ମହାଦେଶରେ ଥିବା ପ୍ରାୟ ସମସ୍ତ ଦେଶ ପଛରେ ରହିଛି ଭାରତ । ବିଶ୍ୱ କ୍ଷୁଧା ସୂଚକାଙ୍କ ତାଲିକାରେ ଆମର ପଡ଼ୋଶୀ ଦେଶ ଚୀନ, ଶ୍ରୀଲଙ୍କା, ନେପାଳ, ପାକିସ୍ତାନ ଓ ଆଫଗାନିସ୍ତାନ ଯଥାକ୍ରମେ ୧୭, ୬୪, ୮୧, ୯୯ ଓ ୧୦୯ ସ୍ଥାନରେ ରହିଥିଲା ବେଳେ ଆମେ ୧୦୭ ସ୍ଥାନରେ ରହିବା ଲଜ୍ଜା ଜନକ । ଖାଦ୍ୟଶସ୍ୟ, ଫଳ, ପନିପରିବା ଇତ୍ୟାଦି ସମସ୍ତ ପ୍ରକାର ଖାଦ୍ୟ ପଦାର୍ଥ ଅମଳ ହେବା ପରେ ପରେ ସେସବୁର ଆବଶ୍ୟକୀୟ ପରିଚାଳନା କରା ନଗଲେ, ତାହାର ଉଭୟ ଗୁଣାତ୍ମକ ଏବଂ ପରିମାଣାତ୍ମକ ଅବକ୍ଷୟ ଘଟେ । ମୁଖ୍ୟତଃ ଉପଯୋଗୀ ପରିବହନ ବ୍ୟବସ୍ଥା ଓ ସାଇତି ରଖିବାକୁ ଗୋଦାମ ଘର ଅଭାବ, ଦକ୍ଷତାହୀନ ପରିଚାଳନା ତଥା ତ୍ରୁଟିପୂର୍ଣ୍ଣ ବଣ୍ଟନ ପଦ୍ଧତି କାରଣରୁ ଶସ୍ୟ କ୍ଷୟ ହୋଇଥାଏ । ଅମଳ ସମୟରେ ଓ ଅମଳ ପରେ ଧାନ, ଗହମ, ମିଲେଟ, ଡାଲି ଓ ତୈଳବୀଜ ଶସ୍ୟ, ସବୁଜ ପନିପରିବା ଓ ଫଳମୂଳ ଆଦିର ବିକ୍ରି ପୂର୍ବରୁ ପ୍ରଭୂତ ଖାଦ୍ୟକ୍ଷତି ଘଟିଥାଏ । ଏହାକୁ ଯଦିଓ କମାଇ ଦିଆଯାଇ ପାରିବ, ସେଥିପ୍ରତି ଗରିବ ଚାଷୀ ଓ ବେପାରୀ ଧ୍ୟାନ ଦେଇନଥାନ୍ତି । ଖାଦ୍ୟନଷ୍ଟ କରିବାରେ ଖାଉଟିମାନଙ୍କର ଅବଦାନ ମଧ କିଛି କମ ନୁହେଁ । ନିଜ ଘରେ ହେଉ କି ବାହାରେ, ହୋଟେଲ-ରେଷ୍ଟୋରାଁ ହେଉ କି ଭୋଜି ଭାତରେ ସମସ୍ତଙ୍କ ଧାରଣାଟିଏ ବଳବତ୍ତର ହୋଇ ରହେ ଯେ, ନିଜ ଥାଳିରେ ମନବୋଧ ହେଲାଭଳି ଅନ୍ନ ବ୍ୟଞ୍ଜନ ନେଇ ସ୍ୱାଦିଷ୍ଟ ଓ ରୁଚିକର ଖାଦ୍ୟତକ ଖାଇସାରିବା ପରେ ବଳକା ଖାଦ୍ୟକୁ ଥାଳି ସହିତ ଅଳିଆ ଝୁଡ଼ି ଭିତରକୁ ଫିଙ୍ଗିଦେବା ତାଙ୍କର ଅନ୍ୟତମ ଅଧିକାର । ହୁଏତ ଏଭଳି ଅବିଚାରିତ ଭାବେ ଖାଦ୍ୟନଷ୍ଟ କରୁଥିବା ବ୍ୟକ୍ତି ଓ ସେମାନଙ୍କ ପରିବାର ତଥା ବନ୍ଧୁବାନ୍ଧବମାନଙ୍କ ପାଇଁ ଅଳିଆ ଝୁଡ଼ିରେ ବଳକା ଖାଦ୍ୟକୁ ଢାଳିଦେବା ଏକ ଆର୍ଥିକ ବୋଝ ନହୋଇପାରିଥାଏ; ଗ୍ରାହକଙ୍କଠାରୁ ପୂରା ପଇସା ଅସୁଲ କରିସାରିଥିବା ହୋଟେଲ, ରେଷ୍ଟୋରାଁ ପକ୍ଷରେ ଏପରି ଖାଦ୍ୟନଷ୍ଟ ହେଉଥିବାର ଦୃଶ୍ୟ ଦେହସୁହା ହୋଇଥାଇପାରେ; କିନ୍ତୁ ଭାବନ୍ତୁ ତ ଅହଣ୍ଡିଆ କାନ୍ଦୁରା ଛୁଆ ମୁହଁରେ ଦାନା ଦେବାକୁ ରାସ୍ତାକଡ଼ ଅଳିଆ କୁଣ୍ଡରୁ ଖାଦ୍ୟ ସାଉଁଟୁଥିବା ଭିକାରୁଣୀ କଥା! ନଗଡାର ଅପପୁଷ୍ଟ ଶିଶୁମାନଙ୍କ କଥା । ଇଥିଓପିଆର ବୁଭୁକ୍ଷୁ ଲୋକଙ୍କ କଥା । ଗାଜାର ବଙ୍କର ଭିତରେ ଭୋକ ଉପାସରେ ଟୋପାଏ ବି ପାଣି ନପାଇ ଡହଳ ବିକଳ ହେଉଥିବା ପଲେଷ୍ଟିନୀୟଙ୍କ ମୁହଁର ଭାଷା । ସାରା ପୃଥିବୀ ଓ ବିଶ୍ୱ ଅର୍ଥନୀତି ପାଇଁ ଏହି ଖାଦ୍ୟ ଏକାନ୍ତ ଦରକାରୀ ଥିଲାବେଳେ ଏପରି ଖାଦ୍ୟନଷ୍ଟ କରାଯିବା ଅନାବଶ୍ୟକ ବୋଝ ନୁହେଁ କି ? ଆମ ଦେଶରେ ଯେତେ ପରିମାଣର ଖାଦ୍ୟନଷ୍ଟ ହୁଏ, ତାହାର ପ୍ରମୁଖ ମାଧ୍ୟମ ଭିତରେ ନିଶ୍ଚୟ ରହିବ ବାହାଘର ଭୋଜିଠାରୁ ଆରମ୍ଭ କରି, ବିଭିନ୍ନ ସମୟରେ ଅନୁଷ୍ଠିତ ଭୋଜି ଭାତର ଆସର । ଏକ ଅନୁଶୀଳନରୁ ଜଣାଯାଇଛି ଯେ, କେବଳ ବିଶାଳ ବିବାହ ଭୋଜିମାନଙ୍କରେ ଯେତିକି ପରିମାଣର ଓ ବିଭିନ୍ନ କିସମର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ, ତାହାର ପ୍ରାୟ ୪୦ ପ୍ରତିଶତ ଖାଦ୍ୟ ବଳକା ଏବଂ ଉଚ୍ଛିଷ୍ଟ ଭାବେ ଫୋପଡ଼ା ଯାଏ । ଏପରି ଭାବେ ପରିତ୍ୟକ୍ତ ଉଚ୍ଛିଷ୍ଟ ପରିଚାଳନା କରାଯାଏ ଯେ ପଶୁଖାଦ୍ୟ ରୂପେ ଏହାର ପୁନଃବ୍ୟବହାର ପ୍ରାୟତଃ ଅସମ୍ଭବ । ଜାପାନରେ ପ୍ରକାଶିତ ଏକ ବିବରଣୀରୁ ଜଣାଯାଏ ଯେ, ବଡ଼ବଡ଼ ହୋଟେଲମାନଙ୍କରେ ଗ୍ରାହକଙ୍କ ଥାଳିରେ ବଳକା ରହୁଥିବା ଅବ୍ୟବହୃତ ଖାଦ୍ୟ ମଧ୍ୟରୁ ଚିଙ୍ଗୁଡ଼ି, କୁକୁଡ଼ା ମାଂସ ଇତ୍ୟାଦିକୁ ସେଠାକାର କର୍ମଚାରୀମାନେ ଯତ୍ନ ସହକାରେ ସଂଗ୍ରହ କରି ରଖନ୍ତି, ଯାହାକୁ ରାସ୍ତାକଡ଼ର ଫାଷ୍ଟ ଫୁଡ ଠେଲାଗାଡ଼ି ମାନେ କିଣିନେଇ ପୁନଃବ୍ୟବହାର କରି ବିକନ୍ତି । ବଳକା ଖାଦ୍ୟ ସାମଗ୍ରୀକୁ ଘୁଷୁରି ଚାଷୀ ସଂଗ୍ରହ କରି ପଶୁଖାଦ୍ୟ ଭାବେ ବ୍ୟବହାର କରିଥାଆନ୍ତି । ଚଳିତ ୨୦୨୩ ବର୍ଷ ପାଇଁ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ତାଲିକାରେ ପୃଥିବୀର ୧୨୫ଟି ଦେଶର ତାଲିକାରେ, ବିଶ୍ୱର ପଞ୍ଚମ ମହାଶକ୍ତି ଭାବେ ଉଭା ହୋଇଥିବା ଭାରତ ଶୋଚନୀୟ ଭାବେ ୧୧୧ତମ ସ୍ଥାନରେ ରହିବା ଏକ ଜାତୀୟ ଲଜ୍ଜା । ତାହାର ଅର୍ଥ ହେଲା ଯେ ଭାରତର ଅନେକ ନାଗରିକ ଦୁଇଅଳା ପେଟପୂରା ଖାଇବାକୁ ପାଉନାହାନ୍ତି । ଆମର ଜନସଂଖ୍ୟାର ଏକ ବିଶେଷ ଅଂଶ ଆଜି ବି ଅନାହାର ଓ ଅପପୁଷ୍ଟି ମଧ୍ୟରେ ବଞ୍ଚୁଛନ୍ତି । ଏଭଳି ସ୍ଥିତିରେ, ଆମ ଦେଶରେ ଗୋଟିଏ ବି ଭାତ କିମ୍ବା ଟୁକୁଡ଼ାଏ ରୁଟି ନଷ୍ଟ କରାଯିବା ଏକ ଅନୈତିକ ଆଚରଣ ଭାବେ ଗ୍ରହଣ କରାଯାଇ ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରାଯିବା ଉଚିତ । ଏକ ଆକଳନ ଅନୁସାରେ, ଆମଦେଶରେ ପ୍ରତ୍ୟେକ ବର୍ଷ ଯେତିକି ପରିମାଣର ଖାଦ୍ୟନଷ୍ଟ ହୁଏ ତାହାର ହାରାହାରି ମୂଲ୍ୟ ୮୯ ହଜାର କୋଟି ଟଙ୍କା । ଭାରତର ମୋଟ ଘରୋଇ ଉତ୍ପାଦ ବା 'ଜିଡିପି'ର ପ୍ରାୟ ଏକ ପ୍ରତିଶତ । ଆମ ଦେଶରେ ଯେତିକି ଖାଦ୍ୟହାନୀ ଓ ଖାଦ୍ୟନଷ୍ଟ ହୁଏ, ତାହା କେବଳ ଆମଦେଶ ପାଇଁ ଉଦବେଗର କାରଣ ନୁହେଁ; ଏହାର ପ୍ରଭାବ ସମଗ୍ର ବିଶ୍ୱର କ୍ଷୁଧିତ ମାନବ ସମାଜକୁ ଚିନ୍ତାଗ୍ରସ୍ତ କରିବାକୁ ଯଥେଷ୍ଟ । ଆମଦେଶର ଅନେକ ନାଗରିକ ଭୋକରେ, ଅଧାପେଟରେ ରହୁଥିଲା ବେଳେ ଭାରତ ବର୍ତ୍ତମାନ ପୃଥିବୀର ଅନ୍ୟତମ ପ୍ରମୁଖ ଖାଦ୍ୟଶସ୍ୟ ରପ୍ତାନୀକାରୀ ରାଷ୍ଟ୍ର ଭାବେ ଗଣା ଯାଉଛି । ନାଗରିକଙ୍କ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ଅଣ ବାସୁମତି ଚାଉଳ ରପ୍ତାନୀ ବନ୍ଦ କରିଦେଇଛନ୍ତି ଓ କେବଳ ବାସୁମତି ଚାଉଳ ରପ୍ତାନୀ ଉପରେ ସର୍ବନିମ୍ନ ରପ୍ତାନୀ ଦର ଧାର୍ଯ୍ୟ କରି ପରୋକ୍ଷରେ ଦେଶମଧ୍ୟରୁ ଖାଦ୍ୟ ରପ୍ତାନୀକୁ ନିରୁସାହିତ କରିଛନ୍ତି । ଫଳରେ ଅନେକ ଦେଶରେ ଚାଉଳର ଅଭାବ ଦେଖାଦେଇଛି । ଏହା ବିଶ୍ୱ ଖାଦ୍ୟ ସମସ୍ୟା ସୃଷ୍ଟି କରିଛି । ବସୁଧୈବ କୁଟୁମ୍ବକମ ଆଦର୍ଶରେ ବିଶ୍ୱାସ କରୁଥିବା ଭାରତ ପାଇଁ ଏହା ଏକ ଧର୍ମ ସଂକଟ ଭଳି କଥା । ଏଭଳି ସ୍ଥିତିରେ ଆମ ପାଇଁ ଖାଦ୍ୟନଷ୍ଟ ଅନ୍ୟତମ ଅନୈତିକ ଆଚରଣ । ଆମ ଦେଶର ଥିଲାବାଲା ଲୋକମାନେ ଯେଉଁ ପରିମାଣର ଖାଦ୍ୟ ନଷ୍ଟ କରୁଛନ୍ତି ସେତିକି କରୁ ନଥିଲେ ହୁଏତ ଆମ ଦେଶର ଅର୍ଦ୍ଧାହାରରେ ରହୁଥିବା ଅନେକ ନାଗରିକ ଓ ଏହି ପୃଥିବୀର ଅନ୍ୟ କେଉଁ ଆଫ୍ରିକୀୟ ଦେଶର ଭୁଭୁକ୍ଷୁଙ୍କର କ୍ଷୁଧା ନିବାରଣ କରିପାରୁଥାଆନ୍ତା । ଏଭଳି ମହତ୍ତର ଚିନ୍ତାଧାରାକୁ ବଳ ଦେବା ପାଇଁ ମିଳିତ ଜାତିସଙ୍ଘ ପକ୍ଷରୁ ନିରନ୍ତର ବିକାଶ ଲକ୍ଷ (ଏସଡିଜି) ତାଲିକା ମଧ୍ୟରେ ଖାଦ୍ୟନଷ୍ଟ କମାଇବାକୁ ଅନ୍ୟତମ ଲକ୍ଷ୍ୟ ଭାବେ ଧାର୍ଯ୍ୟ ହୋଇଛି । ଏହି ଲକ୍ଷ୍ୟ ଅନୁସାରେ ୨୦୩୦ ମସିହା ସୁଦ୍ଧା ବୈଶ୍ୱିକ ଖାଉଟି ସ୍ତରରେ ମୁଣ୍ଡପିଛା ଖାଦ୍ୟନଷ୍ଟ ଅଧାକୁ କମାଇବା ଓ ଅମଳ ପରବର୍ତ୍ତୀ ଖାଦ୍ୟହାନୀ ହ୍ରାସ କରିବା ପାଇଁ ତଥା ଉତ୍ପାଦନ ଓ ଯୋଗାଣ ଶୃଙ୍ଖଳ ସହିତ ସଂଶ୍ଳିଷ୍ଟ ଖାଦ୍ୟନଷ୍ଟ ହ୍ରାସ ଘଟାଇବା ନିମନ୍ତେ ଲକ୍ଷ୍ୟ ରଖାଯିବା ପ୍ରମାଣିତ କରେ ଯେ, ସମସ୍ୟା କେତେ ଗମ୍ଭୀର । ଅମଳ ପରବର୍ତ୍ତୀ ଫସଲ ପରିବହନ, ଶସ୍ୟ ସଂରକ୍ଷଣ, ଉପଯୁକ୍ତ ଯୋଗାଣ ଶୃଙ୍ଖଳ ନିର୍ମାଣ ଓ ସେ ସବୁର ଦକ୍ଷ ପରିଚାଳନା କରାଗଲେ, ଖାଦ୍ୟହାନୀ ବହୁ ପରିମାଣରେ କମିଯିବ । ଆବଶ୍ୟକ ପରିମାଣର ଶସ୍ୟ ଭଣ୍ଡାର ବା ଗ୍ରାମ୍ୟ ଗୋଦାମ, ଶୀତଳ ଭଣ୍ଡାର ଓ ପିଆଜ ଭଳି ଫସଲକୁ ସାଇତି ରଖିବା ପାଇଁ ଆବଶ୍ୟକ ଭଣ୍ଡାର ଗୃହ ପ୍ରତିଷ୍ଠା କରାଗଲେ ଚାଷୀମାନେ ଅଧିକ ରୋଜଗାର କରିବେ ଓ ଅଧିକ ଅମଳ କରିବାରେ ବ୍ରତୀ ହେବେ ।

ଫୋ- ୯୪୩୮୨୯୯୦୩୭
ସୌଜନ୍ୟ : (ଓଆର)




# ଜବତ ହେଲାଣି କୋଟିଏ ଟଙ୍କାର ନକଲି ଔଷଧ



**କଟକ(ଏନ୍.ଏମ୍.):** ରାଜ୍ୟରେ ନକଲି ଔଷଧ କାରବାର ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି। ଏସ୍ଟିଏଫ ଇତିମଧ୍ୟରେ ରାଜ୍ୟ ତଥା ରାଜ୍ୟ ବାହାର ୩୯ଟି ସ୍ଥାନରେ ଚଢଉ କରି କୋଟିଏରୁ ଅଧିକ ଟଙ୍କାର ନକଲି ଔଷଧ ଜବତ କରି ସାରିଲାଣି। କିନ୍ତୁ ଏହି କାରବାର ଉପରେ ସଂପୂର୍ଣ୍ଣ ଅଙ୍କୁଶ ଲାଗି ପାରୁ ନାହିଁ। ଇତିମଧ୍ୟରେ କଟକ ଏସ୍ଟିଏଫ୍ ଟିମ୍ ଅନୁଗୁଳରେ ଚଢଉ କରି ନକଲି ପେଣ୍ଟୋସିଡ୍(ଡିଏସ୍ଆର) ଔଷଧ ଜବତ କରିବା ସହିତ ଏ ସଂପର୍କରେ ଅନୁଗୁଳ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ୪ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ଅନୁଗୁଳ ପୁଲିସ ସଂଜୀବ୍ କୁମାର ସାହୁକୁ ଗିରଫ କରିଛି। କିନ୍ତୁ ଏହି ଘଟଣାରେ ୩ ଜଣ ଏବେ ବି ଫେରାର ଅଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୨, ସେପ୍ଟେମ୍ବର ୬ତାରିଖରେ କଟକରେ ପ୍ରଥମେ ନକଲି ଔଷଧ ଜବତ୍ ହୋଇଥିଲା। ନକଲି କୋଭିଡ୍ ଔଷଧ ଠାରୁ ଆରମ୍ଭ କରି ପେଟି ପେଟି ବିଭିନ୍ନ ଔଷଧ ଜବତ୍ ହେବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି କାରବାରର ଲିଙ୍କ୍ ବାରଣାସୀ, ହିମାଚଳ ପ୍ରଦେଶ, ବିହାର, ଆଗ୍ରା, ଦିଲ୍ଲୀ ଯାଏ ଲମ୍ବିଥିଲା। ଡ୍ରଗ୍ସ ବିଭାଗ ପୁଲିସର ସହାୟତା ନେଇ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ଚଢଉ କରିଥିଲା। ରାଜ୍ୟରେ ନକଲି ଔଷଧ କାରବାର ଉପରେ ଅଙ୍କୁଶ ଲଗାଇବାକୁ ସରକାର ଡ୍ରଗ୍ସ ଏନଫୋର୍ସମେଣ୍ଟ ସ୍କ୍ୱାଡର ସ୍ୱତନ୍ତ୍ର ଟାସ୍କ୍ ଫୋର୍ସ (ଏସ୍ଟିଏଫ୍) ଗଠନ କରିଥିଲେ। କଟକ ଏସ୍ଟିଏଫ୍ ଟିମ୍ କଟକ, ଅନୁଗୁଳ ସମେତ ରାଜ୍ୟର ୨୨ଟି ଓ ରାଜ୍ୟ ବାହାରର ୧୭ଟି ସ୍ଥାନରେ ଚଢଉ କରିଥିଲେ। କଟକରେ ୬ଟି ନକଲି ଔଷଧ ସଂପର୍କିତ ମାମଲା ରୁଜୁ ହୋଇଥିବାବେଳେ ଅନୁଗୁଳରେ ୪ଟି ଓ ଝାରସୁଗୁଡା ଓ ବରଗଡରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଛି। ଏଥିସହ ରାଜ୍ୟ ବାହାରର ଅଭିଯୁକ୍ତଙ୍କ ସମେତ ୧୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ କଟକ ଟିମ୍ କୋଟିଏରୁ ଅଧିକ ଟଙ୍କାର ନକଲି ଔଷଧ ଜବତ୍ କରିବାରେ ସକ୍ଷମ ହୋଇଛି। କଟକରେ ଆସିଷ୍ଟାଣ୍ଟ ଡ୍ରଗ୍ସ କଂଟ୍ରୋଲର ଧର୍ମଦେବ ପୁହାଣ, ତୁଷାର ରଞ୍ଜନ ପାଣିଗ୍ରାହୀ, ହରିପ୍ରିୟା ମଲ୍ଲିକ୍ଙ୍କୁ ନେଇ ଗଠିତ ଟିମ୍ କଟକ ସମେତ ରାଜ୍ୟର ଅନ୍ୟ ୬ସ୍ଥାନରୁ ଆସୁଥିବା ଅଭିଯୋଗ ଉପରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଏଭଳି ସ୍ଥିତିରେ ବି ନକଲି ଔଷଧ କାରବାର ଉପରେ ଅଙ୍କୁଶ ଲାଗି ପାରୁ ନଥିବାରୁ ପରୋକ୍ଷରେ ସ୍ୱାସ୍ଥ୍ୟସେବା ଦୁର୍ବଳ ହେବାର ଆଶଙ୍କା ବଢୁଛି।

# ହଜାର ହଜାର ଭକ୍ତଙ୍କ ସମ୍ମୁଖରେ ପଡ଼ିଲା ବଳି




**ଦେଓଗାଁ(ଏନ୍.ଏମ୍.):** ଆଦିବାସୀଙ୍କ ପାରମ୍ପରିକ ଶୁଳିଆ ଯାତ୍ରା ଆରମ୍ଭ ହୋଇଛି ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକରେ। ପଶୁ ରକ୍ତରେ ଲାଲ ହୋଇଛି ଶୁଳିଆ ପୀଠ। ପରମ୍ପରା ଓ ବିଶ୍ୱାସ ଆଗରେ ହାର ମାନିଛି ଆଧୁନିକ ବିଜ୍ଞାନ। ଶୁଳିଆଦେବତାଙ୍କ ପାଖରେ ପୋଢ଼, ବୋଦା, କୁକୁଡ଼ା ବଳି ଚଢାଇ ଦର୍ଶନ କଲେ ହଜାର ହଜାର ଭକ୍ତଙ୍କ ସହ ମାନସିକଧାରୀ। ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ କୁଲୁତାପଡା ପଂଚାୟତ ଖଇରଗୁରା ଓ କୁମୁରିଆ ଗାଁରେ ଅନୁଷ୍ଠିତ ହେଉଛି ଶୁଳିଆଯାତ୍ରା। ମଙ୍ଗଳବାର ଭୋରରେ ଆଦିବାସୀମାନେ ପାରମ୍ପରିକ ବେଶରେ ସୁସଜ୍ଜିତ ହୋଇ ଆସିଲା ପରେ ଯାତ୍ରା ଆରମ୍ଭ ହୋଇଥିଲା। ଖଇରଗୁରା ଶୁଳିଆ ମନ୍ଦିର ଓ କୁମୁରିଆ ଦେହେରୀଙ୍କ ଘରୁ କନ୍ଧ ଆଦିବାସୀମାନେ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରାରେ ଆସିଥିଲେ। ପ୍ରଥମେ ଦେହେରୀ ପୂଜାର୍ଚ୍ଚନା କରି ସମର୍ପଣ କଲା ପରେ ପାଟ ବୋଦା ଓ କଳା କୁକୁଡ଼ା ଓ ପାରାକୁ ବଳି ଦିଆଯାଇଥିଲା। ପରେ ପରେ ମାନସିକଧାରୀ ଆଣିଥିବା ପୋଢ଼, କୁକୁଡ଼ା ଓ ବୋଦାକୁ ବଳି ଦିଆଯାଉଥିବା ଦେଖାଯାଇଥିଲା। ଆଦିବାସୀଙ୍କ ପରମ୍ପରା ଅନୁସାରେ ଏହି ଯାତ୍ରାରେ ଫୁଲ, ଦୁବ, ନଡିଆ ଭୋଗ ସହ ପୋଢ଼, ମେଣ୍ଢା, ବୋଦା, ପାରା ଓ କୁକୁଡ଼ା ବଳି ଦେଇ ମାନସିକଧାରୀ ପୂଜାର୍ଚ୍ଚନା କରିଥାନ୍ତି। ଚଳିତ ବର୍ଷ ତିନି ଦିନ ଉତ୍ସବ ହୋଇଥିବା ବେଳେ ଗୋଟିଏ ଦିନ ଯାତ୍ରା ଅନୁଷ୍ଠିତ ହେଉଛି। ପ୍ରକାଶ ଥାଉକି ପୌଷ ଅମାବାସ୍ୟା ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର ଏହି ଶୁଳିଆ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଥିପାଇଁ କନ୍ଧ ଅଦିବାସୀମାନେ ଲିପା ପୋଛା ସହ ସମସ୍ତଙ୍କର ନୂଆ ପୋଷାକ କରିଥାନ୍ତି। ଯାତ୍ରାର ପୂର୍ବଦିନ ଅର୍ଥାତ ସୋମବାର ଦିନ ୧୨ଟାରେ ଦେବ ନିମନ୍ତ୍ରଣ ହୋଇଥାଏ। ସନ୍ଧ୍ୟାରେ ନିଷିପୂଜାରେ ଗମ୍ଭିରାଘରେ ଥିବା ଟାଙ୍ଗିଆ, ଖଣ୍ଡା ଆଦି ପୂଜା କରି ଭୋରରୁ 'ଦେହୁରୀ' ପୀଠରେ ପହଞ୍ଚିଲା ପରେ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମେ ଏକ କାଉଁଶ ନଳରେ ଚାଉଳ, ଗୁଡ଼, ଘିଅ ଆଦି ଦେଇ ଭୋଗ ରନ୍ଧା ଯାଏ। ଠିକ୍ ଭାବେ ଭୋଗ ପ୍ରସ୍ତୁତ ହେଲେ ଏ ବର୍ଷ ଭଲ ବର୍ଷା ହେବ ବୋଲି ଆଦିବାସୀଙ୍କ ବିଶ୍ୱାସ ରହିଛି। ବଳିକୁ ନେଇ ଆଦିବାସୀ ଓ ପ୍ରଶାସନ ମଧ୍ୟରେ ବାଦ ବିବାଦ ଲାଗିରହୁଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଦିବାସୀଙ୍କ ପରମ୍ପରା ଉପରେ ରୋକ ଲଗାଯାଇ ପାରିବ ନାହିଁ ବୋଲି ୨୦୧୫ରେ ନିର୍ଦ୍ଦେଶ ଦେବା ଯୋଗୁଁ ବିନା ବାଧାବିଘ୍ନରେ ଯାତ୍ରା ଅନୁଷ୍ଠିତ ହେଉଛି।

# ଗାଁ ବିରୋଧରେ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ବ୍ୟବହାର କରୁଛି ଜିଏମଡିସି

**ଛେଣ୍ଡିପଦା (ଏନ୍.ଏମ୍.):** ଛେଣ୍ଡିପଦା ଅଞ୍ଚଳରେ ଜମିଅଧିଗ୍ରହଣ ଉଦେଶ୍ୟରେ ଗାଁ ଗାଁ ବିରୋଧରେ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିର ଅପବ୍ୟବହାର ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜମି ଅଧିଗ୍ରହଣ ପୂର୍ବରୁ ଅଞ୍ଚଳରେ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରିବାକୁ ସରକାରୀ ନିୟମ ରହିଛି। ଛେଣ୍ଡିପଦା ତହସିଲ ଅଧିନରେ ବୈତରଣୀ ଓ୍ୱେଷ୍ଟ କୋଲ ବ୍ଲକର ପ୍ରସ୍ତାବିତ ଖୋଲା କୋଇଲା ଖଣି ଗୁଜୁରାଟ ମେନେରାଲ ଡେଭଲପମେଣ୍ଟ କର୍ପୋରେସନ ଜମିଅଧିଗ୍ରହଣ ଆରମ୍ଭ କରିଛି। କିନ୍ତୁ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ନକରି ଉନ୍ନୟନ ପାଣ୍ଠିକୁ ଗାଁ ଗାଁରେ ମୁଷ୍ଟିମେୟ ସ୍ଥାନୀୟ କିଛି ଯୁବକଙ୍କୁ ପ୍ରଲୋଭିତ କରି ଖଣିବିରୋଧି ଲୋକଙ୍କ ବିରୁଦ୍ଧରେ ପାଣ୍ଠିକୁ ବିନିଯୋଗ କରୁଛି। ଖଣିପାଇଁ କ୍ଷତିଗ୍ରସ୍ତ ହେବେ ଜମିହରା ହରାଇବା ଚିନ୍ତା ସାଧାରଣରେ ମୁଣ୍ଡବ୍ୟଥା ପାଲଟିଛି। ଜମିହରାଉଥିବା କମ୍ପାନୀ ପକ୍ଷରୁ



ସୁବିଧା ସୁଯୋଗ ବିଷୟରେ ଆଲୋଚନା ମାଧ୍ୟମରେ ବୁଝାସୁଝା କରିବା କଥା। ଏହାବ୍ୟତୀତ କମ୍ପାନୀ ଦ୍ୱାରା ନିୟୋଜିତ ସର୍ଭେ ସଂସ୍ଥା ବିଏନବି କମ୍ପାନୀକୁ ପଡୋଶୀ ନୟନୀ କୋଲ ବ୍ଲକରେ ସିଙ୍ଗରେନି କମ୍ପାନୀ ପାଇଁ ସାମାଜିକ ଓ ଅର୍ଥନୈତିକ ସର୍ଭେ କରିଥିଲେ। ସର୍ଭେରେ ବ୍ୟାପକ ଭୁଲ ତଥ୍ୟ ଥିବାରୁ ଜମି ହରାଇଥିବା ପ୍ରଜା ଲକ୍ଷ ଲକ୍ଷ ଟଙ୍କା ବ୍ୟତିକ୍ରମ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲେ। ଘର, ଗଛ, ପୋଖରୀ, କୂଅ ଥିବା ପ୍ରଜାଙ୍କ ସର୍ଭେ ରିପୋର୍ଟରେ ନଥିବାରୁ ଲୋକଙ୍କ ଅସନ୍ତୋଷ ପ୍ରକାଶ ପାଇଥିଲା। ଜନଅସନ୍ତୋଷକୁ ଅନୁଭବ କରି ସେଙ୍ଗରେନି କମ୍ପାନୀ ନିଜେ ସର୍ଭେ କରି ସଂଶୋଧନ କରି ଜମିହରାଙ୍କୁ ଅର୍ଥ ପଇଠ କରିଥିଲେ। ସର୍ଭେରେ ବ୍ୟାପକ ତ୍ରୁଟିକୁ ନେଇ ମାଛକୁଟା, ଛେଣ୍ଡିପଦା ଓ ହାଣ୍ଡିଗୁଡା ଗ୍ରାମରେ ଆଲୋଚନା ବୃଦ୍ଧି ପାଇବା ସହିତ ସନ୍ଦେହ ସୃଷ୍ଟି ହୋଇଛି। ସର୍ଭେ ଲୋକଙ୍କ ସପକ୍ଷରେ ରହିବ ନା କ୍ଷତିରେ ରହିବ ବିଏନବି କମ୍ପାନୀ ଉପରେ ସନ୍ଦେହ ଦେଖା ଦେଇଛି। ବୈତରଣୀ ଓ୍ୱେଷ୍ଟ କୋଲ ବ୍ଲକରେ ଗୁଜୁରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେସନ ପକ୍ଷରୁ ଟେଣ୍ଟୁଲୋଇ, ମାଛକୁଟା ଓ ଛେଣ୍ଡିପଦା ପଞ୍ଚାୟତର ମାନଙ୍କରେ ୬ଟି ଗାଁରେ ଜମିଅଧିଗ୍ରହଣ କରୁଛି। ନିଜେ ସର୍ଭେ ନକରି ପଡୋଶୀ ନୟନୀ ଖଣିରେ ତ୍ରୁଟିପୂର୍ଣ୍ଣ ସର୍ଭେ କରିଥିବା ସଂସ୍ଥା ବିଏନବି କମ୍ପାନୀକୁ ନିୟୋଜିତ ନେଇ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସାମାଜିକ ଦାୟିତ୍ୱବୋଧ (ସିଏସଆର) ପାଣ୍ଠିରେ ବିସ୍ଥାପିତ ଅଞ୍ଚଳ ବାହାର ଯୁବକଙ୍କୁ ବ୍ୟବହାର କରାଯାଉଛି। କମ୍ପାନୀର ଏଭଳି ନୀତିକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା ସହିତ ଅଞ୍ଚଳବାସୀଙ୍କ ସାମୁହିକ ସ୍ୱାର୍ଥକୁ ନେଇ ବ୍ଲକର ବିଭିନ୍ନ ଗ୍ରାମର ଚିନ୍ତାଶୀଳ ବ୍ୟକ୍ତିଙ୍କୁ ନେଇ ସ୍ୱତନ୍ତ୍ର ବୈଠକ ପାଇଁ ଉଦ୍ୟମ କରାଯାଉଥିବା ଜଣାପଡ଼ିଛି।

# ଲୁଟ୍ ପାଇଁ ଚାଲିଥିଲା ଯୋଜନା: ୭ଜଣଙ୍କୁ ମାଡ଼ି ବସିଲା ପୁଲିସ୍

**କଟକ (ଏନ୍.ଏମ୍.):** କଟକ ସହରରେ ଲୁଟ୍ ପାଇଁ ୭ ଜଣ ଦୁର୍ଦ୍ଧାନ୍ତ ଅପରାଧୀ ଯୋଜନା କରୁଥିବାବେଳେ କମିଶନରେଟ ପୁଲିସ ସେମାନଙ୍କୁ ମାଡ଼ିବସିଛି। କୌଣସି ସୂତ୍ରରୁ ଖବର ପାଇ ଏହି ଅପରାଧୀମାନଙ୍କୁ ପୁଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ଏକାଧିକ ମାମଲା ରହିଛି। ପୁଲିସ୍ ସେମାନଙ୍କଠାରୁ ବହୁ ମାରଣାସ୍ତ୍ର ସହିତ ଦୁଇ ଥର ଗାଡ଼ି ଜବତ ହୋଇଥିବା ନେଇ କଟକ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଆନ୍ତଃରାଜ୍ୟ ଲୁଟେରା ତଥା ଦୁର୍ଦ୍ଧାନ୍ତ ଅପରାଧୀ ମହମ୍ମଦ ସକିଲ, ଅବଦୁଲ୍ କାଦିର, ସେକ୍ ନାଦିମ୍, ଶ୍ରୀନାଥ ରାଉତ, ହିମାଂଶୁ ଶେଖର ସାହୁ, ସୟଦ ଅବଦୁଲ୍ ସୁଫିଆ ଓ ପ୍ରଦୀପ ସାହୁ ସଦର ଥାନା ଅଞ୍ଚଳରେ ବସି ଯୋଜନା କରୁଥିଲେ। ଏ ସମ୍ପର୍କରେ ଖବର ପାଇ କମିଶନରେଟ୍ ପୁଲିସର ଏକ ଟିମ୍ ସେଠାରେ ଅଚାନକ ଚଢ଼ଉ କରିଥିଲା। ପୁଲିସକୁ ଦେଖି ସେମାନେ ଚମ୍ପଟ ମାରିଥିଲେ। ହେଲେ ପୁଲିସ୍ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବାରେ ସଫଳ



ହୋଇଥିଲା। ଗିରଫ ଅଭିଯୁକ୍ତଙ୍କ ଭିତରେ ଥିବା ମହମ୍ମଦ ସକିଲ୍ ନାଁରେ କଟକର ବିଭିନ୍ନ ଥାନାରେ ୪୦ରୁ ଅଧିକ ମାମଲା ରହିଛି। କିଛି ଦିନ ତଳେ ତାକୁ କଟକରୁ ତଡ଼ିପାର କରାଯାଇଥିଲା। ଏହା ସତ୍ତ୍ୱେ ସେ କଟକ ଆସି ଡକାୟତି ପାଇଁ ଯୋଜନା କରୁଥିଲା। ଠିକ୍ ସେହିପରି ସେକ୍ ନାଦିମ ନାଁରେ ୫ଟି ମାମଲା ରହିଛି। ଗ୍ରାମାଞ୍ଚଳ କଟକ ଓ ଖୋର୍ଦ୍ଧାର ବିଭିନ୍ନ ଥାନାରେ ଏହି ସବୁ ମାମଲା ରହିଛି। ଶ୍ରୀନିବାସ ରାଉତ ନାଁରେ ଚାଉଳିଆଗଞ୍ଜ, କିଶନନଗର, ବିରିଡ଼ି, କନ୍ଦରପୁର ଓ ଖାରବେଳନଗର ଥାନା ଅଞ୍ଚଳରେ ୧୨ରୁ ଅଧିକ ମାମଲା ରହିଛି। ହିମାଂଶୁ ସେଖର ସାହୁ ନାଁରେ ସହିଦ୍ ନଗର ଓ ଲକ୍ଷ୍ମୀସାଗର ଥାନାରେ ୨ଟି ମାମଲା ରହିଛି। ସେହିପରି ସୟଦ ଅବଦୁଲ୍ ସୁଫିଆ ନାଁରେ ୩, ଅବଦୁଲ କାଦିର ନାଁରେ ୧୫ଟି, ପ୍ରଦୀପ ରାଉତ ନାଁରେ ବାରଙ୍ଗ ଥାନାରେ ୪ଟି ମାମଲା ରହିଛି। ପୁଲିସ୍ ସେମାନଙ୍କଠାରୁ ୨ଟି ମହିନ୍ଦ୍ରା ଥର ଗାଡ଼ି, ୨ଟି ପିସ୍ତଲ, ଗୋଟିଏ ଟଏଗନ୍, ଗୋଟିଏ ବାଇକ୍, ୯ଟି ମୋବାଇଲ୍ ଫୋନ୍ ଓ ଖଣ୍ଡା ଜବତ କରିଛି। ଜବତ ହୋଇଥିବା ଗାଡ଼ିର ମାଲିକ କିଏ ସେ ସମ୍ପର୍କରେ ଜଣାପଡ଼ି ନାହିଁ। ତାହା ଉପରେ ତଦନ୍ତ ଚାଲିଛି କଟକ ଡିସିପି ପିନାକ ମିଶ୍ର କହିଛନ୍ତି।

# ସ୍କୁଲକୁ ଯିବାବେଳେ ଜଗିଥିଲା ଯମ: ଅଜଣା ଗାଡ଼ିଧକ୍କାରେ ଚାଲିଗଲା ବଡ଼ ଭାଇର ଜୀବନ



**କଟକ(ଏନ୍.ଏମ୍.):** ବିଭାଗୀୟ ଅଧିକାରୀଙ୍କ ବେପରୁଆ କାର୍ଯ୍ୟ ଯୋଗୁଁ ସହରରେ ବଢୁଛି ଦୁର୍ଘଟଣା। ଗୋଟିଏ ପଟେ କଟକ ସହରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବାବେଳେ ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଧ୍ୟାନ ଦେଉ ନାହାନ୍ତି; ଫଳରେ ସହରରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ କ୍ଷୟକ୍ଷତି ହେଉଥିବାର ନଜୀର ରହିଛି। ତେବେ ଆଜି ସ୍କୁଲକୁ ଆସୁଥିବାବେଳେ ୨ଜଣ ଛାତ୍ର ସଡ଼କ ଦୁର୍ଘଟଣାର ଶିକାର ହେବା ଭଳି ଦୁଃଖଦ ଘଟଣା ଘଟିଛି। ତେବେ ସ୍ଥାନୀୟ ଅଞ୍ଚଳବାସୀ ଖବର ପାଇବା ପରେ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଚାଉଳିଆଗଞ୍ଜ ସ୍ଥିତ କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟର ୨ଜଣ ଛାତ୍ର କାର ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ ଏସସିବି ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ଚାଉଳିଆଗଞ୍ଜ ତଳସାହିର ନୃସିଂହ ଚରଣ ସାହୁଙ୍କ ଦୁଇ ପୁଅ ସତ୍ୟପ୍ରକାଶ ସାହୁ (୧୭)ଓ ତାର ସାନ ଭାଇ ସାଇକେଲ ଯୋଗେ ତାଳଦଣ୍ଡା କେନାଲ ରାସ୍ତା ଦେଇ ସ୍କୁଲକୁ ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏହି ସମୟରେ ଛାତ୍ର ଦ୍ୱୟଙ୍କୁ ଏକ କାର୍ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଏହି ଦୁର୍ଘଟଣାରେ ବଡ଼ ଭାଇ ସତ୍ୟପ୍ରକାଶର ମୃତ୍ୟୁ ହୋଇଥିବାବେଳେ ସାନଭାଇ ଏସସିବିରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ତେଣୁ ଏହାର ପ୍ରତିବାଦ କରି ଅଞ୍ଚଳବାସୀ ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ। ଚାଉଳିଆଗଞ୍ଜ ଥାନା ଅଧିକାରୀ ଓ ଜୋନ ୫ ଏସିପିଙ୍କ ବୁଝାଶୁଝା ପରେ ରାସ୍ତା ଅବରୋଧ ହଟିଲା। ଏଥିରେ ୪୨ ନମ୍ବର୍ କର୍ପୋରେଟର ମୀନା ସାହୁ ରାସ୍ତାରେ ବ୍ୟାରିକେଟ, ଲାଇଟ୍ ଓ ସିସି କ୍ୟାମେରା ଲଗାଯିବାକୁ ଦାବି କରିଥିଲେ। ଏଥିସହିତ ରାସ୍ତା ନିର୍ମାଣ ସରି ନଥିବା ବେଳେ ରାସ୍ତା କେମିତି ଖୋଲାଗଲା ଏହାକୁ ନେଇ ପ୍ରଶ୍ନ କରିବାଥିଲେ। ଏହାକୁ ନେଇ ଚାଉଳିଆଗଞ୍ଜ ଥାନାରେ ଗ୍ରାମବାସୀ ମାନେ ଅଭିଯୋଗ ମଧ୍ୟ କରିଛନ୍ତି।

## ରାତିରେ ବୁଲିପାରିବେ ଚନ୍ଦକା ଅଭୟାରଣ୍ୟ

**ଭୁବନେଶ୍ୱର(ଏନ୍.ଏମ୍.):** ଏଣିକି ରାତିରେ ବୁଲିହେବ ଚନ୍ଦକା ଅଭୟାରଣ୍ୟ। ଭରତପୁର ସଫାରୀରେ ଆରମ୍ଭ ହେବ ନାଇଟ ନକଚରାଲ ଟ୍ରେଲ। ଜାନୁଆରୀ ୨୯ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ।

# ବେଲୁ ପଦାଙ୍କ ଅନୁସରଣ କରୁଛନ୍ତି ମଦ ମାଫିଆ: ଢେଙ୍କାନାଳ ଆମ୍ବପଲାସ ପାଲଟିଛି କାରବାରର ପେଣ୍ଠ

**କଟକ(ଏନ୍.ଏମ୍.):** ଦେଶୀ ମଦର ଚୋରା କାରବାର ଏବେ ଚିନ୍ତା ବଢାଇଲାଣି। ଯେଉଁ ଢଙ୍ଗରେ ନବେ ଦଶକରେ ସୁରେନ୍ଦ୍ରନାଥ ଦାସ ଓରଫ ବେଲୁ ଦେଶୀ ମଦର ଚୋରା କାରବାର କରୁଥିଲା ଏବେ କଟକର ମଦ ମାଫିଆ ସେହି ଢଙ୍ଗରେ ଚୋରା କାରବାର ବ୍ୟାପକ କଲେଣି। ଗୋଟିଏ ପଟେ ଏପ୍ରକାର କାରବାର ମଦ୍ୟପଙ୍କ ପାଇଁ ବିପଦ ବଢାଉଥିବା ବେଳେ ଅନ୍ୟପଟେ ଜଙ୍ଗଲ ଭିତରେ ପ୍ରସ୍ତୁତ ହେଉଥିବା ଦେଶୀ ମଦ ପିଇ ହାତୀ ପଲଙ୍କ ଉତ୍ପାତ ବି ଚିନ୍ତାର କାରଣ ହୋଇଛି। ଖୁଣ୍ଟୁଣୀର ଡାଳୁଆ ଓ ଖଣ୍ଡୁଆଳ ଜଙ୍ଗଲ, ଆଠଗଡ଼ର କୋରଗାଁରେ ଦେଶୀ ମଦ ରନ୍ଧା ହେବା ପୂର୍ବରୁ ପାଚିବାକୁ ରଖାଯାଉଥିବାରୁ ଏହାର ବାସ୍ନା ହାତୀପଲଙ୍କୁ ମଦ ରହୁଥିବା ଅଞ୍ଚଳକୁ ଆକର୍ଷିତ କରୁଛି। ହାତୀ ପଲଙ୍କ କବଳରୁ ଦେଶୀ ମଦକୁ ସୁରକ୍ଷିତ ରଖିବାକୁ ଖୁଣ୍ଟୁଣୀ ଓ ଆଠଗଡ଼ରେ ମଦ ମାଫିଆମାନେ ସଂରକ୍ଷିତ ଜଂଗଲରେ ମାଟି ତଳେ ତାହାକୁ ଲୁଚାଇ ରଖୁଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଘଞ୍ଚ ଜଙ୍ଗଲରେ ଏଭଳି କାରବାର ପୁଲିସ ଓ ଅବକାରୀ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଅନ୍ୟପଟେ ଦେଶୀ ରନ୍ଧା ମଦ ପାଇଁ କୁଖ୍ୟାତି ଅର୍ଜନ କରିଥିବା ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗର ଆମ୍ବପଲାସ ସହିତ ଏବେ ପୁଣି ସମ୍ପର୍କ ଯୋଡ଼ିଛନ୍ତି ଖୁଣ୍ଟୁଣୀ, ଆଠଗଡ଼ର ମଦ ମାଫିଆ। ଆମ୍ବପଲାସରେ ଗୁଡ଼, ପାଣି, ୟୁରିଆ ସହିତ ମହୁଲି ଫୁଲ ମିଶ୍ରଣ କରାଯାଉଥିବାରୁ ଏହି ମଦର ଚାହିଦା କଟକରେ ଅଧିକ ରହିଛି। କଟକରେ ଏହି ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ଦେଶୀ ମଦ କେବଳ ଗୁଡ଼, ପାଣି ଓ ୟୁରିଆ ସାରରେ ପ୍ରସ୍ତୁତ ହେଉଛି। ଗୋଟିଏ ସମୟରେ ଏହି ଆମ୍ବପଲାସରୁ ସୁରେନ୍ଦ୍ରନାଥ ଦାସ ଓରଫ ବେଲୁ ମହୁଲି ମଦ ଆମଦାନୀ କରୁଥିଲା। ୧୯୯୨ ମେରେ କଟକରେ ମଦ ମୃତ୍ୟୁ ଘଟି ପାଖାପାଖି ୨୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ମଦ ମୃତ୍ୟୁ ମାମଲାରେ ଗିରଫ ବେଲୁକୁ ପରବର୍ତ୍ତୀ ସମୟରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏବେ କଟକର ମଦ ମାଫିଆ ସେହି ଅଞ୍ଚଳରୁ ଚୋରାମଦ ଆମଦାନୀ କରିବା ଘଟଣା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଆମ୍ବପଲାସରେ ଥିବା ମଦ ଫ୍ୟାକ୍ଟିରେ ମଦ କିଣିବାର ଟାର୍ଗେଟ୍ ପୂରଣ କଲେ ବ୍ୟବସାୟୀଙ୍କୁ ମାଗଣାରେ ଆଉ କିଛି ମଦ ଦିଆଯାଉଛି। ଏଭଳି ମାଗଣା ମଦ ଲୋଭରେ ଏବେ ଢେଙ୍କାନାଳ ମୁହାଁ ହୋଇଛନ୍ତି ମଦ ମାଫିଆ। ଏହା ସହିତ ମହୁଲି ମିଶୁଥିବାରୁ ଏହି ମଦର ଚାହିଦା କଟକରେ ଅଧିକ ରହିଛି। ଆଉ ଦଳେ ମଦ ମାଫିଆ କୋରଗାଁ, ଡାଳୁଆ, ଖଣ୍ଡୁଆଳ ଜଂଗଲରେ ମାଟି ତଳେ ମଦ ଫ୍ୟାକ୍ଟ୍ରି ଖୋଲିଛନ୍ତି। ଗୁଡ଼, ପାଣି, ୟୁରିଆକୁ ଜାର୍ରେ ଭର୍ତ୍ତି କରି ତିନି ଦିନ ପାଚିବା ପାଇଁ ଛଡ଼ାଯାଉଥିବା ବେଳେ ଏହା ପରେ ମାଟି ତଳୁ କାଢ଼ି ରନ୍ଧାଯାଉଛି। ପରେ ଏହାକୁ ବିକ୍ରି ଉଦ୍ଦେଶ୍ୟରେ ବଜାରକୁ ଚାଲାଣ କରାଯାଉଛି। କେନ୍ଦୁଝର ଜିଲ୍ଲାରେ ମଧ୍ୟ ଏଭଳି ମାଟି ତଳେ ମଦ ରଖାଯାଉଛି। ଗଲା ୧୬ ତାରିଖରେ ଆଠଗଡ଼ କୋରଗାଁରେ ମାଟିତଳୁ ୭ ଲକ୍ଷ ଟଙ୍କାର ଦେଶୀ ରନ୍ଧା ମଦ ଓ ଗୁଡ଼ ପୋଚ ଜବତ ହୋଇଥିବା ବେଳେ ଦୁଇଜଣ ମଦ ମାଫିଆ ଗିରଫ ହୋଇଛନ୍ତି। ଗଲା ୧୫ ତାରିଖରେ ଖୁଣ୍ଟୁଣୀର ଡାଳୁଆ ଓ ଖଣ୍ଡୁଆଳି ଗାଁ ନିକଟ ସଂରକ୍ଷିତ



ଜଙ୍ଗଲରେ ୫ ଲକ୍ଷ ଟଙ୍କାର ଗୁଡ଼ ପୋଚ ଓ ଦେଶୀ ମଦ ଜବତ ହୋଇଥିଲା। ୨୦୨୦ ମେ ୩ରେ ଆଠଗଡ଼ର କୋରଗାଁରେ ଥିବା ଘଞ୍ଚ ଜଙ୍ଗଲରେ ସର୍ବାଧିକ ୩୧ ହଜାର ୧୦୦ ଲିଟର ମଦ ପୋଚ ଓ ଦେଶୀମଦ ମାଟି ତଳୁ ଜବତ ହୋଇଥିଲା। ଜବତ ମଦର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଖୁଣ୍ଟୁଣୀରେ ୨୦୨୦ ଜୁଲାଇ ୨୯ରେ ଜଙ୍ଗଲରେ ପୋତାଯାଇଥିବା ମଦ ପୋଚ ନଷ୍ଟ କରିବାକୁ ଅବକାରୀ ଅଧିକାରୀ ଜଙ୍ଗଲ ଭିତରକୁ ଯାଇଥିଲେ। ମାଫିଆମାନେ ଅବକାରୀ ବିଭାଗର ୪ଟି ଗାଡ଼ି ଭାଙ୍ଗିବା ସହିତ ଟାୟାର୍ କାଟି ଦେଇଥିଲେ। ଦୁଇ କର୍ମଚାରୀ ବି ଆହତ ହୋଇଥିଲେ। ଖୁଣ୍ଟୁଣୀ ଥାନାରେ ୨୯ ଜଣଙ୍କ ବିରୋଧରେ ୩ଟି ମାମଲା ହୋଇଥିଲା। କିନ୍ତୁ ସେହି ଘଟଣାରେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ଅନେକ କ୍ଷେତ୍ରରେ ମଦ ମାଫିଆଙ୍କ ସାହସ ବଢୁଥିବା କୁହାଯାଉଛି।

# ଜଗତପୁର କେନ୍ଦ୍ରାପଡ଼ା କେନାଲ ବନ୍ଧ ରାସ୍ତା ମରାମତି କେବେ?: ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ କଦର୍ଯ୍ୟ ରାସ୍ତା ଉପରେ ନିର୍ଭର କରୁଛନ୍ତି ଗ୍ରାମବାସୀ

**ଜଗତପୁର (ଏନ୍.ଏମ୍.):** ରାଜ୍ୟସରକାର ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ତଥା ଜନହୀତକର କାର୍ଯ୍ୟ ପାଇଁ ବଦ୍ଧପରିକର ଅଛନ୍ତି। ରାଜ୍ୟରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସହାୟତା ପ୍ରଦାନ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଗମନାଗମନର ସୁବିଧା ପାଇଁ ବିଭିନ୍ନ ପ୍ରକଳ୍ପ କରି ଦେଶର ସ୍ୱତନ୍ତ୍ର ସ୍ଥାନରେ ରହିଛନ୍ତି ମୁଖ୍ୟମନ୍ତ୍ରୀ। ମାତ୍ର କିଛି ସ୍ଥାନୀୟ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଯୋଗୁଁ ବିଭିନ୍ନ ସ୍ଥାନରେ ରାଜ୍ୟସରକାରଙ୍କୁ ନିନ୍ଦିତ ହେବାକୁ ପଡୁଛି ବୋଲି ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଜଗତପୁର ମହାନଦୀ ବ୍ୟାରେଜ ଠାରୁ କେନ୍ଦ୍ରାପଡ଼ା କେନାଲ ଜିରୋ ପଏଣ୍ଟରୁ ଆରମ୍ଭ ହୋଇ ପୁରୁଣା ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ଏହି କେନାଲ ବନ୍ଧ ରାସ୍ତା ସମ୍ପୂର୍ଣ୍ଣ କଦର୍ଯ୍ୟ ମୟ ହୋଇ ମରଣଯନ୍ତା ପାଲଟି ଯାଇଛି। ଏପରିକି ରାସ୍ତା ଅବସ୍ଥା ଦୀର୍ଘ ୧୦ ବର୍ଷ ହେବ ପଡିରହିଥିଲେ ମଧ୍ୟ ଏଯାଏ ତାର ଅବସ୍ଥାରେ କୌଣସି ପରିବର୍ତ୍ତନ ନହେବା ଦୁର୍ଭାଗ୍ୟ ଜନକ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଶିକାରୀପୁର, ଭୂବନପୁର ଓ ଫକୀରପୁରର ଗ୍ରାମବାସୀ ଏହି ବିପର୍ଯ୍ୟସ୍ତ ରାସ୍ତା ଉପରେ ନିର୍ଭର କରି ଚଳିଥାନ୍ତି। ଏଥିସହିତ ଏହି କେନାଲ ବନ୍ଧ ରାସ୍ତା ଦେଇ ୩ଟି ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ଏବଂ ଦୁଇ ଦୁଇଟି ମେଡିକାଲକୁ



ଯିବା ପାଇଁ ଲୋକେ ନାନାଦି ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଗତ ୨ ବର୍ଷ ପୂର୍ବେ ଏହି କେନାଲ ବନ୍ଧ ରାସ୍ତା ଉପରେ କିଛି ନାଲି ମହରମ ତ କେଉଁଠି ସିମେଣ୍ଟ ଗୁଣ୍ଡ ତ ଆଉ କେଉଁଠି ବାଲି ପକାଇ ଦେଇଥିଲେ ବିଭାଗୀୟ ଅଧିକାରୀ। ଏଥି ଯୋଗୁଁ ଟିକେ ପବନ ହେଲା ମାତ୍ରେ ରାସ୍ତାରୁ ନାଲି ମାଟି ଓ ଧୂଳି ବାଲି ଉଡି ଘର ଭିତରେ ପସୁଥିବାର ଅଭିଯୋଗ ହୋଇଥାଏ। ତେବେ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସିଏମସି ୪୮ ନମ୍ବର ୱାର୍ଡ ଜଗତପୁର ଅଞ୍ଚଳରେ ନୂଆ ନୂଆ ଫଳକ ଦେଖିବାକୁ ମିଳୁ ଥିବାବେଳେ କାମତ ଦୂରର କଥା ଏହି ଅଞ୍ଚଳରେ ରାସ୍ତା ଘାଟ ଅବସ୍ଥା ଦେଖିଲେ ସହଜରେ ବୁଝାପଡ଼ିବ ଯେ ପ୍ରଶାସନିକ ଅଧିକାରୀଙ୍କ ପାରିବା ପଣିଆ। ଦୀର୍ଘ ବର୍ଷ ଧରି ମରଣଯନ୍ତା ପାଲଟିଥିବା ରାସ୍ତା ମରାମତି ଦୂରରେ ଥାଉ ରାସ୍ତାରେ ମାଟି ମୁଠାଏ ବି ପଡୁନାହିଁ। କେବଳ ନିର୍ବାଚନ ପାଖେଇ ଆସିବାରୁ ତରବରିଆ ଭାବେ ନୂଆ ନୂଆ ଫଳକ ଲଗାଇ ଫଟୋ ଉଠାଇବା ଏକ ପ୍ରକାର ଟ୍ରେଣ୍ଡ ହୋଇଗଲାଣି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। କଟକ ମହାନଗର ନିଗମ ୪୮ ନମ୍ବର ୱାର୍ଡର କେନ୍ଦ୍ରାପଡ଼ା କେନାଲ ବନ୍ଧ ରାସ୍ତା ପ୍ରାୟ ୧୦ ବର୍ଷ ଧରି ମରାମତି ହୋଇନାହିଁ। ତେଣୁ ସ୍ଥାନୀୟ ପ୍ରଶାସନ ଓ ଲୋକପ୍ରତିନିଧି ମାନେ ଅଞ୍ଚଳବାସୀଙ୍କୁ ଲଲିପପ୍ ଭଣ୍ଡାଉଥିବା ଅଞ୍ଚଳର ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି।




# ଖୋଲିଲା ପରିକ୍ରମା ମାର୍ଗ : ବଢ଼ିଲା ଶ୍ରୀକ୍ଷେତ୍ରର ଶ୍ରୀ









**ପୁରୀ (ଏନ୍.ଏମ୍.):** ମନେ ରହିବ ଏ ମୁହୂର୍ତ୍ତ। ଅମଳିନ ରହିବ ଶ୍ରୀମନ୍ଦିର ଇତିହାସରେ ଯୋଡ଼ି ହୋଇଥିବା ନୂଆ ଅଧ୍ୟାୟ। ଦୀର୍ଘ ପ୍ରତୀକ୍ଷା, ତମାମ ଆଲୋଚନା-ପର୍ଯ୍ୟାଲୋଚନା, ଅଧିକାରୀଙ୍କ ଅଦମ୍ୟ ନିଷ୍ଠା, ୫ଶହରୁ ଅଧିକ କାରିଗରଙ୍କ ଅହରହ ଶ୍ରମର ଫଳଶ୍ରୁତି ସ୍ୱରୂପ ପୂର୍ଣ୍ଣାଙ୍ଗ ରୂପ ନେଇଛି ୩୩୦ କୋଟିର ପରିକ୍ରମା ପ୍ରକଳ୍ପ। ଉନ୍ମୁକ୍ତ ହୋଇଛି ପରିକ୍ରମା ମାର୍ଗ। ଏଣିକି ପରିକ୍ରମାରେ ଆଉ ବାଧା ଦେଉନି ଗାଡ଼ି ମୋଟରର କୋଳାହଳ। ବଉଳମାଳିଆ ପଥରରେ ସଜେଇ ହୋଇଛି ଚଲାପଥ। ସବୁଜିମାରେ ଚମକୁଛି ପ୍ରଦକ୍ଷିଣ କ୍ଷେତ୍ର। ଆକାଶମାର୍ଗରୁ ଆଲୁଅମାଳାର ଚିତ୍ର ଦେଉଛି ନୂଆ ବୋହୂର ଅନୁଭବ। ଏହି ସମସ୍ତ ଘଟଣାର ସାକ୍ଷୀ ରହିଛି ସମୟ। ପ୍ରକଳ୍ପ ଲୋକାର୍ପଣ ହୋଇନଥିଲା, କିନ୍ତୁ ପରିକ୍ରମା ମାର୍ଗର ଅନୁଭବ ନେବାକୁ ସକାଳୁ ଛୁଟିଥିଲା ଭକ୍ତଙ୍କ ସୁଅ। ସକାଳୁ ଇନ୍ଦ୍ର ଯେମିତି ବୃଷ୍ଟି ରୂପରେ ପୁଷ୍ପ ଅଜାଡ଼ି ଦେଇଥିଲେ। କିଏ ଭଜନରେ ଭିଜୁଥିଲା ତ କିଏ ଆନନ୍ଦାଶ୍ରୁରେ ଭକ୍ତି ନୈବେଦ୍ୟ ବାଢ଼ି ଦେଉ ଥିଲେ। କିଏ ଚିତ୍ରରେ ଭାବକୁ ବ୍ୟକ୍ତ କରୁଥିଲା ତ ପୁଣି କିଏ ସୌନ୍ଦର୍ଯ୍ୟରେ ଉଲ୍ଲସିତ ହୋଇ ଫଟୋ ଉଠାଇବାରେ ମଜ୍ଜି ଯାଉଥିଲେ। ଜଗନ୍ନାଥମୟ ହୋଇଛି ଶ୍ରୀକ୍ଷେତ୍ର। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ପରେ ମାର୍ଗକୁ ଛୁଟିଛି ଭକ୍ତଙ୍କ ସୁଅ। ସମ୍ଭବତଃ ଶ୍ରୀମନ୍ଦିର ନିର୍ମାଣ ଓ ମେଘନାଦ ପାଚେରି ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରୂପରେ ସର୍ବବୃହତ୍ ନିର୍ମାଣ କାର୍ଯ୍ୟ ସମାହିତ ହୋଇଛି। ଭକ୍ତ ପରିକ୍ରମା ଘେରା ମାରିବା ବେଳେ ନୀଳଚକ୍ର ଓ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱ କାରିଗରୀର ଶୋଭା ଦେଖି ବିଭୋର ହୋଇଛନ୍ତି। ପୁଣି ପାଦ ଦେଶରେ ମଠ ମନ୍ଦିରର କାରୁକାର୍ଯ୍ୟ, ସବୁଜିମା ଭରା ବଗିଚା ସାଙ୍ଗକୁ ତୁଳସୀ ଓ ଫୁଲର ମହମହ ବାସ୍ନା ପୁଲକିତ କରୁଛି। କାମ ନୂଆ, କିନ୍ତୁ ଖୋଣ୍ଡଲାଇଟ୍ ପଥରର କାରିଗରୀ ପ୍ରାଚୀନ ସୌନ୍ଦର୍ଯ୍ୟର ଅନୁଭବ ଦେଉଛି। ପରିକ୍ରମା ମାର୍ଗ କେବଳ ଲୋକଙ୍କ ପ୍ରଦକ୍ଷିଣ ସମସ୍ୟା ଦୂର କରିନାହିଁ। ସୌନ୍ଦର୍ଯ୍ୟର ଅପୂର୍ବ ସମନ୍ୱୟ ଦେଖି ମନ ଲାଖିଯାଉଛି। ଅତୀତର ମଠ ମନ୍ଦିର ଓ ଉନ୍ନତୀକରଣ ପରର ମଠ ମନ୍ଦିରକୁ ଚିହ୍ନି ହେଉନାହିଁ। ପାରିପାର୍ଶ୍ୱିକ ଅବସ୍ଥା ଓ ଚିତ୍ର ବଦଳିଯାଇଛି। କଳିଙ୍ଗ କଳା ସ୍ଥାପତ୍ୟର ଝଲକ ମଠ ମନ୍ଦିରରେ ଝଟକି ଉଠୁଛି। ତୋରଣ, ମଗର, ଖୁମ୍ବକୁ ଖୋଣ୍ଡଲାଇଟ୍ ପଥରରେ ମଠରେ ଛାପ ଦିଆଯାଇଛି। ନୂଆ ରୂପ ନେଇଥିବା ଜରାଜୀର୍ଣ୍ଣ ମଠର କାରୁକାର୍ଯ୍ୟ ଆଗରେ ଫଟୋ ଉଠାଇବାକୁ ଭିଡ଼ ଜମୁଛି। ଏମାର ମଠ, ନୃସିଂହ ଆଚାରୀ ମଠ, ଦକ୍ଷିଣପାର୍ଶ୍ୱ ମଠ, ଉତ୍ତରପାର୍ଶ୍ୱ ମଠ, ପଞ୍ଜାବୀ ମଠ, ଶଙ୍ଖଚକ୍ର ମଠ, ତ୍ରିମାଳି ମଠ, କଟକୀ ମଠ, ରେବେସା ମଠ, ଛାଉଣି ମଠ, ରାମଦୟା ପରିଷଦ, କୌଶଲ୍ୟା ଦାସ ମଠ, ମଙ୍ଗୁ ମଠ, ଲଙ୍ଗୁଳି ମଠ, ବଡ଼ଛତା ମଠ, ବଡ଼ଆଖଡ଼ା ମଠ, କାକୁଡ଼ିଖାଇର ନୂଆ ରୂପ ସଂଦର୍ଶନ କରିଛନ୍ତି ଭକ୍ତ। ସେହିଭଳି ପ୍ରଦକ୍ଷିଣ ମାର୍ଗରେ ବୁଢ଼ୀ ମା ମନ୍ଦିର, ଦୁର୍ଗାମାଧବ ମନ୍ଦିର, ମହାବୀର ମନ୍ଦିର, ଉଗ୍ରତାରା ମନ୍ଦିର, କପାଳମୋଚନ ମନ୍ଦିର ଓ ଭଗବତୀଙ୍କ ମନ୍ଦିରରେ ସ୍ୱଚ୍ଛନ୍ଦ ଦର୍ଶନ ପାଇଛନ୍ତି ଶ୍ରଦ୍ଧାଳୁ। କେବଳ ସେ ?ନ୍ଦର୍ଯ୍ୟ ନୁହେଁ, ଭକ୍ତଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦେବାକୁ ବ୍ୟବସ୍ଥା ହୋଇଛି। ଦକ୍ଷିଣ-ପଶ୍ଚିମ-ଉତ୍ତର ପାର୍ଶ୍ୱରେ ଗୋଟିଏ ଲେଖାଏଁ ମହିଳା ଶୌଚାଳୟ, ପୁରୁଷ ଶୌଚାଳୟ ଓ ସେବାୟତ ଶୌଚାଳୟ ଭଳି ୯ଟି ଶୌଚାଳୟ ସୁବିଧା ରହିଛି। ଏହାବ୍ୟତୀତ ପଶ୍ଚିମ ଓ ଦକ୍ଷିଣ ପାର୍ଶ୍ୱରେ ୩ଟି ଆଶ୍ରୟସ୍ଥଳୀରେ ଲୋକେ ବିଶ୍ରାମର ଅବସର ନେଇଛନ୍ତି। ତିନି ଦ୍ୱାର ପାର୍ଶ୍ୱରେ ୩ଟି କ୍ଲକ୍ ରୁମ୍ ତଥା ଜମାଘର ସହ ଜୋତା ଷ୍ଟାଣ୍ଡ ରହିଥିବାରୁ ଭକ୍ତ ଏହା ମଧ୍ୟରେ ନିଜର ଜିନିଷ ରଖି ନିର୍ଦ୍ଦ୍ୱନ୍ଦ୍ୱରେ ବୁଲାବୁଲି କରିଛନ୍ତି। ପଶ୍ଚିମ ଓ ଦକ୍ଷିଣ ପାର୍ଶ୍ୱରେ ୨ଟି ଲେଖାଏଁ ମୋଟ୍ ୪ଟି ଭଜନ ମଣ୍ଡପ ସହ ଆଉ ୧୦ଟି ମୁକ୍ତାକାଶ ମଞ୍ଚରେ ବସି ଫଟୋ ଉଠାଇବାକୁ ଭିଡ଼ ଜମିଛି।

### ଭାବରେ ଭିଜିଲେ ଶ୍ରଦ୍ଧାଳୁ

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ଭକ୍ତଙ୍କ ମହଲରେ ଏହାକୁ ଦେଖିବାକୁ ଉତ୍କଣ୍ଠା ବଢ଼ିଛି। ଲୋକାର୍ପଣ ପରେ ଶ୍ରୀକ୍ଷେତ୍ରମୁହାଁ ହୋଇଛନ୍ତି ଭକ୍ତ। ଦିନରେ ସେତେ ଭକ୍ତ ନ ଥିଲେ ବି ସନ୍ଧ୍ୟାରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ହଜାର ହଜାର ସଂଖ୍ୟାରେ ଭକ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରଦକ୍ଷିଣ କରିଛନ୍ତି। ଏଥିପାଇଁ ଶ୍ରୀକ୍ଷେତ୍ରରେ ରଥଯାତ୍ରାର ଭ୍ରମ ସୃଷ୍ଟି ହୋଇଛି। ସନ୍ଧ୍ୟାରେ ସିଂହଦ୍ୱାର ଓ ଅନ୍ୟାନ୍ୟ ଦ୍ୱାରରେ ଭକ୍ତଙ୍କ ଭିଡ଼ ବଢ଼ିଥିଲା। ଏଥିପାଇଁ ବଡ଼ଦାଣ୍ଡରେ ଲୋକାରଣ୍ୟ ରହିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉତ୍କଣ୍ଠାର ସହ ଭକ୍ତମାନେ ପରିକ୍ରମା ପ୍ରକଳ୍ପ ଦେଖିବା ସହ ଖୁସିବ୍ୟକ୍ତ କରିଛନ୍ତି। ସେପଟେ ଶ୍ରୀଦାଣ୍ଡ ଓ ଶ୍ରୀସେତୁ ବିକାଶ ଦେଖି ପ୍ରଶଂସା କରିଛନ୍ତି। ଶ୍ରୀଦାଣ୍ଡର ଆଲୋକୀକରଣ ଓ ସୌନ୍ଦର୍ଯ୍ୟୀକରଣ ସାଙ୍ଗକୁ ଆଧ୍ୟାତ୍ମିକ ପରିପାଟୀ ଦେଖି ଆନନ୍ଦ ବ୍ୟକ୍ତ କରିଛନ୍ତି। ସପରିବାର ବୁଲିବା ସହ ସାକ୍ଷୀ ଭାବେ ଫଟୋ ଉଠାଇଛନ୍ତି।

### ରଘୁନାଥ ବେଶ ଓ ନାଗାର୍ଜୁନ ବେଶ ବିଶେଷ ଆକର୍ଷଣ

ମାନବୀୟ ଲୀଳାଧାରୀ ଦାରୁବିଗ୍ରହଙ୍କୁ ବିଭିନ୍ନ ବେଶରେ ଦର୍ଶନ କରାଇବା ଲାଗି ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ବିଶାଳ ସେଡ୍ର ନିର୍ମାଣ କରାଯାଇଛି। ଯେଉଁଠି ଶ୍ରୀବିଗ୍ରହଙ୍କ ୨୫ ବେଶ ଦେଖିବାର ସୌଭାଗ୍ୟ ଅର୍ଜୁଛନ୍ତି ଭକ୍ତ ଓ ପର୍ଯ୍ୟଟକ। ୧୯୦୫ ମସିହାରୁ ଶ୍ରୀଜିଉଙ୍କ ରଘୁନାଥ ବେଶ ଦର୍ଶନରୁ ବଞ୍ଚିତ ଅଛନ୍ତି ଭକ୍ତ। ସେହିଭଳି ୨୬ ବର୍ଷ ପରେ କୋଭିଡ ସମୟରେ ୨୦୨୦ ମସିହାରେ ନାଗାର୍ଜୁନ ବେଶ ହୋଇଥିଲେ ହେଁ କୋଭିଡ୍ ଯୋଗୁ ଭକ୍ତ ଏହି ବେଶ ଦର୍ଶନରୁ ବଞ୍ଚିତ ଥିଲେ। ତେଣୁ ଏହି ଦୁଇ ବିରଳ ବେଶ ବି ଦେଖିପାରୁଛନ୍ତି ଭକ୍ତ ଓ ପର୍ଯ୍ୟଟକ। ଏହାବ୍ୟତୀତ ଅବକାଶ ବେଶ(ତଡ଼ପ ଉତ୍ତରି ବେଶ), ଘୋଡ଼ଲାଗି ବେଶ, ନବାଙ୍କ ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀନାରାୟଣ ବେଶ(ଠିଆକିଆ), ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ(ଡାଳିକିଆ ବେଶ), ପଦ୍ମ ବେଶ, ଗଜଉଦ୍ଧାରଣ ବେଶ, ଚାଚେରୀ ବେଶ, ବଡ଼ସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ(ସୁନାବେଶ), ବନଭୋଜି ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ-ବଳରାମ ବେଶ, ବାମନ ବେଶ, ଲକ୍ଷ୍ମୀନୃସିଂହ ବେଶ(ଆଡ଼କିଆ ବେଶ), ଶ୍ରାଦ୍ଧ ବେଶ ଓ ଚନ୍ଦନଲାଗି ବେଶ ଆଦି ଦେଖିବାର ସେ ?ଭାଗ୍ୟ ମିଳୁଛି। ଶ୍ରୀମନ୍ଦିର ଦୟଣାମାଳି ସେବକ ବସନ୍ତ କୁମାର ରଣାଏହି ବେଶ ପ୍ରସ୍ତୁତ କରିଛନ୍ତି।

### ଚାରିଦ୍ୱାରରେ ମେଟାଲ୍ ଡିଟେକ୍ଟର

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଚାରିଦ୍ୱାରରେ ପ୍ରବେଶ ପଥ ରହିଛି। ଏଠାରେ ଚକାଲଗା ଲୁହାର ସ୍ଲାଇଡିଂ ଫାଟକ ଲଗାଯାଇଛି। ଏହି ଫାଟକ ଦେଇ ଭକ୍ତ ଓ ସେବାୟତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭିତରକୁ ଯାଇପାରିବେ। ଅନ୍ୟପଟେ ଏହି ଦ୍ୱାର ଆଜି ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ପ୍ରକଳ୍ପର ପ୍ରତି ପ୍ରବେଶ ଦ୍ୱାରରେ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଥିଲା। ପ୍ରତି ଦ୍ୱାରରେ ଯାଞ୍ଚ ପାଇଁ ମେଟାଲ୍ ଡିଟେକ୍ଟର ଲଗାଯାଇଥିଲା। ଯେଉଁମାନେ ପରିକ୍ରମା ପ୍ରକଳ୍ପ ଭିତରେ ପ୍ରବେଶ କରୁଥିଲେ, ସେମାନେ ଏହି ମେଟାଲ୍ ଡିଟେକ୍ଟର ଦେଇ ପ୍ରବେଶ କରୁଥିଲେ।

### ଆକର୍ଷଣର କେନ୍ଦ୍ରବିନ୍ଦୁ ଶ୍ରୀଜଗନ୍ନାଥବଲ୍ଲଭ ପ୍ରଦର୍ଶନୀ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଆୟୋଜିତ ହୋଇଛି ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ବିରାଟ ପ୍ରଦର୍ଶନୀ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସହ ଏହି ପ୍ରଦର୍ଶନୀର ବି ଶୁଭାରମ୍ଭ ହୋଇଛି। ପ୍ରଦର୍ଶନୀରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଶୀର୍ଷ ସ୍ପର୍ଶ ଦିଆଯାଇଛି। ଭକ୍ତଙ୍କ ଆଗରେ ଶ୍ରୀଜଗନ୍ନାଥ ସଂସ୍କୃତିର ଟିକିନିଖି ଅବତାରଣ ଦେଇଛନ୍ତି ସରକାର। ତିନି ରଥ କଥା ହେଉ କି ମହାପ୍ରଭୁଙ୍କ ଦେ ?ନନ୍ଦିନ ବେଶ ଅବା ବ୍ୟବହାର୍ଯ୍ୟ ସାମଗ୍ରୀ, ସବୁ ପ୍ରଦର୍ଶନୀରେ ସ୍ଥାନ ପାଇଛି। ଏହା ସାଙ୍ଗକୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସଂକ୍ଷିପ୍ତ ରୂପରେଖ ବି ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଏବେ ଭକ୍ତ ଓ ପର୍ଯ୍ୟଟକଙ୍କ ଆକର୍ଷଣର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି। ଆଜିଠାରୁ ପ୍ରଦର୍ଶନୀରେ ଭିଡ଼ ଆରମ୍ଭ ହୋଇଛି। ଆଜିଠାରୁ ମାସେ ଧରି ଏହି ପ୍ରଦର୍ଶନୀ ଚାଲିବ।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସଂକ୍ଷିପ୍ତ ସ୍ୱରୂପ

ଶ୍ରୀଜଗନ୍ନାଥ ବଲ୍ଲଭ ପରିସର ପ୍ରଦର୍ଶନୀରେ ଶୋଭା ପାଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସଂକ୍ଷିପ୍ତ ସ୍ୱରୂପ(ମିନିଏଚର)। ଏଥିରେ ଶ୍ରୀମନ୍ଦିର ସହ ପରିକ୍ରମା ପ୍ରକଳ୍ପର ସ୍ପଷ୍ଟ ଦୃଶ୍ୟମାନ ହେଲା ଭଳି ଅବିକଳ ଅବତାରଣ ଦିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ମନ୍ଦିର ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବିକାଶର ଟିକିନିଖି କାମ ଏଥିରେ ଦେଖିବାକୁ ମିଳିଛି। ମଠ, ମନ୍ଦିର ସୌନ୍ଦର୍ଯ୍ୟୀକରଣ ପରେ କିଭଳି ଦିଶୁଛି, ତାର ଅବତାରଣା ଦିଆଯାଇଛି। ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ବି ଏହାକୁ ଦେଖି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଜରିଆରେ ବିକାଶର ପୂର୍ଣ୍ଣରୂପକୁ ଜାଣିପାରିଛନ୍ତି।

### ଶୋଭା ପାଉଛି ତିନି ରଥ

ଶ୍ରୀଜଗନ୍ନାଥ ବଲ୍ଲଭ ପରିସର ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଛି ତିନି ରଥର ଅବିକଳ କଳାକୃତି। ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଟିକିନିଖି ଅବତାରଣ ଦିଆଯାଇଛି ଏଥିରେ। ତିନି ରଥରେ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିଥିବା ବେଳେ ରଥ ଚକ, ଅସଲ ଦଉଡ଼ି ଲାଗିବା, ବଡ଼ଦାଣ୍ଡ ସିଂହଦ୍ୱାର ଚକଡ଼ାରେ ତିନି ରଥ ବିଜେ ହୋଇଥିବାର ଭ୍ରମ ସୃଷ୍ଟି କରୁଛି।

## ଓଏମବିଏଡିସି ଅର୍ଥ ଖର୍ଚ୍ଚ ହୋଇ ପାରୁନାହିଁ

# ଅନୁମୋଦନ ହେଉଛି, ପ୍ରଦାନ କରାଯାଉନି



**ଭୁବନେଶ୍ୱର(ଏନ୍.ଏମ୍.):** ରାଜ୍ୟର ଆଠଟି ଖଣି ଅଞ୍ଚଳବାସୀଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ଗ୍ରାମୀଣ ଯୋଗାଯୋଗ, ଜୀବନଜୀବିକା ଓ ଜଳ ସଂରକ୍ଷଣ ଭଳି ୭ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଚିହ୍ନଟ ହୋଇଛି। ଓଡ଼ିଶା ଖଣିଜଧାରକ ଉନ୍ନୟନ ନିଗମ ବା ଓଡ଼ିଶା ମିନେରାଲ ବିଅରିଂ ଏରିଆଜ ଡେଭଲପମେଣ୍ଟ କର୍ପୋରେସନ (ଓଏମବିଏଡିସି) ପାଣ୍ଠି ବିନିଯୋଗ କରାଯାଇ ଏହି ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। କିନ୍ତୁ ଉଦ୍ବେଗର ବିଷୟ ହେଉଛି ଯେ ଏସବୁ ପ୍ରକଳ୍ପ ଲାଗି ଯେତିକି ପାଣ୍ଠି ଘୋଷଣା ହେଉଛି ସେତିକି ଦିଆଯାଉନାହିଁ। ଯେତିକି ଟଙ୍କା ଦିଆଯାଉଛି ତାହାର ଅଧା ବି ଖର୍ଚ୍ଚ ହେଉନାହିଁ। ପାଣ୍ଠି ବିନିଯୋଗ ସଂପର୍କିତ ଏଭଳି ସାଂଘାତିକ ତଥ୍ୟ ଓଏମବିଏଡିସି ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଓଏମବିଏଡିସି ଓଭରସାଇଟ୍ ଅଥରିଟି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକ ଏହାକୁ ଗମ୍ଭୀରତାର ସହିତ ନେଇଛନ୍ତି। ସେ କହିଛନ୍ତି ଯେ, ସମୀକ୍ଷା ବେଳେ ଦେଖାଯାଉଛି, ପ୍ରକଳ୍ପଗୁଡ଼ିକ ଆଗକୁ ବଢ଼ିବା ବେଳେ ବିଭିନ୍ନ ପ୍ରକାର ବାଧା ସୃଷ୍ଟି ହେଉଛି। ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ବିଭିନ୍ନ ବୈଷୟିକ ସମସ୍ୟା ରହୁଛି। ସେସବୁ ଦୂର ଲାଗି ସେ ନିଜେ କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ସଂସ୍ଥା ସହିତ ଆଲୋଚନା କରି ସମସ୍ୟା ଦୂର କରିବାକୁ ଚେଷ୍ଟା କରୁଛନ୍ତି। ପୂରା ନହେଲେ ବି ଆଗାମୀ ଦିନରେ ଅର୍ଥ ଖର୍ଚ୍ଚ ସ୍ଥିତିରେ ଉନ୍ନତି ଆସିବ ବୋଲି ଜଷ୍ଟିସ୍ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି। ତଥ୍ୟ ଅନୁସାରେ, ଓଏମବିଏଡିସି ପାଣ୍ଠିରେ ଖଣି ପ୍ରଦୂଷିତ ୪ଟି ଜିଲ୍ଲାରେ ୩୦ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି। ୧୪ଟି ସହରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କେନ୍ଦୁଝର ଓ ସୁନ୍ଦରଗଡ଼ରେ ଦୁଇଟି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ଚାଲିଛି ଏବଂ ଯାଜପୁରରେ ଦୁଇଟି ମେଗା ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି। ୪.୫ ଲକ୍ଷ ଘରେ ଟ୍ୟାପ୍ରୁ ଜଳ ବ୍ୟବହାର ଭଳି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୮,୦୦୮ କୋଟି ଟଙ୍କା ଘୋଷଣା ହୋଇଥିବା ବେଳେ ସେଥିରୁ ୫୦% ରାଶି ଦିଆଯାଇଛି ଏବଂ ଦିଆଯାଇଥିବା ରାଶିର ୭୮ ପ୍ରତିଶତ ଖର୍ଚ୍ଚ ହୋଇପାରିଛି। ଶିକ୍ଷାର ବିକାଶ ପାଇଁ ୩୫୨୯ କୋଟି ଟଙ୍କା ଘୋଷଣା କରାଯାଇଥିବା ବେଳେ ମାତ୍ର ୨ଶହ କୋଟି ଟଙ୍କା ପ୍ରଦାନ ହୋଇଛି। ସେଥିରୁ ୫୭% ଅର୍ଥ ଖର୍ଚ୍ଚ ହୋଇଛି। ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅନୁସୂଚିତ ଜାତି ଓ ଜନଜାତି ତଥା ବୈଷୟିକ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ଅର୍ଥ ଦିଆଯାଇଛି। ଡାକ୍ତରଖାନା କୋଠା ନିର୍ମାଣ, ରାସ୍ତାଘାଟ ତିଆରି ଭଳି ଭିତ୍ତଭୂମି ବିକାଶକୁ ଅଗ୍ରାଧିକାର ଦେଇଛି ଓଏମବିଏଡିସି। ସେ ବାବଦରେ ୨୨୦ଟି କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଛି। ହେଲେ ପୂର୍ତ୍ତ ବିଭାଗ ମାତ୍ର ୩୬% କାର୍ଯ୍ୟ କରିଛି। ଅପହଞ୍ଚ ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଓ ଲୋକମାନଙ୍କୁ ଡାକ୍ତରଖାନା ଆଣିବା ଲାଗି ଅଭିନବ ବାଇକ୍ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ସମନ୍ୱିତ ଶିଶୁ ବିକାଶ ଯୋଜନାକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ମଧ୍ୟ ଧ୍ୟାନ ଦିଆଯାଇଛି। ତେବେ ଶିକ୍ଷା, ପାନୀୟ ଜଳ ଭଳି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପାଣ୍ଠିର ଖର୍ଚ୍ଚ ଚିନ୍ତାଜନକ। ଘୋଷଣା ହୋଇଥିବା ୩୫୨୭.୪୧ କୋଟି ଟଙ୍କା ମଧ୍ୟରୁ ମାତ୍ର ୨୮% ଅର୍ଥ ଦିଆଯାଇଛି ଏବଂ ସେଥିରୁ ୪୫% ଅର୍ଥ ଖର୍ଚ୍ଚ ହୋଇଛି। ଜୀବନଜୀବିକା କ୍ଷେତ୍ରରେ ୫ହଜାର ହିତାଧିକାରୀ ପାଇଁ ମତ୍ସ୍ୟ ଓ ପଶୁପାଳନ, ରେଶମ ଚାଷ ଓ ହସ୍ତଶିଳ୍ପ କ୍ଷେତ୍ରରେ ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି। ୮୦ ହଜାର ହିତାଧିକାରୀ 'ଓଡିଶା ଜୀବିକା ମିଶନ' ଓ 'ଆମ ଜଙ୍ଗଲ' ଯୋଜନାରେ ଉପକୃତ ହୋଇଛନ୍ତି। ତେବେ ଏଥିପାଇଁ ଅନୁମୋଦନ ହୋଇଥିବା ୭ଶହ କୋଟି ଟଙ୍କାରୁ ମାତ୍ର ୩୬% ଅର୍ଥ ମିଳିଛି ଓ ସେଥିରୁ ୪୧% ଅର୍ଥ ଖର୍ଚ୍ଚ ହୋଇଛି। ଗ୍ରାମୀଣ ଯୋଗାଯୋଗ କ୍ଷେତ୍ରରେ ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲା ପାଇଁ ୫୦୯ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ସେଥିରୁ ୫୫% ଅର୍ଥ ମିଳିଛି ଓ ତା' ମଧ୍ୟରୁ ୭୮% ଅର୍ଥ ଖର୍ଚ୍ଚ ହୋଇଛି। ଏହି ଅର୍ଥରେ ୧୪୨ଟି ରାସ୍ତା ଓ ୧୪ଟି ପୋଲ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ସେଥିରୁ ୧୧ ଟି ପୋଲ ଓ ୧୨୮ଟି ରାସ୍ତା ନିର୍ମାଣ ସରିଛି। ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ୪ଟି ଜିଲ୍ଲାର ୯ ଟି ସହରରେ ବାୟୁର ମାନ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଜଳ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ମଞ୍ଜୁର ହୋଇଥିବା ୭ଶହ କୋଟିରୁ ୪୧% ଅର୍ଥ ମିଳିଛି ଓ ସେ ମଧ୍ୟରୁ ୭୨% ଖର୍ଚ୍ଚ ହୋଇଛି। ଉଲ୍ଲେଖଥାଉକି, ୨୦୨୩ରେ ୧୭୯୦୨.୫୫ କୋଟି ଟଙ୍କାରେ ୫୫ଟି ଉନ୍ନୟନମୂଳକ ପ୍ରକଳ୍ପ ନିର୍ମାଣ ପାଇଁ ଓଏମବିଏଡିସି ବୋର୍ଡ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ଜନବସତିରେ ଜଙ୍ଗଲି ଜନ୍ତୁ : ଜଗତପୁର ପୀର ବଜାରରୁ ୨ ବାରହା ଉଦ୍ଧାର



**ଜଗତପୁର(ଏନ୍.ଏମ୍.):** ଏବେ ଜନବସତି ମୁହାଁ ହୋଇଛନ୍ତି ଜଙ୍ଗଲି ଜନ୍ତୁ। ଜଙ୍ଗଲରେ ସେମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟ ପାନୀୟ ଅଭାବ ଯୋଗୁଁ ଏହି ଜଙ୍ଗଲ ଜନ୍ତୁ ଏବେ ଜନବସତି ମୁହାଁ ହେଉଛନ୍ତି। କିଛିଦିନ ତଳେ ଜଙ୍ଗଲି ହାତୀ କଟକ ଜିଲ୍ଲା ଜଗତପୁର ଶିଳ୍ପାଞ୍ଚଳରେ ଉତ୍ପାତ ସୃଷ୍ଟି କରିଥିବାବେଳେ ଏବେ ଜଙ୍ଗଲି ବାରହା ବୁଲୁଥିବା ଦେଖିବାକୁ ମିଳିଛି। ତେବେ ଗତକାଲି ବାରହା ଦୁଇଟି ଜଗତପୁର ଅଞ୍ଚଳରେ ଉତ୍ପାତ ସୃଷ୍ଟି କରୁଥିବାବେଳେ ବନ ବିଭାଗ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ କଟକ ଜିଲ୍ଲା ଜଗତପୁର ଥାନା ଅନ୍ତର୍ଗତ ପୀର ବଜାର ଅଞ୍ଚଳରୁ ୨ଟି ବାରହା ଉଦ୍ଧାର ହୋଇଛନ୍ତି। ଶୀତ ଦିନରେ ବାରଗୋଡିଆ ପଠାରେ ଲୋକେ ପରିବା ଚାଷ କରିଥିବାବେଳେ ସେଠାରେ ଖାଦ୍ୟ ସଂଗ୍ରହ କରିବା ପାଇଁ ୪ଟି ବାରହା ଗତକାଲି ସଂନ୍ଧ୍ୟା ବେଳେ ପଠାରେ ପଶି ଚାଷବାସ ନଷ୍ଟ କରିଥିଲେ। ତେବେ ଚାଷୀମାନେ ହୋ ହାଲ୍ଲା କରିବାରୁ ବାରହା ପଲ ଜଗତପୁର ପୀର ବଜାର ଆଡକୁ ପଶିଆସିବା ସହ ଉକ୍ତ ଅଞ୍ଚଳରେ ଥିବା ଭିକେସି ଚପଲ ଗୋଦାମ ଭିତରେ ପଶି ଯାଇଥିଲେ। ଏହାପରେ ବାରହା ସେଠାରୁ ବାହାରି ନପାରି ସେହି ଗୋଦାମ ଭିତରେ ତାଣ୍ଡବ ସୃଷ୍ଟି କରିଥିଲେ। ଗୋଦାମରେ ବାରହାମାନେ ପଶି କର୍ମଚାରୀମାନଙ୍କୁ ଗୋଡେଇବା ସହ ବିଭିନ୍ନ ସାମଗ୍ରୀ ଭାଙ୍ଗିରୁଜି ଦେଇଥିଲେ। ଦୀର୍ଘ ସମୟ ଧରି ଏଭଳି ଉତ୍ପାତ ସୃଷ୍ଟି କରିବା ପରେ ଭୟରେ ସମସ୍ତ କର୍ମଚାରୀ ସେଠାରୁ ଚାଲିଯାଇଥିଲେ। ଏହାପରେ ୨ଟି ଯାକ ବାରହା ସେଠାରୁ ବାହାରି କେଉଁ ଆଡ଼େ ଚାଲିଯାଇଥିଲେ। ପୁନଶ୍ଚ ପରଦିନ ସକାଳେ ବାରହା ଦୁଇଟି ମା' ମଙ୍ଗଳା ଟ୍ରାନ୍ସପୋର୍ଟ ଅଞ୍ଚଳରେ ବୁଲୁଥିବା କର୍ମଚାରୀମାନେ ଦେଖିବା ପରେ ଟ୍ରାନ୍ସପୋର୍ଟ ମାଲିକ ପ୍ରଦୀପ ସ୍ୱାଇଁଙ୍କୁ ସୂଚନା ଦେଇଥିଲେ। ତେବେ ଶ୍ରୀ ସ୍ୱାଇଁ ସ୍ଥାନୀୟ ଜଗତପୁର ଥାନା ଓ ବନ୍ୟ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଥାନା ପୁଲିସ ଓ ବନ୍ୟ ବିଭାଗର ଏକ ଟିମ ପହଞ୍ଚି ଦୁଇ ବାରହାକୁ ଉଦ୍ଧାର କରି ପାଖ ଜଙ୍ଗଲରେ ଛାଡି ଥିବା ଜଣାପଡ଼ିଛି। ତେବେ ଜଙ୍ଗଲ ମଧ୍ୟରେ ପର୍ଯ୍ୟାପ୍ତ ଖାଦ୍ୟର ଅଭାବ ଯୋଗୁଁ ବନ୍ୟପ୍ରାଣୀ ଏଭଳି ଜନବସତି ମୁହାଁ ହେଉଥିବା ବନ ବିଭାଗ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଥିଲେ ମଧ୍ୟ ଉପଯୁକ୍ତ କାର୍ଯ୍ୟ ନହେବାରୁ ଏହାର ସୁଫଳ ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ପତ୍ନୀ ଚାହିଁଲେ ସ୍ୱାମୀ ପରିବର୍ତ୍ତେ ...

ଘର ଲୋକଙ୍କ ଠାରୁ ନିର୍ଯାତିତ ହେଉଛନ୍ତି। କିମ୍ବା ତାଙ୍କ ସ୍ୱାମୀ ତାଙ୍କୁ ଛାଡ଼ି ଅନ୍ୟ ମହିଳାଙ୍କ ସହ ରହୁଛନ୍ତି। ଏହି କ୍ଷେତ୍ରରେ ପତ୍ନୀଙ୍କ ପେନ୍‌ସନ୍ ପାଇବା ପାଇଁ ସେମାନଙ୍କ କୌଣସି ଅଧିକାର ନାହିଁ। ଏହି ଆଇନ ଆସିବାର ମୂଳ ଉଦେଶ୍ୟ ହେଉଛି ଯେ, ଯଦି କୌଣସି କ୍ଷେତ୍ରରେ ଘରୋଇ ହିଂସା ଦେଖାଦିଏ କିମ୍ବା ମହିଳାଙ୍କୁ ନିର୍ଯାତନା ଦେବା ସହ ଛାଡ଼ପତ୍ର ମାମଲା ଚାଲିଥାଏ। ତେବେ ସେହି କ୍ଷେତ୍ରରେ ମହିଳା ଚାହିଁଲେ ନିଜ ପେନ୍‌ସନ୍‌ର ନୋମିନି ବଦଳାଇ ସ୍ୱାମୀ ପରିବର୍ତ୍ତେ ପିଲାଙ୍କୁ ରଖିପାରିବେ।

## ବହୁ ପ୍ରତୀକ୍ଷାର ଘଟିଲା ଅନ୍ତ ...

ମି.ଓ ପ୍ରସ୍ଥ ୪୨୫ ମି., ସେହି କାନ୍ଥର ଚାରିକୋଣରେ ଭଗବାନ ସୂର୍ଯ୍ୟ, ଶଙ୍କର, ଗଣେଶ ଓ ଦେବୀ ଭଗବତୀଙ୍କ ୪ ଗୋଟି ମନ୍ଦିର ବିଦ୍ୟମାନ। ମନ୍ଦିର ନିକଟରେ ପୌରାଣିକ କାଳର ସୀତା କୂପ ରହିଛି। ଶ୍ରୀରାମ ଜନ୍ମଭୂମି ମନ୍ଦିର ପରିସରରେ ଅନ୍ୟ ମନ୍ଦିରଗୁଡ଼ିକ ହେଲା ମହର୍ଷି ବାଲ୍ମୀକି, ମହର୍ଷି ବଶିଷ୍ଠ, ମହର୍ଷି ବିଶ୍ୱାମିତ୍ର, ମହର୍ଷି ଅଗସ୍ତ୍ୟ, ନିଷାଦରାଜ ଗୁହକ, ମାତାଶ୍ୱରୀ ଓ ଦେବୀ ଅହଲ୍ୟାଙ୍କର। ଦକ୍ଷିଣ-ପଶ୍ଚିମ ଭାଗରେ ନବରନ୍ କୁବେରଟିଲା(ପୁରାତନ ମୁତ୍ତିକା ସ୍ତୁପ)ଉପରେ ଥିବା ଶିବ ମନ୍ଦିରର ଜୀର୍ଣ୍ଣୋଧାର ଏବଂ ରାମଭକ୍ତ ଜଟାୟୁ ରାଜଙ୍କ ପ୍ରତିମା ସ୍ଥାପନ ହୋଇଛି। ଏହା ହେଉଛି ବିଶ୍ୱର ୩ୟ ବୃହତ୍ତମ ମନ୍ଦିର, ୬୭ ଏକର ସ୍ଥାନରେ। ଗୁଜୁରାଟର ବିଶିଷ୍ଟ ମନ୍ଦିର ଶିଳ୍ପୀ ଚନ୍ଦ୍ରକାନ୍ତ ସୋମପୁରାଙ୍କ ଡିଜାଇନ୍, ଦେଶର କିଛି ବଛା ବଛା ଆଇଆଇଟି, ଏମିତିକି ବିଦେଶୀ ସଂସ୍ଥା, ଉଦାହରଣ ସ୍ୱରୂପ ଆମେରିକାର ନାସା ଭଳି ସଂସ୍ଥାର ପରାମର୍ଶ କ୍ରମେ ଏହି ମନ୍ଦିରର ନିର୍ମାଣ ବହୁ ଦୂର ଭବିଷ୍ୟତକୁ ଆଗରେ ରଖି ନିର୍ମାଣ କରାଯାଇଛି। ରାଜସ୍ଥାନର ଭରତପୁର(ବଂଶୀ ପାହାଡ଼ପୁର)ରୁ ଆସିଥିବା ପିଙ୍କ୍ ବାଲୁକା ପଥରରେ ଏହି ମନ୍ଦିର ନିର୍ମିତ,ଏଥରେ କୌଣସି ପ୍ରକାର ସିମେଣ୍ଟ, ଷ୍ଟିଲ ବା ଲୁହା ବ୍ୟବହାର କରାଯାଇ ନାହିଁ, କାରଣ ଷ୍ଟିଲର ଆୟୁଷ ୯୫ ବର୍ଷ, ମାତ୍ର ଏହି ମନ୍ଦିର ୨,୫୦୦ବର୍ଷ ତିଷ୍ଠି ପାରିବ। ଭାରତୀୟ ମନ୍ଦିର/ଭାସ୍କର୍ଯ୍ୟ ଶିଳ୍ପ ଓ ବାସ୍ତୁବିଦ୍ୟାର ଉତ୍କର୍ଷ ପ୍ରତିପାଦିତ ହୋଇଛି ଏହି ଭବ୍ୟ ମନ୍ଦିରରେ।

## ମହାକାଶରୁ ରାମମନ୍ଦିର ...

ଦେଖାଯାଉଛି, ତା'ର ଫଟୋକୁ ଇସ୍ରୋ ଜାରି କରିଛି। ଇସ୍ରୋ ଏହାର ସ୍ୱଦେଶୀ ସାଟେଲାଇଟ ବ୍ୟବହାର କରି ମହାକାଶରୁ ରାମ ମନ୍ଦିରର ଫଟୋ ଉଠାଇଛି। ଇଣ୍ଡିଆନ ରିମୋଟ ସେନ୍ସିଂ ସିରିଜ ଉପଗ୍ରହ ମାଧ୍ୟମରେ ନିଆଯାଇଥିବା ଏହି ଫଟୋଗୁଡ଼ିକରେ ଭବ୍ୟ ରାମ ମନ୍ଦିର ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ୨.୭ ଏକର ଜମି ଉପରେ ବ୍ୟାପିଥିବା ରାମ ଜନ୍ମ ଭୂମି ସାଇଟ, ସରଜୁ ନଦୀ ସମେତ ପୂରା ଅଯୋଧ୍ୟା ସହରକୁ ମଧ୍ୟ ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ଫଟୋରେ ଦଶରଥ ମହଲ ଓ ଅଯୋଧ୍ୟାର ରେଳ ଷ୍ଟେସନ ମଧ୍ୟ ଦୃଶ୍ୟମାନ ହେଉଛି। ଅଯୋଧ୍ୟାରେ ନିର୍ମାଣାଧୀନ ରାମ ମନ୍ଦିରର ଏହି ଫଟୋଗୁଡ଼ିକ ଗତ ବର୍ଷ ଡିସେମ୍ବର ୧୬ରେ ଉଠାଯାଇଥିଲା। କିନ୍ତୁ ସେହି ଦିନଠାରୁ ଅଯୋଧ୍ୟାରେ ଘନ କୁହୁଡ଼ି ଯୋଗୁ ସ୍ୱଷ୍ଟ ଚିତ୍ର ନେବା କଷ୍ଟକର ହୋଇ ପଡିଥିଲା। ଏହି ଚିତ୍ରଗୁଡିକୁ ହାଇଦ୍ରାବାଦର ଭାରତୀୟ ସ୍ପେସ ଏଜେନ୍ସିର ନ୍ୟାସନାଲ ରିମୋଟ ସେନ୍ସିଂ ସେଣ୍ଟର ଦ୍ୱାରା ଜାରି କରାଯାଇଛି। ରାମ ମନ୍ଦିର ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ଇସ୍ରୋର ପ୍ରଯୁକ୍ତିବିଦ୍ୟା ମଧ୍ୟ ବ୍ୟବହୃତ ହୋଇଛି। ଏହି ବୃହତ ପ୍ରକଳ୍ପର ଏକ ପ୍ରମୁଖ ଆହ୍ୱାନ ଥିଲା ପ୍ରଭୁ ରାମଙ୍କ ପ୍ରତିମା ସ୍ଥାପନ ପାଇଁ ପ୍ରକୃତ ସ୍ଥାନ ଚିହ୍ନଟ କରିବା। ମନ୍ଦିର ନିର୍ମାଣ ଦାୟିତ୍ୱ ଯେଉଁ ଟ୍ରଷ୍ଟକୁ ଦିଆଯାଇଥିଲା ସେହି ମୂର୍ତ୍ତିଟି ପବିତ୍ର ମନ୍ଦିର ଭିତରେ ୩ରେ ୬ ଫୁଟ ସ୍ଥାନରେ ରଖାଯାଉ ବୋଲି ଟ୍ରଷ୍ଟ ଚାହୁଁଥିଲା। ସେଠାରେ ପ୍ରଭୁ ରାମ ଜନ୍ମ ହୋଇଥିଲେ ବୋଲି ବିଶ୍ୱାସ କରାଯାଏ।

## ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ ସେବା ଆରମ୍ଭ ...

୫ଟି ଅଧକ୍ଷ ସବୁ ଯୋଜନା ସଫଳ କରୁଛନ୍ତି ବୋଲି ସେ କହିଥିଲେ। ୫ଟି ଅଧକ୍ଷ ଭି. କେ. କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଭୂପିନ୍ଦର ସିଂହ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପାକିସ୍ତାନର ପାଲଟା ଜବାବ ...

ଦାବି କରିଛି। ବାଲୁଚିସ୍ତାନ ଲିବରେସନ୍ ଆର୍ମି (ବିଏଲ୍ଏ), ବାଲୁଚିସ୍ତାନ ଲିବରେସନ୍ ଫୋର୍ସ ଇରାନ୍ରେ ରହି ପାକିସ୍ତାନ ବିରୋଧରେ ଷଡଯନ୍ତ୍ର କରିବା ସହ ଆକ୍ରମଣ କରୁଛନ୍ତି। ଏଭଳି ସଙ୍ଗଠନକୁ ଇରାଦ ଆଶ୍ରୟ ଦେଇ ସେମାନଙ୍କୁ ସହାୟତା କରୁଥିବା ପାକିସ୍ତାନ ଦାବି କରିଛି। ସେପଟେ ଏଭଳି ଦାବିକୁ ଇରାନ ସର୍ବଦ ଖଣ୍ଡନ କରିଆସିଛି। ସୂଚନା ମୁତାବକ, ଏହାପୂର୍ବରୁ ପାକିସ୍ତାନର ଆତଙ୍କୀ ଠିକଣାକୁ ଟାର୍ଗେଟ କରି ଇରାନ୍ ଏୟାରଷ୍ଟ୍ରାଇକ୍ କରିଥିଲା। ଏଥିରେ ଦୁଇ ଛୋଟ ପିଲାଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ତିନି ଜଣ ଆହତ ହୋଇଥିଲେ। ଏହି ଆକ୍ରମଣକୁ ନେଇ ପାକିସ୍ତାନ କଡା ନିନ୍ଦା କରିଥିଲା। ଏଥିସହ ଏଭଳି ଆକ୍ରମଣର ପରିଣାମ ଅତ୍ୟନ୍ତ ଭୟାନକ ହେବ ବୋଲି ପାକିସ୍ତାନ ଚେତାଇ ଦେଇଥିଲା। କେବଳ ସେତିକି ନୁହେଁ ଇରାନରେ ଥିବା ନିଜ ରାଷ୍ଟ୍ରଦୂତଙ୍କୁ ପାକିସ୍ତାନ ଫେରାଇ ଆଣିଥିଲା ଏବଂ ଇସ୍ଲାମାବାଦରେ ଅବସ୍ଥାପିତ ଇରାନ ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିଥିଲା ପାକିସ୍ତାନ।

## ଦୁଇ ଆଇଜିଙ୍କ ସମେତ ୨୦ ପୁଲିସ ...

ଏସ୍ପି/ଡିଏସ୍ପି/ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ)ରେ ବରିଷ୍ଠ ଓପିଏସ ଅଫିସର ତଥା ବିପିଏସ୍ପିଏର ଅତିରିକ୍ତ ଏସ୍ପି ଉଦୟଭାନୁ ମିଶ୍ର ଓ ୟୁପିଡି ଏସିପି ମାନସ ଗଡ଼ନାୟକ ଏହି ପୁରସ୍କାର ପାଇବେ। ଚତୁର୍ଥ ବର୍ଗ (ଇନ୍ସପେକ୍ଟର/ରିଜର୍ଭ ଇନ୍ସପେକ୍ଟର/ସୁବେଦାର ମେଜର/ସୁବେଦାର)ରେ କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଅନୀଲ ଆନନ୍ଦ, ଗଂଜାମ ପାଟପୁର ଥାନା ଇନ୍ସପେକ୍ଟର ସବ୍ୟସାଚୀ ମଲ୍ଲ ଓ ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଇନ୍ସପେକ୍ଟର ହେମାମାଳିନୀ ନାୟକ ପାଇବେ ରାଜ୍ୟପାଳ ପଦକ। ପଞ୍ଚମ ବର୍ଗ (ଏସ୍ଆଇ/ସର୍ଜେଣ୍ଟ/ଡ୍ରିଲ୍ ସବ୍-ଇନ୍ସପେକ୍ଟର/ଡେପୁଟି ସୁବେଦାର)ରେ ରାଉରକେଲା ଚତୁର୍ଥ ବାଟାଲିୟନର ପୁଲିସ୍ ଏସଆଇ (ସଶସ୍ତ୍ର) ଦିଲ୍ଲୀପ ନାୟକ, ଭୁବନେଶ୍ୱର କମିଶନରେଟ ପୁଲିସ ଏସଆଇ ଯୁଗଳ ଚରଣ ସ୍ୱାଇଁ, ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଏସଆଇ ସଂଜୟ ପଟ୍ଟନାୟକ ପାଇବେ ରାଜ୍ୟପାଳ ପଦକ। ଷଷ୍ଠ ବର୍ଗ (ଏଏସ୍ଆଇ/ହାବିଲଦାର/ହାବିଲଦାର ମେଜର)ରେ ଏଏସଆଇ ବିକାଶ ପାତ୍ର, ପ୍ରଜାପତି ମେହେର ଓ ପ୍ରଶାନ୍ତ ବିଶ୍ୱାଳ ପାଇବେ ଏହି ସମ୍ମାନଜନକ ପଦକ। ସପ୍ତମ ବର୍ଗ (କନଷ୍ଟେବଲ/ସିପାହୀ/ଆସିଷ୍ଟାଣ୍ଟ ଡ୍ରାଇଭର)ରେ କନଷ୍ଟେବଲ ରମେଶ ସାହୁ, ସନାତନ ସାହୁ, ନରେଶ କୁମାର ଚୌଧୁରୀ, ସିପାହୀ ବିଶ୍ୱକର୍ମା ମୁଣ୍ଡା ଓ କେଦାରନାଥ ମିଶ୍ର ପାଇବେ ରାଜ୍ୟପାଳ ପଦକ।

# ସ୍ୱାମୀଙ୍କୁ ଛାଡ଼ି ପ୍ରେମିକଙ୍କ ପାଖକୁ ଯାଇଥିଲେ, ସିଏ ତଣ୍ଟି ଚିପି ମାରିଦେଲା !

**ଭୁବନେଶ୍ୱର(ଏନ୍.ଏମ୍.):** ସ୍ୱାମୀଙ୍କ ହାତ ଧରି ସଂସାର ଗଢ଼ିବା ପାଇଁ ଶାଶୁ ଘରକୁ ଯାଇଥିଲେ ନମିତା। ସଂସାର ଗଢ଼ିଲେ। ତିନି ପିଲା ମାଆ ହେଲେ। ହେଲେ ପରବର୍ତ୍ତୀ ସମୟରେ ସ୍ୱାମୀଙ୍କୁ ଛାଡ଼ି ପ୍ରେମିକଙ୍କ ସହିତ ପଳାଇ ଗଲେ। ମନ୍ଦିରରେ ପ୍ରେମିକଙ୍କୁ ବାହା ହୋଇ ଘର ସଂସାର ଗଢ଼ିବା ପାଇଁ ଆଶା ରଖିଥିଲେ। ହେଲେ ପ୍ରେମିକଙ୍କ ପୁଅ ଓ ଝିଅ ବିରୋଧ କରିଥିଲେ। ତେଣୁ ରାଜଧାନୀ ଭୁବନେଶ୍ୱର ପଳାଇ ଆସିଥିଲେ। ହେଲେ ରହିପାରିଲେ ନାହିଁ। ଯାହାକୁ ପ୍ରେମ କରୁଥିଲେ, ଶେଷରେ ସିଏ ବେକରେ ସ୍କାର୍ପ ଗୋଡ଼ାଇ ମାରିଦେଲା। ପୂରା ଘଟଣା ଏମିତି। ବଂକିମ ଚନ୍ଦ୍ର ସାହୁଙ୍କୁ ଭଦ୍ରକ ଜିଲ୍ଲା ବିଦେହୀପୁର ଗାଁର ନମିତା ସାହୁ ବିବାହ କରିଥିଲେ। ବିବାହ ପରେ ସଂସାର ଗଢ଼ି ଥିଲେ ନମିତା। ୨ ଝିଅ ଓ ଗୋଟିଏ ପୁଅ ମାଆ ହୋଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପାରିବାରି ବିବାଦ ଦେଖା ଦେଇଥିଲା। ତା'ପରେ ବଂକିମ ଓ ତାଙ୍କ ଛୋଟ ଛୋଟ ପିଲାଙ୍କୁ ଛାଡ଼ି ରାଜଧାନୀ ଭୁବନେଶ୍ୱର ପଳାଇ ଆସିଥିଲେ ନମିତା। ଏଠାରେ ରହି କାମଦାମ କରି ଚଳୁଥିଲେ। ରାଜଧାନୀରେ ରହଣୀ ସମୟରେ ସମରେନ୍ଦ୍ର ବିଶ୍ୱାଳଙ୍କ ସଂସ୍ପର୍ଶରେ ଆସିଥିଲେ ନମିତା। ସମରେନ୍ଦ୍ର ହେଉଛନ୍ତି ଜଣେ ବସ୍ କଣ୍ଡକ୍ଟର। ତାଙ୍କ ଘର ଭଦ୍ରକ ଜିଲ୍ଲା ହାବେଳି ସାହିରେ। ତାଙ୍କ ପତ୍ନୀଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଝିଅ ଅଛନ୍ତି। ବସ୍‌ରେ ଯିବା ଆସିବା ବେଳେ ସମରେନ୍ଦ୍ରଙ୍କ ସହିତ ନମିତାଙ୍କ ଦେଖା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତା'ପରେ ଉଭୟ ମନ୍ଦିରରେ ବାହା ହୋଇ ଯାଇଥିଲେ। ବାହାଘର ପରେ ନମିତାଙ୍କୁ ନିଜ ଘରକୁ ନେଇ ଯାଇଥିଲେ ସମରେନ୍ଦ୍ର। ହେଲେ ପୁଅ ଓ ଝିଅ ବିରୋଧ କରିଥିଲେ। ଯେଉଁଥିପାଇଁ ପାଟିତୁଣ୍ଡ ହୋଇଥିଲା। ବଢ଼ିଲା ପୁଅ ଓ ଝିଅଙ୍କ ବିରୋଧ ଯୋଗୁ ନମିତାଙ୍କୁ ଧରି ଭୁବନେଶ୍ୱର ପଳାଇ ଆସିଥିଲେ ସମରେନ୍ଦ୍ର। ଉଭୟ ଗୋବିନ୍ଦେଶ୍ୱର ଲେନ୍ କୁଞ୍ଜପାଟଣା ସାହିରେ ଘର ଭଡ଼ା ନେଇ ରହୁଥିଲେ। ଦୁଇ ବର୍ଷ ଧରି ଉଭୟ ରହୁଥିଲେ। ହେଲେ ଶାନ୍ତିରେ ରହି ପାରିଲେ ନାହିଁ। ନମିତା ଓ ସମରେନ୍ଦ୍ରଙ୍କ ପିଲାମାନେ ବଢ଼ି ଯାଇଥିବାରୁ ବିବାଦ ବଢ଼ିବାରେ ଲାଗିଲା। ଯେଉଁଥିପାଇଁ ଉଭୟଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ଉଭୟଙ୍କ ଭିତରେ ସମ୍ପର୍କ ଖରାପ ହେଲା। ନମିତାଙ୍କୁ ଅନେକ ସମୟରେ ସମରେନ୍ଦ୍ର ମାରଧର କରୁଥିଲେ। ହେଲେ ପ୍ରତିବାଦ କରିପାରୁନଥିଲେ କି ପିଲା ଛୁଆଙ୍କ ପାଖକୁ ଫେରି ପାରୁନଥିଲେ ନମିତା। ନିଜ ଭୟ ନିଜକୁ ଗୋଡ଼ାଉ ଥିଲା। କେଉଁ ମୁହଁ ନେଇ ବଢ଼ିଲା ପିଲାଙ୍କ ପାଖକୁ ଯିବେ ନମିତା ? ସେହି ଚିନ୍ତାରେ ମାଡ଼ ଗାଳି ଖାଇ ରହୁଥିଲେ। ୨୦୨୧ ଡିସେମ୍ବର ୯ ତାରିଖ ରାତିରେ ଘରକୁ ଫେରିଥିଲେ ସମରେନ୍ଦ୍ର। କୌଣସି କଥାକୁ ନେଇ ଉଭୟଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନମିତାଙ୍କ ଛାତିରେ ମାଡ଼ି ବସିଥିଲେ ସମରେନ୍ଦ୍ର। ତା'ପରେ ତାଙ୍କ ବେକରେ ସ୍କାର୍ପ ଗୋଡ଼ାଇ ତଣ୍ଟି ଚିପି ମାରି ଦେଇଥିଲେ। ତା'ପରେ ଘର ଛାଡ଼ି କୋଲକାତା ପଳାଇଯାଇଥିଲେ ସମରେନ୍ଦ୍ର। ନିଜର ପୁଅ ଝିଅଙ୍କ ସହିତ କୌଣସି ସମ୍ପର୍କ ରଖିଲେ ନାହିଁ। ୧୦ ତାରିଖ ସକାଳେ ଦୀର୍ଘ ସମୟ ଧରି ଘରର କବାଟ ନଖୋଲିବାରୁ ଲିଙ୍ଗରାଜ ଥାନାକୁ ଖବର ଦେଇଥିଲେ ଘର ମାଲିକ। କମିଶନରେଟ୍ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ନମିତାଙ୍କ ପ୍ରଥମ ସ୍ୱାମୀଙ୍କ ପୁଅ ତପନ ସାହୁଙ୍କୁ ଡକାଇଥିଲେ। ଘଟଣାର ତଦନ୍ତ ଚାଲିଥିବା ବେଳେ ସମରେନ୍ଦ୍ରଙ୍କ ଲିଙ୍କ ମିଳିଥିଲା। ହେଲେ ସମରେନ୍ଦ୍ର କୋଲକାତାରେ ରହି ବସ୍ କଣ୍ଡକ୍ଟର ଭାବେ କାମ କରୁଥିବାରୁ ଧରିବା କଷ୍ଟକର ହେଉଥିଲା। ସେ ପୁଲିସ୍‌କୁ ଛକ୍କା ଦେଇ ଘୁରି ବୁଲୁଥିଲା। ସମରେନ୍ଦ୍ର ମଝିରେ ମଝିରେ ବାଲେଶ୍ୱରକୁ ବସରେ ଆସୁଥିବା କମିଶନରେଟ୍ ପୁଲିସ୍ ଜାଣିବାକୁ ପାଇଥିଲା। ଏହା ପରେ ବାଲେଶ୍ୱର ପୁଲିସ୍ ସହାୟତାରେ କମିଶନରେଟ୍ ପୁଲିସ୍ ସେଠାରେ ଆଡ୍ଡା ଜମାଇଥିଲା। ୪ ଦିନ ରହିବା ପରେ ଶନିବାର ଅଭିଯୁକ୍ତ ସମରେନ୍ଦ୍ରକୁ କମିଶନରେଟ୍ ପୁଲିସ୍ ଧରିବାରେ ସଫଳ ହୋଇଛି। ତାଙ୍କୁ ପଚରାଉଚରା ବେଳେ ହତ୍ୟା ନେଇ ସ୍ୱୀକାର କରିଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି କମିଶନରେଟ୍ ପୁଲିସ୍। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ।




# କଟକରୁ ବରଗଡ଼ ଯାଉଛି ଧାନ : ଚାଉଳ ପାଇଁ ୩ ବର୍ଷରେ କ୍ଷତି ୬୦ କୋଟି !

**କଟକ(ଏନ୍.ଏମ୍.):** ଧାନରୁ ଚାଉଳ ପ୍ରସ୍ତୁତ କରିବା ପାଇଁ କେବଳ କଟକ ଜିଲ୍ଲାରେ ସରକାର ୬୦ କୋଟି ଟଙ୍କା କ୍ଷତି ସହିଛନ୍ତି। ଗଲା ୩ ବର୍ଷ ହେଲା ଏଭଳି ପ୍ରକ୍ରିୟା ଚାଲିଥିବା ବେଳେ ଚଳିତ ବର୍ଷ ହଠାତ ବୁଦ୍ଧି ଉଦୟ ହେବାରୁ ଏହି ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ କେଉଁ କାରଣରୁ ଗଲା ୩ ବର୍ଷ ହେଲା କଟକରୁ ବରଗଡ଼କୁ ଧାନ ପଠାଇ ସେଠାରୁ ଚାଉଳ ଆଣିବା କାର୍ଯ୍ୟ ଚାଲିଥିଲା, ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ତଥ୍ୟ ଅନୁଯାୟୀ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଦିଆଯାଉଥିବା ଚାଉଳ ପାଇଁ ପ୍ରାୟ ୩ ବର୍ଷ ହେବ ଜିଲ୍ଲାରୁ ଧାନ ସଂଗ୍ରହ କରାଯାଇ ମିଲିଂ ଅର୍ଥାତ ଚାଉଳ ପ୍ରସ୍ତୁତ କରିବାକୁ ପଠାଯାଇଛି ବରଗଡ଼। ପ୍ରତିବର୍ଷ ଦେଢଲକ୍ଷ କ୍ୱିଣ୍ଟାଲ ଧାନ ମିଲିଂ ପାଇଁ କଟକରୁ ବରଗଡ଼ ଯାଉଛି। ଦେଢ ଲକ୍ଷ କ୍ୱିଣ୍ଟାଲ ଧାନ ପରିବହନ ପାଇଁ ପାଖାପାଖି ୫ହଜାର ଗାଡି ବ୍ୟବହାର ହୋଇଥିବାବେଳେ ଚାଉଳ ଆଣିବା ପାଇଁ ୩ ହଜାର ଗାଡି ବ୍ୟବହାର କରାଯାଉଛି। ଏହି ପରିବହନ ଖର୍ଚ୍ଚରେ ପାଖାପାଖି ୨୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ସେହି ଦେଢ ଲକ୍ଷ କ୍ୱିଣ୍ଟାଲ ଧାନ ଯଦି କଟକ ଜିଲ୍ଲା ଅଥବା କଟକ ଆଖପାଖ ଜିଲ୍ଲାର ମିଲର ମିଲିଂ କରିଥାନ୍ତେ ତାହେଲେ ସେଥି ପାଇଁ ଅତିବେଶୀରେ ୫କୋଟି ଟଙ୍କା ଖର୍ଚ୍ଚ ହୋଇଥାନ୍ତା। କିନ୍ତୁ କଟକରୁ ବରଗଡ଼ ୩୧୦ କିଲୋମିଟରର ଦୂରତ୍ୱ ହେଉଥିବାରୁ ପରିବହନ ଖର୍ଚ୍ଚ ପ୍ରାୟ ୫ ଗୁଣ ବଢି ଯାଉଛି। ଯୋଗାଣ ନିଗମ କଟକ ପାର୍ଶ୍ୱବର୍ତ୍ତୀ ଜିଲ୍ଲାକୁ ଧାନ ମିଲିଂ ପାଇଁ ନଦେଇ ବରଗଡ଼ ପଠାଇବା ଓ ଯୋଗାଣ ନିଗମ ମଧ୍ୟ ବିକଳ୍ପ ବ୍ୟବସ୍ଥା ଗ୍ରହଣ ନକରିବା ଯୋଗୁଁ ଏଭଳି କୋଟି କୋଟି ଟଙ୍କା କ୍ଷତି ହୋଇଥିବା କୁହାଯାଉଛି। କିନ୍ତୁ ଚଳିତବର୍ଷ ଜିଲ୍ଲାରେ ମିଲର ସଂଖ୍ୟା ବୃଦ୍ଧି କରାଯାଇ ମିଲିଂ ପାଇଁ ବାହାର ଜିଲ୍ଲାକୁ ଧାନ ପଠାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ଖର୍ଚ୍ଚ ହ୍ରାସ ସହ କଟକ ଜିଲ୍ଲାର ହିତାଧିକାରୀ କଟକ ଜିଲ୍ଲାର ଚାଉଳ ପାଇବେ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ରଞ୍ଜନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। କଟକ ଜିଲ୍ଲାରେ ବିଭିନ୍ନ ଖାଦ୍ୟ ସୁରକ୍ଷା ଯୋଜନାରେ ୫ଲକ୍ଷ ୫ହଜାର ୫୩୧ ହିତାଧିକାରୀ ରହିଛନ୍ତି। ସେମାନଙ୍କ ପାଇଁ ମାସକୁ ୧ ଲକ୍ଷ କ୍ୱିଣ୍ଟାଲ ଚାଉଳ ପ୍ରଦାନ କରାଯାଉଛି। ଫଳରେ ହିତାଧିକାରୀ ବର୍ଷକୁ ୧୨ଲକ୍ଷ କ୍ୱିଣ୍ଟାଲ ଚାଉଳ ବିଭିନ୍ନ ଯୋଜନାରେ ପାଉଛନ୍ତି। କଟକ ଜିଲ୍ଲାରେ ଗତବର୍ଷ ୧୭ ଲକ୍ଷ ୫୬ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ସେଥିରୁ ଜିଲ୍ଲାର ୧୦ଜଣ ମିଲରଙ୍କୁ ମିଲିଂ ପାଇଁ ତାଙ୍କର କୋଟା ବାବଦକୁ ୧୬ଲକ୍ଷ କ୍ୱିଣ୍ଟାଲ ଦିଆଯାଇଥିବା ବେଳେ ବାକି ଦେଢ ଲକ୍ଷ କ୍ୱିଣ୍ଟାଲ ଧାନ ବରଗଡକୁ ପଠାଯାଇଥିଲା ମିଲିଂ ପାଇଁ। ବରଗଡ଼କୁ ଯେଉଁ ଧାନ ପଠାଯାଇଥିଲା ମିଲିଂ ପାଇଁ ସେହି ବାବଦକୁ ପାଖାପାଖି ୩୦କୋଟି ଟଙ୍କା ପରିବହନ, ମିଲିଂ ତଥା ବିଭିନ୍ନ ବାବଦକୁ ଖର୍ଚ୍ଚ କରାଯାଇଛି। କଟକ ଜିଲ୍ଲାର ମିଲରଙ୍କୁ ମିଲିଂ, ଷ୍ଟୋରିଂ ବାବଦକୁ ମିଲରଙ୍କୁ ପାଖାପାଖି ୫୦ଟଙ୍କା ଓ ପରିବହନ ବାବଦକୁ କିଲୋମିଟର ପିଛା ଟଙ୍କା ଦିଆଯାଏ। ବାହାର ଜିଲ୍ଲାକୁ ଯେଉଁ ଧାନ ମିଲିଂ ପାଇଁ ପଠାଯାଉଛି ସେଥିରେ ମିଲିଂ ଓ ଷ୍ଟୋରିଂ ବାବଦକୁ ମିଲର ସମାନ ଟଙ୍କା ପାଉଛନ୍ତି। କିନ୍ତୁ କିଲୋମିଟର ବା ଦୂରତ୍ୱ ଯୋଗୁଁ ପରିବହନ ଖର୍ଚ୍ଚ ବଢୁଛି। ଅର୍ଥାତ୍ ପାଖାପାଖି ୧୦ରୁ ୧୫ଗୁଣ ଅଧିକ ରହୁଛି ପରିବହନ ଖର୍ଚ୍ଚ। ବରଗଡ଼ର ୪/୫ଜଣ ମିଲରଙ୍କୁ ଧାନ ମିଲିଂ ପାଇଁ ୨/୩ବର୍ଷ ହେଲା ଅର୍ଥାତ୍ କୋଭିଡ୍ ପରଠାରୁ ଦିଆଯାଉଛି। କିନ୍ତୁ ଚଳିତବର୍ଷ ଜିଲ୍ଲାରେ ଧାନ ଉତ୍ପାଦନ କମିଥିବା କୁହାଯାଉଛି। ଏପଟେ ମିଲର ସଂଖ୍ୟା ବି ୧୦ରୁ ୧୨କୁ ବୃଦ୍ଧି ପାଇଛି। ଫଳରେ ଚଳିତବର୍ଷ ଧାନ ଆଉ ବରଗଡ଼ ଯବନି ମିଲିଂ ପାଇଁ। ରାଜ୍ୟ ଯୋଗାଣ ନିଗମର ଏଭଳି ଚାଉଳ ମିଲିଂ ପାଇଁ କଟକ ଧାନ ବରଗଡ ପଠାଯିବା ଦ୍ୱାରା କେବଳ ଗତବର୍ଷ ୨୫କୋଟି ଟଙ୍କା କ୍ଷତି ସହିଛି ଯୋଗାଣ ନିଗମ। କଟକରେ କଣ ପାଇଁ ୧୦ଜଣ ମିଲର ଧାନ ମିଲିଂ କରିବାକୁ ସକ୍ଷମ ହେଲେ ନାହିଁ, କଣ ପାଇଁ ନିକଟବର୍ତ୍ତୀ ଜିଲ୍ଲାକୁ ଧାନ ମିଲିଂ ପାଇଁ ପଠା ନଯାଇ ବରଗଡକୁ ୩ବର୍ଷ ହେଲା ଚୟନ କରାଯାଉଛି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।



# ସିଏମସି ୪୮ ନମ୍ବର ୱାର୍ଡରେ ମାସେ ନପୂରୁଣୁ ଡ୍ରେନ ଉପରୁ ଭାଙ୍ଗିଲା ସ୍ଲାବ

# ନିମ୍ନମାନର କାମ ଯୋଗୁ ବଢୁଛି ଅସନ୍ତୋଷ



**ଜଗତପୁର(ଏନ୍.ଏମ୍.):** କଟକ ମହାନଗର ନିଗମର ଦୁର୍ନୀତି ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏପରିକି ବିଭିନ୍ନ ପ୍ରକଳ୍ପରେ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ନିମ୍ନମାନର କାର୍ଯ୍ୟକରି ସରକାରୀ ଅର୍ଥକୁ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ସିଏମସି ଅନ୍ତର୍ଗତ ୪୮ନମ୍ବର ୱାର୍ଡ ପଣ୍ଡା ସାହି ଗ୍ରାମ ଦୋଳମଣ୍ଡପ ତ୍ରିଛକ ରାସ୍ତା ମଝିରେ ଯାଇଥିବା ଏକ ଡ୍ରେନ ଉପରେ ପ୍ରାୟ ୧ ମାସ ହେବ ପଡିଥିବା ନୂଆ ସ୍ଲାବ ମଧ୍ୟରୁ ଅନେକ ଗୁଡିଏ ସ୍ଲାବ ଭାଙ୍ଗିରୁଜି ଡ୍ରେନ ଭିତରେ ପଡିଥିବା ଦେଖିବାକୁ ମିଳିଛି। ନିମ୍ନମାନର ସ୍ଲାବ ହୋଇଥିବାରୁ ଏହିପରି ମାସେ ନପୁରୁଣୁ ପ୍ରାୟ ସ୍ଲାବଗୁଡିକ ଭାଙ୍ଗି ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରାୟ ଏକ ବର୍ଷ ପୂର୍ବେ ଏହି ତ୍ରିଛକ ରାସ୍ତା ଓ ଡ୍ରେନ କାମ ସଂପୂର୍ଣ୍ଣ କରାଯାଇ ଥିଲା। ତେବେ ବର୍ଷକ ମଧ୍ୟରେ ସ୍ଲାବ ଗୁଡିକ ନଷ୍ଟ ହୋଇ ଭାଙ୍ଗି ରୁଜି ପଡିବାରୁ ଟେଣ୍ଡର ହୋଇ ପୁଣି ଆଉଥରେ ପ୍ରାୟ ଏକ ମାସ ପୂର୍ବେ ନୂତନ ସ୍ଲାବ ଡ୍ରେନ ଉପରେ ପକାଯାଇଥିଲା। ପୁନଶ୍ଚ ନୂତନ ସ୍ଲାବ ପଡିବାର ଏକ ମାସ ନପୁରୁଣୁ ଯଥା ପୂର୍ବଂ ତଥା ପରଂ ଅବସ୍ଥା ଦେଖିବାକୁ ମିଳିଥିଲା। ତେବେ ରାସ୍ତା ଉପରେ ସ୍ଲାବ ଗୁଡ଼ିକ ଭାଙ୍ଗିଯାଇଥିବାରୁ ମୁକୁଳା ଡ୍ରେନରେ ବହୁ ଜନସାଧାରଣ ଆହତ ହେଉଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଯେ ସେମାନେ ସିଏମସିକୁ ଯେତିକି ଟିକସ ଦେଉଛନ୍ତି ସେ ଅନୁପାତରେ ସେମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଉ ନାହିଁ। ତେବେ ଏ ବିଷୟରେ ସ୍ଥାନୀୟ କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରାଙ୍କୁ ପଚାରିବାରେ ସେ କହିଥିଲେ ଯେ ସେହି ରାସ୍ତା ଦେଇ ପ୍ରତିଦିନ ୨୦ରୁ ୩୦ଟି ଇଟା, ପଥର ଓ ବାଲି ବୋଝେଇ ଟ୍ରକ, ଟ୍ରାକଟର ଓ ହାଇୱା ଯିବା ଆସିବା କରିବା ଦ୍ୱାରା ସ୍ଲାବ ଗୁଡିକ ଶିଘ୍ର ଭାଙ୍ଗି ଯାଉଛି। ଅନ୍ୟପକ୍ଷରେ ସେହି ଫକିରପୁର ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ କଂକ୍ରିଟ ରାସ୍ତା ଖୋଳା ଯାଇ ଏକ ନୂତନ ଡ୍ରେନ ନିର୍ମାଣ କାମ ଚାଲୁଛି। ସେଥିପାଇଁ ଗ୍ରାମବାସ ମାନେ ବହୁ ସମସ୍ୟାର ସମ୍ମୁଖିନ ହେଉଥିବାର ଦେଖିବାକୁ ମିଳିଛି। ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବାରୁ ଅନେକ ଲୋକ ପ୍ରାୟ ୨ରୁ ୩ କିଲୋମିଟର ବୁଲିକି ଯିବାକୁ ପଡୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି।

# ନଦୀବନ୍ଧ ପୁନର୍ବାସ ଓ ଉନ୍ନତିକରଣ ପ୍ରକଳ୍ପ କାର୍ଯ୍ୟଧାରାର ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା

# ଡ୍ୟାମ୍ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାର ଭୂମିକାକୁ ବିଶ୍ୱ ବ୍ୟାଙ୍କ ସମେତ ବିଭିନ୍ନ ସଂଗଠନର ପ୍ରଶଂସା

**ଭୁବନେଶ୍ୱର (ଏନ୍.ଏମ୍.):** ନଦୀବନ୍ଧ ପୁନର୍ବାସ ଓ ଉନ୍ନତିକରଣ ପ୍ରକଳ୍ପ (ଡିଆରଆଇପି)ର କାର୍ଯ୍ୟଧାରାର ସମୀକ୍ଷା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଜାନୁଆରୀ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଭୁବନେଶ୍ୱରରେ ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ମିଶନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ଡିଭିସି, ୟୁଜେଭିଏନଏଲ ଏବଂ ଓଡିଶାର ୮ଟି କାର୍ଯ୍ୟାନ୍ୱୟନ ଏଜେନ୍ସିଙ୍କ ସହିତ ପ୍ରମୁଖ ଅନ୍ତର୍ଜାତୀୟ ଏବଂ ଜାତୀୟ ସଂସ୍ଥା, ଏମଓଜେଏସ୍,ସିଡବ୍ଲୁସି, ବିଶ୍ୱ ବ୍ୟାଙ୍କ ଏବଂ ଏଆଇଆଇବି ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଓଡିଶାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ଅଧିବେଶନକୁ ଉଦ୍ଘାଟନ କରି ଓଡିଶାରେ ଡ୍ୟାମ ସୁରକ୍ଷା ଗତିବିଧିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ତାଙ୍କ ବିଚାର ବିମର୍ଶରେ ସେ ଜଳବାୟୁ ପରିବର୍ତ୍ତନ ଏବଂ ଜଳ ନିରାପତ୍ତା ଉପରେ ବଢୁଥିବା ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ, ବେଳେ ବେଳେ ବର୍ଷକୁ ଦୁଇଥର ମଧ୍ୟ ଓଡ଼ିଶା ବାତ୍ୟାର ସମ୍ମୁଖୀନ ହେଉଛି। ଯେ କୌଣସି ପରିସ୍ଥିତିରେ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ଭଲ ଭାବରେ ଦସ୍ତାବିଜ୍ ହୋଇଥିବା ଜରୁରୀକାଳୀନ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ଓଡ଼ିଶାରେ ୨୧୦ରୁ ଅଧିକ ନିର୍ଦ୍ଦିଷ୍ଟ ଡ୍ୟାମ୍ ରହିଛି, ସେଥିମଧ୍ୟରୁ ୬୦ ପ୍ରତିଶତ ଡ୍ୟାମ୍ ର ବୟସ ୩୦ ବର୍ଷ ଅତିକ୍ରମ କରିଛି, ଯେଉଁଥିପାଇଁ ଆମକୁ ବାସ୍ତବରେ ଡ୍ୟାମ୍ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ନିକଟ ଅତୀତରେ ଏଭଳି ଅନେକ ଘଟଣା ଘଟିଛି, ଯାହା ଡ୍ୟାମ୍ ସୁରକ୍ଷା ପ୍ରସଙ୍ଗରେ ଅଧିକ ଧ୍ୟାନ ଦେବାକୁ ଡ୍ୟାମ୍ ବିଶେଷଜ୍ଞମାନଙ୍କୁ ବାଧ୍ୟ କରିଛି। ନିକଟରେ ସିକିମ୍ ଓ ଲିବିୟାରେ ଡ୍ୟାମ୍ ଅଚଳ ହେବାର ଉଦାହରଣ ସେ ମଧ୍ୟ ଦେଇଥିଲେ। ଶ୍ରୀମତୀ ଗର୍ଗ ମଧ୍ୟ ଡ୍ରିପ୍‌ର ଭୂମିକାକୁ ପ୍ରଶଂସା କରିଥିଲେ, ଯାହା କେବଳ ଅଧିକ ଗଠନ ମୂଳକ ଢାଞ୍ଚାଗତ ପରିବର୍ତ୍ତନକୁ ସମାଧାନ କରିବା ସମେତ ଜରୁରୀକାଳୀନ କାର୍ଯ୍ୟ ଯୋଜନା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମାନୁଆଲ୍, ସଫ୍ଟୱେୟାର୍ ପରିବର୍ତ୍ତନ ଇତ୍ୟାଦି ଆବଶ୍ୟକ କରିଥାଏ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟରେ ୪୦% ମହିଳାଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ ଡ୍ୟାମ୍ ସେଫ୍ଟି ସଂଗଠନ ରହିଛି, ଯେଉଁମାନେ ଡ୍ୟାମ୍ ସୁରକ୍ଷା ଉପରେ ଦକ୍ଷତା ରଖିଛନ୍ତି ଏବଂ ରାଜ୍ୟରେ ଡ୍ୟାମ୍ ଗୁଡ଼ିକର ସୁରକ୍ଷା କାର୍ଯ୍ୟକଳାପ ଉପରେ ନିରନ୍ତର ତଦାରଖ ଏବଂ ରକ୍ଷଣାବେକ୍ଷଣରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ଅତ୍ୟନ୍ତ ଖରାପ ସ୍ଥିତିରେ ଥିବା ଡ୍ୟାମ୍ ଗୁଡ଼ିକର ସ୍ଥିତିରେ ଉନ୍ନତି ଓ ରକ୍ଷଣାବେକ୍ଷଣ ପାଇଁ ଏକ ପୃଥକ ରାଜ୍ୟ ବଜେଟ୍ ଡିପିଆଇଡବ୍ଲ୍ୟୁ ସୃଷ୍ଟି କରାଯାଇଛି। ଦୀର୍ଘ ଦିନ ଧରି ଅଟକି ରହିଥିବା ସୁବର୍ଣ୍ଣରେଖା ପ୍ରକଳ୍ପ, ଦେଓ ଡ୍ୟାମ, ଲୋୟର ଇନ୍ଦ୍ରା ଡ୍ୟାମ୍ ଓ ଲୋୟର ସୁକତେଲ ଡ୍ୟାମ୍ ନିର୍ମାଣ ସମାପ୍ତି ଠାରୁ ଆରମ୍ଭ କରି ଜଳସମ୍ପଦ ବିଭାଗର ବିଭିନ୍ନ ସଫଳତାର କାହାଣୀ ସେ ବର୍ଣ୍ଣନା କରିଥିଲେ। ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର (ନଦୀ ବିକାଶ ଓ ପ୍ରକଳ୍ପ ନୀତି ସମ୍ପର୍କିତ) ଯୁଗ୍ମ ସଚିବ ଆନନ୍ଦ ମୋହନ, କେନ୍ଦ୍ର ସରକାରଙ୍କ ସିଡବ୍ଲୁସିର ଡ୍ରିପ୍ -୨ ଏବଂ ଡ୍ରିପ୍ -୨ ୩ର ପ୍ରକଳ୍ପର ନିର୍ଦ୍ଦେଶକ ରାକେଶ କଶ୍ୟପ, ବିଶ୍ୱ ବ୍ୟାଙ୍କର ଟିଟିଏଲ ଚାବୁଙ୍ଗବାମ ରାଜ ଗୋପାଳ ସିଂ, ଏଆଇଆଇବିର ଟିଟିଏଲ ରାଜେଶ ଯାଦବ ସେମାନଙ୍କ ଭାଷଣରେ ଓଡିଶାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦକ୍ଷ ତତ୍ତ୍ୱାବଧାନରେ ଜଳ ସମ୍ପଦ ବିଭାଗ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଡ୍ୟାମ୍ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାର ମଡେଲ ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ବୋଲି ସେମାନେ ପ୍ରକାଶ କରିଥିଲେ।






# ଦୁଇ ଓଡ଼ିଶା ଅର୍ଜୁନଙ୍କ ଅପୂର୍ବ ମିଳନ



**ଭୁବନେଶ୍ୱର(ଏନ୍.ଏମ୍.):** ଓଡ଼ିଶା କ୍ରୀଡ଼ା ଦୁନିଆର ଦୁଇ ଅର୍ଜୁନ ପୁରସ୍କାର ବିଜେତାଙ୍କ ଅପୂର୍ବ ମିଳନ ଘଟିଥିଲା ଗୁରୁବାର । ଏହି ଦୁଇ ଭାରୋତ୍ତୋଳନ ପ୍ରତିଭା ହେଲେ ବ୍ରହ୍ମପୁରର ବିଜୟ କୁମାର ଶତପଥୀ ଓ କେ. ରବି କୁମାର । ଦେଶ ପାଇଁ ଉଭୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ଜିତିଥିବା ବେଳେ ଦୁଇଟି ଅଲଗା ଅଲଗା ପିଢ଼ିର ପ୍ରତିନିଧିତ୍ୱ କରିଥିଲେ । ୭୧ ବର୍ଷୀୟ ବିଜୟ ଶତପଥୀ ୧୯୮୧ ମସିହାରେ ଅର୍ଜୁନ ପୁରସ୍କାର ପାଇଥିବା ବେଳେ ଏହାର ୩୦ ବର୍ଷ ପରେ ୨୦୧୧ରେ କେ. ରବି କୁମାର ପାଇଥିଲେ ଖେଳ ଦୁନିଆର ଏହି ମର୍ଯ୍ୟାଦାଜନକ ପୁରସ୍କାର । ଉଭୟଙ୍କ ମିଳନର ଅବସର ଆଣି ଦେଇଥିଲା ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍ଜା) । ବୁଧବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ବିମଳ ରାଉଳଙ୍କ ସଂଯୋଜନାରେ ଅନୁଷ୍ଠିତ ଓସଜା ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବରେ ଶ୍ରୀ ଶତପଥୀ ଅସୁସ୍ଥତା କାରଣରୁ ଉପସ୍ଥିତ ହୋଇପାରି ନଥିଲେ । ଓଡ଼ିଶା ଭାରେଓତ୍ତାଳନ ସଂଘର ନବ ନିର୍ବାଚିତ ସମ୍ପାଦକ କେ. ରବି କୁମାର ଏହି ଦାୟିତ୍ୱ ନେଇ ଗୁରୁବାର ବ୍ୟକ୍ତିଗତ ଭାବେ ତାଙ୍କୁ ବ୍ରହ୍ମପୁରସ୍ଥିତ ବାସଭବନରେ ଭେଟି ଏହି ବାର୍ଷିକ ପୁରସ୍କାର ପ୍ରଦାନ କରି ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । କିଂବଦନ୍ତି ଭାରୋତ୍ତୋଳନ ବ୍ୟକ୍ତିତ୍ୱ ଶ୍ରୀ ଶତପଥୀଙ୍କୁ ଓସ୍ଜାର ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି । ରବି କୁମାର ମଧ୍ୟ ବୁଧବାର ଉତ୍ସବରେ ଅନ୍ୟତମ ଅତିଥି ଥିଲେ । ଶ୍ରୀ ଶତପଥୀଙ୍କୁ ପୁରସ୍କାର ବାବଦ ୨୫,୦୦୦ ଟଙ୍କାର ଚେକ୍ ସହିତ ଫଳକ ଓ ମାନପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଶ୍ରୀ ଶତପଥୀ ଖେଳ ଜୀବନରେ ୫ରୁ ଅଧିକ ଅନ୍ତର୍ଜାତୀୟ ପଦକ ଜିତିଛନ୍ତି । ୧୯୮୧ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଏବଂ ୧୯୮୧ ଓ ୧୯୮୩ରେ ଏସୀୟ ଭାରୋତ୍ତୋଳନରେ ଗୋଟିଏ ଲେଖାଏଁ କାଂସ୍ୟ ପଦକ ଜିତିଥିଲେ । ୧୯୯୦ ଏସୀୟ କ୍ରୀଡ଼ାରେ ମଧ୍ୟ କାଂସ୍ୟ ପଦକ ଜିତିଥିଲେ । ସେହିଭଳି ସୁନ୍ଦରସ୍ୱାସ୍ଥ୍ୟରୁ ଭାରୋତ୍ତାଳନକୁ ଆସିଥିବା ୩୬ ବର୍ଷୀୟ କାଟୁଲୁ ରବି କୁମାର ଏକାଧିକ ଥର ଜାତୀୟ ସ୍ୱର୍ଣ୍ଣ ବିଜେତା ହୋଇଥିବା ବେଳେ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କୀର୍ତ୍ତିମାନ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ । ୨୦୧୨ ଲଣ୍ଡନ୍ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିବା ବେଳେ ୨୦୧୪ରେ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରେ ?ପ୍ୟ ପଦକ ହାସଲ କରିଥିଲେ । ୨୦୦୯ ଏସୀୟ ପ୍ରତିଯୋଗିତା ଏବଂ ୨୦୧୧ ଏସୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିଲେ ଏହି ବ୍ରହ୍ମପୁର ହନୁମାନ କ୍ଲବ୍ ବୀର ।




# ଜାପାନଠାରୁ ପରାସ୍ତ ପରେ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବ ନାହିଁ ଭାରତ



**ନୂଆଦିଲ୍ଲୀ(ଏଜେନ୍ସି):** ଭାରତୀୟ ହକି ପ୍ରଶଂସକଙ୍କ ପାଇଁ ଆଜି ଏକ ଖରାପ ଖବର ଆସିଛି । ବାସ୍ତବରେ ଭାରତୀୟ ମହିଳା ହକି ଦଳ ଚଳିତ ବର୍ଷ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବ ନାହିଁ । ଭାରତୀୟ ମହିଳା ହକି ଦଳ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ଶେଷ ସୁଯୋଗ ଆଜି ହରାଇଛି । ବାସ୍ତବରେ ଯୋଗ୍ୟତା ପର୍ଯ୍ୟାୟରେ ଜାପାନଠାରୁ ୦-୧ରେ ପରାଜୟ ପରେ ଭାରତ ପଏଣ୍ଟ ଟେବୁଲରେ ୪ ନମ୍ବର ସ୍ଥାନରେ ରହିଛି । ଭାରତୀୟ ମହିଳା ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ୪ ନମ୍ବରରେ ଥିବାବେଳେ ୩ ବର୍ଷ ପରେ ପ୍ରଶଂସକମାନେ ନିରାଶ ହୋଇଛନ୍ତି । ୨୦୨୪ରେ ଖେଳାଯିବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ମହିଳା ହକି ଦଳକୁ ଦେଖିବାକୁ ମିଳିବ ନାହିଁ । ଜାପାନ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ତିନି ନମ୍ବର ଯୋଗ୍ୟତା ଅର୍ଜନ କରିବାକୁ ସଂଘର୍ଷ ହୋଇଥିଲା, ଯେଉଁଥିରେ ଟିମ୍ ଇଣ୍ଡିଆ ବିଫଳ ହୋଇଥିଲା । ଭାରତ ମ୍ୟାଚ ହାରି ଚତୁର୍ଥ ନମ୍ବରରେ ରହିଯାଇଛି । ଭାରତୀୟ ମହିଳା ଦଳ ପ୍ଲେ ଅଫ୍ ମ୍ୟାଚ୍ ରେ ଭଲ ଖେଳିଥିଲେ, କିନ୍ତୁ ଶେଷରେ ସେମାନଙ୍କୁ ୦-୧ ପରାଜୟକୁ ସାମ୍ନା କରିବାକୁ ପଡିଛି । ରାଞ୍ଚିରେ ଖେଳାଯାଇଥିବା ମ୍ୟାଚରେ ଜାପାନ ୯ମ ମିନିଟରେ ଅଗ୍ରଣୀ ହାସଲ କରିଥିଲା, ଯେତେବେଳେ ଉରତା କାନା ଏକ ପେନାଲ୍ଟି କର୍ଣ୍ଣର ଦେଇ ଗୋଲ ସ୍କୋର କରିଥିଲେ । ଏହା ପରେ ମ୍ୟାଚର ପ୍ରଥମ କ୍ୱାର୍ଟର ଶେଷ ହୋଇ ଭାରତ ୦-୧ରେ ପଛରେ ପଡିଥିଲା । କିନ୍ତୁ ଦ୍ୱିତୀୟ କ୍ୱାର୍ଟରରେ ପରିସ୍ଥିତି ବଦଳିଗଲା ଏବଂ ଭାରତର ଲାଲେରେସାମି ପେନାଲ୍ଟି କର୍ଣ୍ଣର ଜିତିଥିଲେ, କିନ୍ତୁ ଜାପାନର ଗୋଲକିପର ଏହାକୁ ଅଟକାଇ ମ୍ୟାଚରେ ତାଙ୍କ ଦଳକୁ ୧-୦ରେ ଆଗରେ ରଖିଥିଲେ । ତା'ପରେ ଖେଳର ତୃତୀୟ କ୍ୱାର୍ଟରରେ ମଧ୍ୟ ସ୍ଥିତି ସମାନ ରହିଲା । ଜାପାନ ମ୍ୟାଚରେ ୧-୦ରେ ଆଗୁଆ ରହିଥିଲା । ଏଭଳି ଭାବେ ଜାପାନ ଏହି ମ୍ୟାଚ ଜିତିଯାଇଛି ।

# ପାକିସ୍ତାନ ବୋଲରଙ୍କୁ ଧୋଇଦେଲେ ଫିନ ଆଲେନ; ୬୨ ବଲରେ ୧୩୭ ରନ୍



**ନୂଆଦିଲ୍ଲୀ(ଏଜେନ୍ସି):** ନ୍ୟୁଜିଲ୍ୟାଣ୍ଡ ବ୍ୟାଟ୍ସମ୍ୟାନ୍ ଫିନ୍ ଆଲେନଙ୍କ ଧୂଆଁଧାର ବ୍ୟାଟିଂ ପାକିସ୍ତାନ ବୋଲରଙ୍କୁ ଘାଇଲା କରି ଦେଇଛି । ମାତ୍ର ୬୨ ବଲରେ ୧୩୭ ରନ୍ କରି ରେକର୍ଡ କରିଛନ୍ତି ଆଲେନ, ଯେଉଁଥିରେ ୧୬ଟି ଛକା ସହ ୫ଟି ଚୌକା ରହିଛି । ସବୁଠୁ ବଡ କଥା ହେଉଛି କି, ୪୮ ବଲରେ ଶତକ ହାସଲ କରିଥିଲେ ଆଲେନ । ଆଲେନଙ୍କ ଏହି ରେକର୍ଡ ସହ ପାକିସ୍ତାନ ବିପକ୍ଷ ଟି-୨୦ ସିରିଜର ତୃତୀୟ ମ୍ୟାଚକୁ ୪୫ ରନରେ ଜିତି ନେଇଛି ନ୍ୟୁଜିଲ୍ୟାଣ୍ଡ । ଏହା ସହ ଟି-୨୦ ଫର୍ମାଟରେ ନ୍ୟୁଜିଲ୍ୟାଣ୍ଡର ସର୍ବାଧିକ ସ୍କୋର କରିବାରେ ରେକର୍ଡ କରିଛନ୍ତି ଫିନ୍ ଆଲେନ୍ । ଏହାପୂର୍ବରୁ ମହିଳା କ୍ରିକେଟର ସୁଜି ବେଟ୍ସ ଅପରାଜିତ ୧୨୪ ରନ୍ କରିଥିଲେ । ସେହିପରି ବାଂଲାଦେଶ ବିପକ୍ଷରେ ବ୍ରେଣ୍ଡନ୍ ମ୍ୟାକକୁଲମ୍ ୧୨୩ ରନ୍ ସଂଗ୍ରହ କରିଥିଲେ । ପୂର୍ବର ସବୁ ରେକର୍ଡ ଭାଙ୍ଗି ଟି-୨୦ ପାଳିରେ ସର୍ବାଧିକ ୧୩୭ ରନ୍ ସଂଗ୍ରହ କରିଛନ୍ତି ଆଲେନ୍ । ଡୁନେଡିନରେ ଖେଳାଯାଉଥିବା ଏହି ମ୍ୟାଚରେ ଟସ୍ ଜିତି ନ୍ୟୁଜିଲ୍ୟାଣ୍ଡଙ୍କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ପାକିସ୍ତାନ । ଦଳ ପକ୍ଷରୁ ଫିନ ଏବଂ କନୱେ ପାଳି ଆରମ୍ଭ କରିଥିଲେ । ପ୍ରାରମ୍ଭରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ନ୍ୟୁଜିଲ୍ୟାଣ୍ଡ । ମାତ୍ର ୭ରନ୍ କରି ଆଉଟ୍ ହୋଇ ଯାଇଥିଲେ କନୱେ । କିନ୍ତୁ ଏହା ପରେ ଫିନ୍ ଆଲେନଙ୍କ ଆଟାକିଂ ବ୍ୟାଟିଂ ଦଳୀୟ ସ୍କୋରକୁ ମଜବୁତ ସ୍ଥିତିକୁ ନେଇଥିଲା । ଆଲେନ୍ ବିପଜ୍ଜନକ ବ୍ୟାଟିଂ କରି ପାକିସ୍ତାନୀ ବୋଲରଙ୍କ ମନୋବଳ ଭାଙ୍ଗି ଦେଇଥିଲେ । ସମସ୍ତ ବୋଲରଙ୍କ ଧୂଳେଇ କରି ମାତ୍ର ୪୮ ବଲରେ ଶତକ ହାସଲ କରିଥିଲେ ଆଲେନ୍ । ଯଦି ଆମେ ପାକିସ୍ତାନର ବୋଲିଂ ଆଟାକକୁ ଦେଖିବା, ତେବେ ହରିସ୍ ରାଉଫ ସବୁଠାରୁ ଦୁର୍ବଳ ବୋଲିଂ କରିଥିଲେ । ସେ ଦୁଇ ୱିକେଟ ନେଇଥିଲେ ମଧ୍ୟ ୪ ଓଭରରେ ୬୦ ରନ୍ ଦେଇଥିଲେ । ରାଉଫଙ୍କ ଗୋଟିଏ ଓଭରରେ ୨୭ ରନ୍ ମାରିଥିଲେ ଆଲେନ୍ । ସେହିପରି ମହମ୍ମଦ ନୱାଜ ୪ ଓଭରରେ ୪୪ ରନ୍ ଦେଇଥିଲେ । ସେ ଗୋଟିଏ ୱିକେଟ୍ ନେଇଥିଲେ । କ୍ୟାପଟ୍ନେ ଶାହିନ୍ ଆଫ୍ରିଦି ୪ ଓଭରରେ ୪୩ ରନ୍ ଦେଇଥିବା ବେଳେ ଜମାନ ଖାନ ମଧ୍ୟ ୪ ଓଭରରେ ୩୭ ରନ୍ ଦେଇ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ମହମ୍ମଦ ୱାସିମ ଜୁନିଅର ୪ ଓଭରରେ ୩୫ ରନ୍ ଦେଇଥିଲେ । ଏହି ମ୍ୟାଚରେ ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ୨୨୪ ରନ୍ କରିଥିଲା ନ୍ୟୁଜିଲ୍ୟାଣ୍ଡ । ୨୨୫ ରନର ଟାର୍ଗେଟକୁ ପିଛା କରି ମୈଦାନକୁ ଓହ୍ଲାଇଥିଲେ ଆଫ୍ରିଦି ବାହିନୀ ମାତ୍ର ୧୭୯ ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲା । ଫଳରେ ଏହି ମ୍ୟାଚକୁ ୪୫ ରନରେ ଜିତି ନେଇଛି ନ୍ୟୁଜିଲ୍ୟାଣ୍ଡ ।




**ନୂଆଦିଲ୍ଲୀ(ଏଜେନ୍ସି):** କ୍ରିକେଟର ମହେନ୍ଦ୍ର ସିଂହ ଧୋନି ଓ ବିରାଟ କୋହଲିଙ୍କ ସମ୍ପର୍କରେ ବିଶିଷ୍ଟ ବ୍ୟାଟର ଶିଖର ଧାୱନ ମୁହଁ ଖୋଲିଛନ୍ତି । ତେବେ ଉଭୟ ନେତୃତ୍ୱକୁ ସେ ପ୍ରଶଂସା କରିଥିବାବେଳେ ଉଭୟଙ୍କ ନେତୃତ୍ୱ ନେବାର ଶୈଳୀକୁ ବର୍ଣ୍ଣନା କରିଛନ୍ତି । ସେ ତାଙ୍କ ମତରେ ପ୍ରକାଶ କରିଛନ୍ତି ଯେ ଧୋନୀ ଓ କୋହଲିଙ୍କ ପାଇଁ ସବୁଠୁ ଶ୍ରେଷ୍ଠ ଶବ୍ଦ ହେଉଛି 'ବରଫ' ଓ 'ନିଆଁ' । ଉଭୟ ଧୋନି ଓ କୋହଲିଙ୍କ ଅଧିନରେ ଭାରତୀୟ କ୍ରିକେଟ୍ ବହୁତ ଉଚ୍ଚକୁ ଯାଇଛି । ଯାହାକି ଭାରତୀୟ କ୍ରିକେଟ୍ ଇତିହାସରେ ସବୁବେଳେ ସ୍ମରଣୀୟ ରହିବ ବୋଲି ବାମହାତୀ ବ୍ୟାଟର୍ ଶିଖର ଧାୱନ କହିଛନ୍ତି । ଧାୱନ ତାଙ୍କର ଆନ୍ତର୍ଜାତିକ ପଦାର୍ପଣ ଧୋନିଙ୍କ ଅଧିନରେ କରିଥିଲା ବେଳେ କୋହଲିଙ୍କ ଅଧିନରେ ସେ ଅନେକ ସଫଳତା ପାଇ ଚାଲିଥିଲେ । ଏପରିକି କୋହଲି ଓ ଧାୱନ ଉଭୟ ଦିଲ୍ଲୀରୁ ଆସୁଥିବା ବେଳେ ଏକାଠି ଅନେକ ଘରୋଇ କ୍ରିକେଟ୍ ଖେଳିଛନ୍ତି । ଏକ ସାକ୍ଷାତକାରରେ ଧାୱନ କହିଛନ୍ତି ଯେ, ନେତୃତ୍ୱ ନେବାର ଶୈଳୀରେ ଧୋନି ଓ କୋହଲି ପରସ୍ପରଠୁ ଭିନ୍ନ । ଧୋନି ତାଙ୍କ ଶାନ୍ତ ସ୍ୱଭାବ ପାଇଁ ଜଣାଶୁଣା ଥିଲେ । ମ୍ୟାଚର ଯେକୌଣସି ସ୍ଥିତି ଥାଉନା କାହିଁକି, ସେ ସବୁବେଳେ ଶାନ୍ତ ରହୁଥିଲେ । ଏହାହିଁ ତାଙ୍କ ଅଧିନାୟକତ୍ୱର ହଲମାର୍କ । ଚାପ ସମୟରେ ଧୋନି ସଠିକ ନିଷ୍ପତ୍ତି ନେଇଥା'ନ୍ତି । ସବୁ ଖେଳାଳିଙ୍କୁ ସେ ସହାୟତା କରୁଥିଲା ବେଳେ ଦଳ ଭିତରେ ଏକ ସକରାତ୍ମକ ପରିବେଶ ସୃଷ୍ଟି କରୁଥିଲେ । ଅନ୍ୟପକ୍ଷରେ କୋହଲି ଯୁବଶକ୍ତି ଓ ଉତ୍ସାହଭରା ବାତାବରଣକୁ ପ୍ରାଧାନ୍ୟ ଦେଇ ଆସୁଥିଲେ । ଯୁବ ଖେଳାଳିଙ୍କୁ ସେ ଆଗକୁ ଯିବାକୁ ଉତ୍ସାହିତ କରୁଥିଲେ ଓ ସେମାନଙ୍କୁ ସମର୍ଥନ ଦେଉଥିଲେ । କୋହଲି ସବୁବେଳେ ଫିଟନେସ୍ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ତାଙ୍କ ଅଧିନରେ ଦଳ ଖେଳିବା ଦିନଠୁ ଫିଟନେସ୍ ସଂସ୍କୃତି ଅଧିକ ବଢ଼ିଛି । କୋହଲି ନିଜ ପ୍ରଦର୍ଶନ ବଳରେ ଦଳକୁ ଆଗକୁ ନେଉଥିଲେ ଏବଂ ଆକ୍ରମଣାତ୍ମକ ଖେଳ ପାଇଁ ଦଳ ଭଲ ସ୍ଥିତିରେ ରହୁଥିଲା । ଏପରିକି ଏଭଳି ଖେଳ ଅନ୍ୟମାନେ ଖେଳନ୍ତୁ ବୋଲି ସେ ସବୁବେଳେ କହିଆସୁଥିଲେ ବୋଲି ଧାୱନ କହିଛନ୍ତି ।

# କୁଚ୍ ବେହାର ଟ୍ରଫିରେ ଇତିହାସ ରଚିଲେ ପ୍ରଖର ଚତୁର୍ବେଦୀ, ଭାଙ୍ଗିଲା ଯୁବରାଜ ସିଂହଙ୍କ ୨୫ ବର୍ଷ ତଳର ରେକର୍ଡ

**ଶିମୋଗା(ଏଜେନ୍ସି):** କୁଚ୍ ବେହାର ଟ୍ରଫିର ଫାଇନାଲରେ ଇତିହାସ ରଚିଛନ୍ତି କର୍ଣ୍ଣାଟକାର ପ୍ରଖର ଚତୁର୍ବେଦୀ । ଏହି ୧୯ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ରେ ସେ ମୁମ୍ବାଇ ବିପକ୍ଷରେ ଅପରାଜିତ ୪୦୪ ରନ୍ କରିଛନ୍ତି । ୬୩୮ଟି ବଲ୍ରୁ ୪୬ଟି ଚୌକା ଓ ୩ଟି ଛକା ସହାୟତାରେ ସେ ଏହି ରନ୍ କରିଛନ୍ତି । ଏହା ସହିତ ପ୍ରଖର ଟିମ୍ ଇଣ୍ଡିଆର ପୂର୍ବତନ ସଦସ୍ୟ ଯୁବରାଜ ସିଂହଙ୍କ ୨୫ ବର୍ଷ ତଳର ରେକର୍ଡ ଭାଙ୍ଗିଛନ୍ତି । ୧୯୯୯ରେ କୁଚ୍ ବେହାର ଟ୍ରଫି ଫାଇନାଲରେ ପଞ୍ଜାବ ପକ୍ଷରୁ ଖେଳୁଥିବା ଯୁବରାଜ ସିଂହ ବିହାର ବିପକ୍ଷରେ ୩୫୮ ରନ୍ କରିଥିଲେ । ସେତେବେଳେ ମହେନ୍ଦ୍ର ସିଂହ ଧୋନୀ ବିହାର ଟିମର ସଦସ୍ୟ ଥିଲେ । କୁଚ୍ ବେହାର ଟ୍ରଫିରେ ମୋଟାମୋଟି (କେବଳ ଫାଇନାଲ୍ ମ୍ୟାଚ୍ ନୁହେଁ, ସମସ୍ତ ମ୍ୟାଚ୍କୁ ହିସାବକୁ ନେଲେ) ଭାବେ ଦେଖିଲେ ପ୍ରଖରଙ୍କ ଏହି ସ୍କୋର ହେଉଛି ଦ୍ୱିତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର । ୨୦୧୧ରେ ମହାରାଷ୍ଟ୍ର ପକ୍ଷରୁ ବିଜୟ ଜୋଲ ଆସାମ ବିପକ୍ଷରେ ୪୫୧ ରନ୍ କରିଥିଲେ, ଯାହା ଏବେ ବି ରେକର୍ଡ ହୋଇ ରହିଛି । କର୍ଣ୍ଣାଟକା ଚଳିତ କୁଚ୍ ବେହାର ଟ୍ରଫିର ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚର ଚତୁର୍ଥ ତଥା ଶେଷ ଦିନ ଥିବା ବେଳେ ପ୍ରଥମ ଇନିଂସରେ ଅଗ୍ରଣୀ ଆଧାରରେ କର୍ଣ୍ଣାଟକାକୁ ବିଜୟୀ ଘୋଷଣା କରାଯାଇଥିଲା । ଶିମୋଗା ସ୍ଥିତ କେଏସ୍ସିଏ ନବୁଲେ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳା ଯାଇଥିଲା । ଏହି ମ୍ୟାଚରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ପୁଅ ସମିତ ମଧ୍ୟ ଖେଳୁଥିଲେ । ସେ ୫ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସି ୪୬ଟି ବଲରୁ ୨୨ ରନ୍ କରିଥିଲେ । ସେହିପରି ସେ ୨ଟି ୱିକେଟ୍ ନେଇଥିଲେ । ହର୍ଷିଲ ଧର୍ମାନି ୨୨୮ଟି ବଲରୁ ୧୯ ଚୌକା ଓ ୫ ଛକା ସହାୟତାରେ ୧୬୯ ରନ୍ କରିଥିଲେ । ପ୍ରଖର ଓ ହର୍ଷିଲଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୨୯୦ ରନର ଭାଗିଦାରୀ ହୋଇଥିଲା । ସେହିପରି ନବମ ୱିକେଟରେ ସମର୍ଥ ଏନ୍ଙ୍କ ସହିତ ମିଶି ପ୍ରଖର ଅପରାଜିତ ୧୬୩ ରନର ପାର୍ଟନରଶିପ୍ କରିଥିଲେ । ଏହା ପରେ ଇନିଂସ ଘୋଷଣା ହୋଇଯାଇଥିଲା ।




# ଜାଭେଲିନ୍ ଫିଙ୍ଗାଳି କିଶୋର ଜେନାଙ୍କ ମତ : ଶୃଙ୍ଖଳା ହିଁ ସଫଳତାର ମାପକାଠି




**ଭୁବନେଶ୍ୱର(ଏନ୍.ଏମ୍.):** ଶୃଙ୍ଖଳା ଓ କଠିନ ପରିଶ୍ରମ ହିଁ ସଫଳତାର ମାପକାଠି । ଏହି ଦୁଇ ନିୟମ ସହ ପ୍ରଶିକ୍ଷକଙ୍କ ନିର୍ଦ୍ଦେଶାବଳୀକୁ ମାନି ଖେଳିଲେ ଦିନେ ସଫଳତା ନିଶ୍ଚିତ ଆସିବ ବୋଲି ଏସିଆଡ୍ କ୍ରୀଡ଼ା ପଦକ ବିଜେତା ଜାଭେଲିନ୍ ଫିଙ୍ଗାଳି କିଶୋର ଜେନା କହିଛନ୍ତି । କଳିଙ୍ଗ ଷ୍ଟାଡିୟମ୍ ଟେନିସ ସେଣ୍ଟରରେ ଆୟୋଜିତ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍ଜା) ଦ୍ୱାରା ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶାର ଏହି ତାରକା ଆଥଲେଟ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଓସ୍ଜା ସଭାପତି ସନ୍ଦୀପ ମିଶ୍ରଙ୍କ ପୌରୋହିତ୍ୟରେ ଗତ ବୁଧବାର ଅନୁଷ୍ଠିତ ଏହି ପୁରସ୍କାର ଉତ୍ସବରେ ଅଲିମ୍ପିଆନ ଆଥଲେଟ ଅନୁରାଧା ବିଶ୍ୱାଳ ମୁଖ୍ୟଅତିଥି ଓ ଅର୍ଜୁନ ପୁରସ୍କାର ଭାରୋତ୍ତୋଳକ କାଟୁଲୁ ରବି କୁମାର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ । ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ତଥା ଓଡ଼ିଶା ଭାରୋତ୍ତୋଳନର ପିତାମହ ବିଜୟ ଶତପଥୀଙ୍କୁ ଜୀବନବ୍ୟାପି ସାଧନା ନିମନ୍ତେ ପୁରସ୍କୃତ କରାଯଇଛି । ସେ ଅସୁସ୍ଥ ଥିବାରୁ ରବି କୁମାର ତାଙ୍କ ଲାଗି ପୁରସ୍କାର ଗ୍ରହଣ କରିଛନ୍ତି । ପୁରସ୍କାର ବାବଦରେ ଟ୍ରଫି, ଉତ୍ତରୀୟ, ମାନପତ୍ର ଓ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଅବସରରେ କିଶୋରଙ୍କ ପ୍ରଶିକ୍ଷକ ସମରଜିତ ମଲ୍ଲୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ଓସ୍ଜା କାର୍ଯ୍ୟକାରୀ ସଭାପତି କେ. ରବି ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ଯୁଗ୍ମ ସମ୍ପାଦକ ସୁରେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଓସଜାର ଏଭଳି କାର୍ଯ୍ୟକ୍ରମକୁ ପୁରସ୍କାର ବିଜେତା କିଶୋର ଜେନା ଓ ରବି କୁମାର ଭୂୟସୀ ପ୍ରଶଂସା କରିଥିଲେ । ଏହି ଉତ୍ସବରେ ଅନେକ ପ୍ରଶିକ୍ଷକ, କ୍ରୀଡ଼ାବିତ ଏବଂ ଓସ୍ଜାର ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ କିଶୋରଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ପୂର୍ବରୁ ଏହି ପୁରସ୍କାର ପୂର୍ଣ୍ଣିମା ହେମ୍ବ୍ରମ ଓ ଦେବପ୍ରସାଦ ସିଂ, ଅମିତ ରୋହିଦାସ ଓ ବ୍ରଜଭୂଷଣ ମହାନ୍ତି, ପ୍ରମୋଦ ଭଗତ ଓ ପଞ୍ଚାନନ ଗନ୍ତାୟତ, ସ୍ୱୟମସ ମିଶ୍ର ଓ ଅରୁଣ ଦାସ, ବୀରେନ୍ଦ୍ର ଲାକ୍ରା ଓ ଅରୂପାନନ୍ଦ ରାଉତରାୟ, ସ୍ୱସ୍ତି ସିଂହ-ପିଟର ତିର୍କୀଙ୍କୁ ଦିଆଯାଇଛି ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ